# ଧରିତ୍ରୀ DHARITRI



ରାୟଗଡ଼ା, ରବିବାର, ଅକ୍ଟୋବର ୨୫/୨୦୨୦ (୧୬ପୃଷ୍ଠା) | Rayagada, Sunday, October 25/2020 ★

୧୦ମ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ବାହା ହେଲେ ନେହା କକ୍କର

ଖ୍ୟାତନାମା କଣ୍ଠଶିଳ୍ପୀ ନେହା କକ୍କର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେ ତାଙ୍କ ପ୍ରେମିକ ରୋହନପ୍ରିତ୍ ସିଂଙ୍କୁ ଶିଖ୍ ରୀତିନୀତିରେ ବିବାହ କରିଛନ୍ତି। ୧୪

୧୫

## ବରୁଣଙ୍କୁ ୫ଉଇକେଟ ସଫଳତା

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୫ ଉଇକେଟ ସଫଳତା ପାଇଁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି କୋଲ୍‌କାତା ନାଇଟ୍ ରାଇଡର୍ସର ବରୁଣ ଚକ୍ରବର୍ତ୍ତୀ।



### ପାର୍ବଣ ଶୁଭେଚ୍ଛା

ପବିତ୍ର ମହାନବମୀ ଓ ଦଶହରା ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

### ଧରିତ୍ରୀର ଛୁଟି

ମହାନବମୀ ଓ ଦଶହରା ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ଅକ୍ଟୋବର ୨୫ ଓ ୨୬ ତାରିଖ (ରବିବାର, ସୋମବାର) ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ ବୁଧବାର ସକାଳେ ପ୍ରକାଶ ପାଇବ।

# ଜଳ ନଷ୍ଟକଲେ ୫ ବର୍ଷ ଜେଲ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)



- ଜଳ ଅପଚୟ ନେଇ ଏନ୍‌ଜିଟି କ୍ଷୁବ୍ଧ
- ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଚେତାଇଲା ସିଜିଡବ୍ଲ୍ୟୁବି
- ଓଡ଼ିଶାର ୪୪ ବ୍ଲକ, ୨୭ ସହରର ଭୂଗର୍ଭ ଜଳସ୍ତର ଖସୁଛି

ଦିନକୁଦିନ ଜଳର ଅପବ୍ୟବହାର ଏବଂ ଅଯଥା ଅପଚୟ ବଢ଼ିଚାଲିଛି। ବର୍ଷା ଅଭାବରୁ ଦେଶ ତଥା ରାଜ୍ୟର ଅନେକ ଭାଗରେ ପାନୀୟ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ଆସନ୍ତା ୨୦୫୦ ବେଳକୁ ସମଗ୍ର ଦେଶରେ ଜଳ ସଙ୍କଟ ଆହୁରି ଭୟଙ୍କର ହେବ ବୋଲି ପରିବେଶବିତ୍ ଚେତାବନୀ ଦେଲେଣି। ସହର ଓ ଗ୍ରାମାଞ୍ଚଳକୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଯୋଗାଣ ପାଇପ୍‌ରୁ ଅନବରତ ପାଣି ଚାଲୁଥିବା ଦେଖାଯାଉଛି। ଜଳଯୋଗାଣ ସଂସ୍ଥା ଏଥିପ୍ରତି ସେତେଟା ଗୁରୁତ୍ୱ ଦେଉ ନାହିଁ । ଏପରି କି ପାଣି ଟ୍ୟାପ୍ ମଧ୍ୟ ଅନେକ ସମୟରେ ଖୋଲା ରହୁଛି। ଫଳରେ ବହୁ ପରିମାଣର ଜଳ ଅଯଥା ନଷ୍ଟ ହେଉଛି। ଯୋଗାଣ ସଂସ୍ଥାର ଖାମଖିଆଲ ମନୋଭାବ ଯୋଗୁ ଜଳ ଅପଚୟ ଆହୁରି ବଢି ଚାଲିଛି। ଏ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏହାକୁ ରୋକିବା ସକାଶେ କଡ଼ା ପଦକ୍ଷେପ ନେବାକୁ ଏନ୍‌ଜିଟି କେନ୍ଦ୍ର ସରକାରଙ୍କୁ ତାଗିଦ୍ କରିଛନ୍ତି। ଜଳ ଅପଚୟ ରୋକିବା ଦିଗରେ ପଦକ୍ଷେପ ନ ନେଲେ ପରିବେଶ ସୁରକ୍ଷା ଆଇନ ୧୯୮୬ ଅନୁଯାୟୀ ସମ୍ପୃକ୍ତ ସଂସ୍ଥାର ଅଧିକାରୀଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡ଼ିବ।

ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ରୀୟ ଭୂଜଳ ବୋର୍ଡ (ସିଜିଡବ୍ଲ୍ୟୁବି) ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଜଳ ନଷ୍ଟ ରୋକିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚିଠି ଲେଖିଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଜଳଯୋଗାଣ ଶାଖା ଏଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଜଳଯୋଗାଣ କାର୍ଯ୍ୟରେ ସାମିଲ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ କାର୍ଯ୍ୟାଳୟ, ଜଳଯୋଗାଣ ବିଭାଗ, ମ୍ୟୁନିସିପାଲ କର୍ପୋରେଶନ, ମ୍ୟୁନିସିପାଲ କାଉନ୍‌ସିଲ, ବିକାଶ ପ୍ରାଧିକରଣ, ପଞ୍ଚାୟତ କିମ୍ବା ଅନ୍ୟ କୌଣସି ସଂସ୍ଥା ଜଳର ଅପବ୍ୟବହାର ରୋକିବା ଏବଂ ଅଯଥାରେ ଏହାର ଅପଚୟ କରା ନ ଯିବା ଉପରେ ଧ୍ୟାନ ଦେବେ। ଭୂମି ତଳେ ପାଇପ୍ ଦ୍ୱାରା ଜଳଯୋଗାଣ ☞ପୃଷ୍ଠା-୪

# ୨ କୋଟିର ଋଣ ଉପରେ ଚକ୍ରବୃଦ୍ଧି ସୁଧ ଛାଡ଼

ନୂଆଦିଲ୍ଲୀ,୨୪।୧୦

ପାର୍ବଣରେ ଋଣଗ୍ରହୀତାଙ୍କ ଲାଗି ଖୁସି ଖବର। ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ଛାଡ଼ ନିଷ୍ପତ୍ତି ସମ୍ପର୍କରେ ସରକାର ଶୁକ୍ରବାର ଘୋଷଣା କରିଛନ୍ତି। ମୋରାଟୋରିୟମ ସୁବିଧା ନ ନେଇଥିଲେ ମଧ୍ୟ ଚକ୍ରବୃଦ୍ଧି ସୁଧ ଛାଡ଼ ସୁବିଧା ମିଳିବ ବୋଲି ଜଣାପଡ଼ିଛି। ସୁଧ ଛାଡ଼ ଯୋଜନା ଲାଗୁ କରିବା ଲାଗି ସୁପ୍ରିମକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ କରାଇବା ଲାଗି ଗାଇଡ୍‌ଲାଇନ ଜାରି କରାଯାଇଛି। ଏହି ପଦକ୍ଷେପ କାର୍ଯ୍ୟକାରୀ ହେବା ଦ୍ୱାରା ରାଜକୋଷକୁ ପ୍ରାୟ ୬,୫୦୦ କୋଟି ଟଙ୍କାର ବୋଝ ପଡ଼ିବ। ସାଧାରଣ ଲୋକଙ୍କ ଦୀପାବଳି ଖୁସି ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି ଅକ୍ଟୋବର ୧୪ରେ ସର୍ବୋଚ୍ଚ ଅଦାଲତ କହିଥିଲେ। ☞ପୃଷ୍ଠା-୪

# ପୀଡ଼ିତା ୨୪ ଘଣ୍ଟା ନିଖୋଜ

ସୁନ୍ଦରଗଡ଼,୨୪।୧୦(ଡି.ଏନ.ଏ.)

**ବୀରମିତ୍ରପୁର ଥାନାରେ ନାବାଳିକା ବଳାତ୍କାର, ଗର୍ଭପାତ ଘଟଣା**

ଗତ ଜୁନ୍‌ରେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ଘଟିଥିବା ନାବାଳିକା ବଳାତ୍କାର ଓ ଗର୍ଭପାତ ଘଟଣା ନୂଆମୋଡ଼ ନେଇଛି। ଏହି ଘଟଣା ପରେ ବଳାତ୍କାରର ଶିକାର ହୋଇଥିବା ନାବାଳିକାଙ୍କୁ ସୁରକ୍ଷା ଦୃଷ୍ଟିରୁ ଗତ ଜୁଲାଇ ୧୧ରେ ରାଉରକେଲା ଛେଣ୍ଡସ୍ଥିତ ଶିଶୁ ଯତ୍ନକାରୀ ଅନୁଷ୍ଠାନରେ ରଖାଯାଇଥିଲା। ଗତ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରୁ ସେ ନିଖୋଜ ହୋଇଥିବାବେଳେ ରାତିରେ ପୋଲିସ ତାଙ୍କୁ ଠାବ କରିଥିବା ଜଣାପଡ଼ିଛି। ପୀଡ଼ିତା ସେଠାରୁ ପାଚେରି ଡେଇଁ ଫେରାର୍ ହୋଇଥିବା ଜଣାପଡିବା ପରେ ଅନୁଷ୍ଠାନ ପକ୍ଷରୁ ଶିଶୁ ସୁରକ୍ଷା ସମିତିକୁ ଅବଗତ କରାଯାଇଥିଲା । ପରେ ଏ ସଂକ୍ରାନ୍ତରେ ଛେଣ୍ଡ ଥାନାରେ ଅଭିଯୋଗ କରାଯାଇଛି । ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଏପରି କି ଚାଇଲ୍ଡ ଲାଇନ ଓ ରେଲୱେ ଚାଇଲ୍ଡ ଲାଇନକୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ପୀଡିତା ନାବାଳିକାଙ୍କୁ ଉଦ୍ଧାର ପାଇଁ ବିଭିନ୍ନ ଦିଗରୁ ଉଦ୍ୟମ ଚାଲିଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବତ୍ସ ଜେନା କହିଛନ୍ତି। ସୂଚନା ଅନୁଯାୟୀ ନାବାଳିକାଙ୍କୁ ରଖାଯାଇଥିବା ଅନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି ଥିଲା। ୩ ଜଣ ସୁରକ୍ଷା କର୍ମୀ ସେଠାରେ ମୁତୟନ କରାଯାଇଥିଲା । ସବୁଠି ସିସିଟିଭି କ୍ୟାମେରା ଲଗାଯାଇଥିଲା। ଏହାପରେ ବି ନାବାଳିକା ଜଣକ ପଛ ☞ପୃଷ୍ଠା-୪

# ଜିତିଲେ ମାଗଣା ଟିକା: ବିଡେନ୍



ୱାଶିଂଟନ, ୨୪।୧୦

ନଭେମ୍ବର ୩ରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ଏନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡେମୋକ୍ରାଟିକ୍ ଦଳର ପ୍ରାର୍ଥୀ ଜୋ ବିଡେନ୍‌ଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଜାରି ରହିଛି। ବିଡେନ୍ ଟ୍ରମ୍ପ୍‌ଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ, ଆମେରିକା ଲୋକେ ☞ପୃଷ୍ଠା-୪

ଆଉ ୨ କମ୍ପାନୀରୁ ପୁଞ୍ଜି ପ୍ରତ୍ୟାହାର କରିବେ କେନ୍ଦ୍ର ସରକାର ☞ପୃଷ୍ଠା-୧୧







# କରୋନାରୂପୀ ମହିଷାସୁରକୁ ବଧକଲେ ମା'



**ହାଇଦ୍ରାବାଦ:** କରୋନା ଭାଇରସ୍ ଏବେ ରାକ୍ଷସ ଭଳି ସମସ୍ତଙ୍କୁ ଭୟଭୀତ କରି ରଖିଛି। ସେଥିପାଇଁ ଏହି ରାକ୍ଷସକୁ ଏଥର ବିନାଶ କରିବା ପାଇଁ ମାଆ ଦୁର୍ଗା ଆସିଛନ୍ତି। ଏଭଳି ଥିମ୍‌ରେ ଦେବୀ ଦୁର୍ଗାଙ୍କର ଏକ ସୁନ୍ଦର ମୂର୍ତ୍ତି ତିଆରି ହୋଇଛି ହାଇଦ୍ରାବାଦର ଏକ ପୂଜା ମଣ୍ଡପରେ।

ହାଇଦ୍ରାବାଦର ତେଲଙ୍ଗାନାରେ ଏକ ଦୁର୍ଗାପୂଜା ମଣ୍ଡପରେ ଦୁର୍ଗାଙ୍କର ୩୧ ଫୁଟର ଏକ ମୂର୍ତ୍ତି କରାଯାଇଛି, ଯେଉଁଥିରେ କରୋନା ଭାଇରସ୍‌କୁ ମହିଷାସୁର ରୂପ ଦିଆଯାଇଛି। ତେଣୁ ମାଆ ଦୁର୍ଗା କରୋନାରୂପୀ ମହିଷାସୁରକୁ ହତ୍ୟା କରି ପୃଥିବୀପୃଷ୍ଠକୁ ରକ୍ଷା କରୁଛନ୍ତି। ମୂର୍ତ୍ତିଟି ଇକୋଫ୍ରେଣ୍ଡଲି, କାରଣ ଏହାକୁ କେବଳ ମାଟି ଓ ଘାସରେ ହିଁ ତିଆରି କରାଯାଇଛି। ଏହା ବ୍ୟତୀତ ଏଥିରେ କେବଳ ପେଣ୍ଟିଂ ନିମନ୍ତେ ବ୍ୟବହାର କରାଯାଉଥିବା ୱାଟର କଲର ପ୍ରୟୋଗ କରାଯାଇଛି। ମୂର୍ତ୍ତିକୁ ଏଭଳି ଥିମ୍‌ରେ ତିଆରି କରିଛନ୍ତି କୋଲକାତାର ମୂର୍ତ୍ତି ତିଆରି କାରିଗରମାନେ। ତେଣୁ ମୂର୍ତ୍ତି କୋଲକାତାରୁ ଆସି ହାଇଦ୍ରାବାଦରେ ପୂଜାମଣ୍ଡପରେ ସ୍ଥାନ ପାଇଛି। ପ୍ରତିବର୍ଷ ଦେବୀଙ୍କ ମୂର୍ତ୍ତିକୁ ଏହି ମଣ୍ଡପରେ ବେଶ୍ ଆକର୍ଷଣୀୟ ଢଙ୍ଗରେ କରିବା ପାଇଁ ଚେଷ୍ଟା କରାଯାଇଥାଏ ବୋଲି କହିଛି ଏହି ମଣ୍ଡପର ପୂଜା କମିଟି। ଆଗରୁ ୪୫ରୁ ୫୦ ଫୁଟର ମୂର୍ତ୍ତି ତିଆରି କରାଯାଉଥିବାବେଳେ ଏଥର କରୋନା କଟକଣା ପାଇଁ ୩୧ ଫୁଟର ମୂର୍ତ୍ତି ଗଢାଯାଇଛି ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ତେବେ ପୂଜା ମଣ୍ଡପରେ ସବୁ ପ୍ରକାରର କୋଭିଡ୍ କଟକଣାକୁ ପାଳନ କରାଯାଉଛି। ପୂଜା କମିଟିର ସଦସ୍ୟ ତଥା ଅନ୍ୟମାନଙ୍କୁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି।

# 'ଗର୍ବ' ଟଏଲେଟ୍



**ଲକ୍ଷ୍ନୌ:** ଏମିତି ଏକ ଟଏଲେଟ୍ ଅଛି ଯେଉଁଠି ଲୋକଙ୍କ ବ୍ୟବହାର ପରେ ଜଳ ସଂରକ୍ଷଣ ତ ହୋଇଥାଏ ଏହା ସହିତ କରୋନା ସଂକ୍ରମଣ ହେବାର ସମ୍ଭାବନା ବି ନ ଥାଏ। ଏଭଳି ଏକ ବିଶେଷ ଧରଣର ଟଏଲେଟ୍ ତିଆରି କରିଛି ଉତ୍ତରପ୍ରଦେଶର କାନପୁରରେ ଥିବା ଆଇଆଇଟି। ଏହି ଟଏଲେଟ୍‌ର ନାଁ ରହିଛି 'ଗର୍ବ ଟଏଲେଟ୍'।

ଆଇଆଇଟି କାନପୁରର ଇନ୍‌କ୍ୟୁବେଶନ୍ ସେଣ୍ଟରରେ ବିକଶିତ କରାଯାଇଛି ଏହି ଗର୍ବ ଟଏଲେଟ୍। ଖାସ୍ କଥା ହେଉଛି ଏଥିରେ ଲାଗିଥିବା ବାୟୋ ଡାୟଜେଷ୍ଟର ଟ୍ୟାଙ୍କ ଲଗାଯାଇଛି, ଯାହା ପାଣିକୁ ପୁଣି ଥରେ ବ୍ୟବହାର ଉପଯୋଗୀ କରିପାରେ। ତେବେ ଏହି ପାଣିରେ ଗାଡ଼ି ଧୋଇବା କିମ୍ବା ଜଳସେଚନ କାମ କରିହେବ। ଟଏଲେଟ୍‌ରେ କରୋନା ସଂକ୍ରମଣକୁ ରୋକିଥାଏ ଅଲ୍‌ଟ୍ରା ଭାଓଲେଟ୍ ଲାଇଟ୍। ଏହି ଲାଇଟ୍ ୨୪ ଘଣ୍ଟା ଟଏଲେଟ୍‌କୁ ସାନିଟାଇଜ୍ କରିଥାଏ। ଟଏଲେଟ୍ ଭିତରକୁ ପଶିବା ମାତ୍ରେ ଲାଇଟ୍ ଓ ଫ୍ୟାନ୍ ଆପେ ଆପେ ଚାଲିଥାଏ ଓ ବାହାରକୁ ଆସିବା ମାତ୍ରେ ତାହା ବନ୍ଦ ହୋଇଯାଏ। ଟଏଲେଟ୍‌ର କୌଣସି ସୁଇଚ୍ କିମ୍ବା ଟ୍ୟାପ ଆଦି ଛୁଇଁବାକୁ ପଡ଼ି ନ ଥାଏ। ସବୁକିଛି ଏଠାରେ ଆପେ ଆପେ ଚାଲେ। ଏଭଳି ଏକ ଟଏଲେଟ୍ ତିଆରି ନିମନ୍ତେ ପ୍ରଥମେ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ ଗୁଜରାଟରୁ ଏମ୍‌ବିଏ କରିଥିବା ଫରିଦାବାଦର ଛାତ୍ର ମୟଙ୍କ ମିଢା। ଟଏଲେଟ୍‌ର ଡିଜାଇନ୍ କରିବା ପରେ ସେ ଏହାକୁ ଆଇଆଇଟିର ଇନ୍‌କ୍ୟୁବେଶନ୍ ସେଣ୍ଟର ପଠାଇଥିଲେ। ସେଠାରୁ ଅନୁମତି ମିଳିବା ପରେ ହିଁ ଏହି ଟଏଲେଟ୍ ତିଆରି କରାଯାଇଛି। ସାଧାରଣ ଟଏଲେଟ୍‌ରେ ଯେଉଁଠି ୬ ରୁ ୭ ଲିଟର ପାଣି ଖର୍ଚ୍ଚ ହୋଇଥାଏ ସେହି ସ୍ଥାନରେ ଗର୍ବ ଟଏଲେଟ୍‌ରେ ମାତ୍ର ଦେଢ ଲିଟର ପାଣି ଆବଶ୍ୟକ ହୁଏ। ଏଥିରେ ଶକ୍ତି ସଂରକ୍ଷଣ ନିମନ୍ତେ ସୋଲାର ପ୍ୟାନେଲ ଲଗାଯାଇଛି। ଏହି ଟଏଲେଟ୍ ତିଆରି କରିବା ପାଇଁ ୧.୭୦ ଲକ୍ଷରୁ ୬ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ ହୋଇଥାଏ।

ଜେନେଭାର ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍‌ସ (ଏସ୍‌ଡିଜି) ଫାଇନାନ୍ସ ଏହାକୁ ବିଶ୍ୱର ଟପ୍ ୨୮ଟି ନବୋନ୍ମେଷୀ ଷ୍ଟାର୍ଟଅପ୍ ତାଲିକାରେ ସ୍ଥାନ ଦେଇଛି।

# ସୋସିଆଲ ମିଡିଆରେ 'ଫ୍ରି ଟ୍ରି'

**ନୂଆଦିଲ୍ଲୀ:** କାହା ପାଇଁ ପୁରୁଣା ଏବଂ ଅଦରକାରୀ ହୋଇଥିବା ଜିନିଷ ଆଉକାହାର ସ୍ୱପ୍ନ ହୋଇପାରେ। ଆମ ଆଖପାଖରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ଦୁଇବେଳା ଖାଇବା, ଭଲ ପୋଷାକ ପିନ୍ଧିବା ଏବଂ ଇଚ୍ଛା ମୁତାବକ ଜିନିଷ ବ୍ୟବହାର କରିପାରି ନ ଥାନ୍ତି। ଅପରପକ୍ଷେ ଧନୀଲୋକେ ଅନେକ ସମୟରେ ଖାଦ୍ୟ, ପୋଷାକ ଏବଂ ବ୍ୟବହାର୍ଯ୍ୟ ଜିନିଷକୁ ନଷ୍ଟ କରିବା ଦେଖିବାକୁ ମିଳିଥାଏ। କିନ୍ତୁ ଏମିତି ଏକ ଗଛ ରହିଛି ଯେଉଁଠାରେ ଗରିବ ଲୋକଙ୍କ ପାଇଁ ମାଗଣାରେ ଆବଶ୍ୟକ ଜିନିଷ ମିଳିପାରିବ। ଏମିତି ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗଛଟିର ବିଭିନ୍ନ ପ୍ରକାର ଜିନିଷ ଝୁଲାଯାଇଥିବା ନଜରକୁ ଆସିଛି। ଏଥିସହ ଗଛରେ ଉଲ୍ଲେଖ ରହିଛି, ଫ୍ରି ଟ୍ରି ସହ ମିଶନ୍ତୁ। ଯାହା ଇଚ୍ଛା ନେଇଯାଆନ୍ତୁ। ତେବେ ଗଛଟି କେଉଁଠାରେ ରହିଛି ତାହାର ସଠିକ୍ ସ୍ଥାନ ଜଣାପଡ଼ିନାହିଁ। ଫଟୋଟିକୁ ଅନେକ ଲୋକ ପସନ୍ଦ କରିଛନ୍ତି। ଏଥିରେ ପ୍ରତିକ୍ରିୟା ରଖି ଜଣେ ବ୍ୟକ୍ତି ଲେଖିଛନ୍ତି, ଅତି ସୁନ୍ଦର ଉପାୟ। ନିଜେ ବ୍ୟବହାର କରୁ ନ ଥିବା ଜିନିଷ ସେଠାରେ ରଖିପାରିବେ। ଏହାଦ୍ୱାରା ଆବଶ୍ୟକ କରୁଥିବା ଲୋକେ ତାହାକୁ ନେଇ ବ୍ୟବହାର କରିପାରିବେ। ଅନ୍ୟମାନେ ମଧ୍ୟ ଏହି ଉପାୟକୁ ଆପଣାଇବା ଉଚିତ ବୋଲି କହିଛନ୍ତି। ସେହପରି ଅନ୍ୟଜଣେ ବ୍ୟକ୍ତି ଲେଖିଛନ୍ତି, ବର୍ଷାରେ ଜିନିଷଗୁଡ଼ିକ ନଷ୍ଟ ହେବା ପୂର୍ବରୁ ଆବଶ୍ୟକ କରୁଥିବା ଲୋକେ ଜିନିଷ ନେଇଯାଆନ୍ତୁ।




# ୟାମି କାୱାଇ ଫ୍ୟାଶନ



**ଟୋକିଓ:** ପରମ୍ପରାକୁ ଜାବୁଡ଼ି ଧରିଥିବା ଦେଶ ଜାପାନରେ ଏବେ ଆଉ ଏକ ଅଜବ ଫ୍ୟାଶନ ଟ୍ରେଣ୍ଡ୍ କରୁଛି। ଏଠାକାର ଯୁବତୀମାନେ ରାସ୍ତାରେ ରକ୍ତଭିଜା କପଡ଼ା ପିନ୍ଧି ବୁଲୁଛନ୍ତି। ଏପରିକି ଆଖି ତଳେ କଳା ଦାଗ ଏବଂ ବେକରେ ରକ୍ତଭରା ସିରିଞ୍ଜ୍ ରଖିଥିବା ମଧ୍ୟ ଦେଖିବାକୁ ମିଳୁଛି। ଖାଲି ଏତିକି ନୁହେଁ, କପଡ଼ା ଉପରେ ଲେଖା ହୋଇଛି ; ମୁଁ ମରିବାକୁ ଚାହୁଁଛି। ଜାପାନରେ ଟ୍ରେଣ୍ଡ୍ କରୁଥିବା ଏହି ଫ୍ୟାଶନକୁ 'ୟାମି କାୱାଇ' କୁହାଯାଉଛି। ଏହି ଫ୍ୟାଶନ ବିଶେଷକରି ଡିପ୍ରେସନ ଏବଂ ଆତ୍ମହତ୍ୟା ସହିତ ଜଡ଼ିତ।

ୟାମି କାୱାଇ ଦୁଇଟି ଜାପାନୀ ଶବ୍ଦ ମିଶାଇ ଗଠନ ହୋଇଛି। ୟାମିର ଅର୍ଥ ବିମାର ଏବଂ କାୱାଇର ଅର୍ଥ ସୁନ୍ଦର। ଏମିତି ଲେଖି ଯୁବତୀମାନେ ଜଣାଇବାକୁ ଚାହାନ୍ତି କି ସେମାନେ ଆତ୍ମହତ୍ୟା କରିବାକୁ ଚାହୁଁଛନ୍ତି। ସେମାନଙ୍କୁ ସାହାଯ୍ୟ କରନ୍ତୁ। ଏହି ପରମ୍ପରା ୨୦୧୫ ମସିହାରୁ ଚାଲିଆସୁଥିଲେ ହେଁ ଏବେ ଏହାର ଲୋକପ୍ରିୟତା ଆହୁରି ବଢ଼ିଯାଇଛି। ଜାପାନରେ ଦିନକୁ ଦିନ ଆତ୍ମହତ୍ୟା ମାମଲା ବଢ଼ିଚାଲିଛି। ଏକ ରିପୋର୍ଟ ଅନୁଯାୟୀ, ଅଗଷ୍ଟରେ ଜାପାନରେ ୧୮୫୪ ଜଣ ଆତ୍ମହତ୍ୟା କରିଥିବା ବେଳେ ବର୍ତ୍ତମାନ ଏହି ହାର ୪୦ ପ୍ରତିଶତ ବଢ଼ିଛି। ଏଥିରୁ ରକ୍ଷା ପାଇବା ପାଇଁ ଯୁବତୀମାନେ ଏପରି ପଦକ୍ଷେପ ଆପଣାଇଛନ୍ତି।

# ପରିବାରର ୬ଝିଅ ବୈଜ୍ଞାନିକ

**ଚଣ୍ଡିଗଡ଼:** ଦିନ ଥିଲା ଯେତେବେଳେ ଝିଅମାନଙ୍କୁ ଲୋକେ ବୋଝ ବୋଲି ଭାବୁଥିଲେ। କିନ୍ତୁ ଆଜି ଏହା ଭୁଲ୍ ପ୍ରମାଣିତ ହୋଇଛି। ଝିଅମାନେ ବି ପୁଅମାନଙ୍କ ଭଳି ପରିବାର ପାଇଁ ସବୁ ପ୍ରକାରର ସୁନାମ ଆଣିପାରନ୍ତି। ଏହାର ପ୍ରମାଣ ହେଉଛନ୍ତି ହରିୟାଣା ସୋନିପତ୍‌ର ମଦାନା ଗାଁର ଶିକ୍ଷକ ଜଗଦେବ ଦହିୟାଙ୍କ ଝିଅ। ଜଗଦେବଙ୍କର ଛଅଜଣ ଝିଅ ଏବେ ବୈଜ୍ଞାନିକ ହୋଇ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛନ୍ତି।

ମଦାନା ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି ଜଗଦେବ। କିନ୍ତୁ ଏବେ ତାଙ୍କର ସ୍ୱତନ୍ତ୍ର ପରିଚୟ, କାହିଁକି ନା ସେ ହେଉଛନ୍ତି ଛଅ ଜଣ ବୈଜ୍ଞାନିକଙ୍କ ଜନ୍ମଦାତା। ତାଙ୍କର ଛଅ ଝିଅ ଓ ଗୋଟିଏ ପୁଅ। ତେବେ ୬ଜଣଯାକ ଝିଅ ଏବେ ବୈଜ୍ଞାନିକ ହୋଇ ବିଭିନ୍ନ ସ୍ଥାନରେ କାମ କରୁଛନ୍ତି। ପ୍ରଥମେ ଯେତେବେଳେ ଜଗଦେବଙ୍କର ଛଅଟି ଝିଅ ହୋଇଥିଲେ ସେତେବେଳେ ସମସ୍ତେ ତାଙ୍କୁ ବିରାଟ ବଡ଼ ବୋଝ ବୋଲି କହିଥିଲେ। କିନ୍ତୁ ଜଗଦେବ କାହା କଥା ବି ନ ଶୁଣି ସବୁ ଝିଅଙ୍କୁ ଶିକ୍ଷାଦାନର ସୁଯୋଗ ଦେଇଥିଲେ। ସବୁ ଝିଅ ପାଠପଢ଼ି ଡକ୍ଟରେଟ୍ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ୪ଝିଅ ଏବେ ବିଦେଶରେ ରିସର୍ଚ୍ଚ କରୁଛନ୍ତି। ଜଗଦେବଙ୍କ ବଡ଼ ଝିଅ ସଙ୍ଗୀତା ଫିଜିକ୍ସରେ ଡକ୍ଟରେଟ୍, ମୋନିକା ଓ ନୀତୁ ବାୟୋଲୋଜିରେ ଏବଂ କଳ୍ପନା, ଡେନି ଓ ସାନ ଝିଅ ରୁଚି ଗଣିତରେ ଡକ୍ଟରେଟ୍ କରିଛନ୍ତି। ସଙ୍ଗୀତା ଜିବିଏସ୍ କଲେଜରେ ଫିଜିକ୍ସ ପ୍ରଫେସର ଏବଂ ଚତୁର୍ଥ ଝିଅ କଳ୍ପନା ପଞ୍ଜାବ ବିଶ୍ୱ ବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

ମୋନିକା କାନାଡାର ଟରଣ୍ଟୋରେ ବୈଜ୍ଞାନିକ ଅଛନ୍ତି ଏବଂ ନୀତୁ ଆମେରିକାରେ ଫୁଡ୍ ଆଣ୍ଡ ଡ୍ରଗ୍ ଡିପାର୍ଟମେଣ୍ଟରେ ବୈଜ୍ଞାନିକ ଅଛନ୍ତି। ଡେନି ୱାଶିଂଟନ୍‌ର ସ୍ୱାସ୍ଥ୍ୟ ବିଭାଗରେ ବୈଜ୍ଞାନିକ ଏବଂ ରୁଚି ଆମେରିକାର ୟୁନିଅନ୍ ଅଫ୍ ଏରିଜୋନ୍‌ରେ ରିସର୍ଚ୍ଚ କରୁଛନ୍ତି। ଜଗଦେବଙ୍କର ଝିଅମାନେ ଏବେ ଦେଶ ବିଦେଶରେ ସ୍ୱତନ୍ତ୍ର ନାଁ କରିଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ତାଙ୍କୁ ଆଜି ଭାଗ୍ୟବାନ୍ ବୋଲି କହୁଛନ୍ତି। ତେବେ ଝିଅମାନଙ୍କୁ ପୁଅଙ୍କ ଭଳି ଜଗଦେବ ସମାନ ସୁବିଧାସୁଯୋଗ ଦେଇ ବଡ଼ କରିଛନ୍ତି ଓ ସମସ୍ତେ ତାଙ୍କ ଭଳି ଝିଅଙ୍କୁ ସୁବିଧା ଦେବା ଉଚିତ ବୋଲି ସେ କହିଛନ୍ତି।





**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୨୭,୧୭,୧୧୭ | ୧୧,୫୨,୧୬୪ | ୩,୧୫,୪୫,୫୫୪ |
| ଭାରତ | ୭୮,୪୫,୩୨୮ | ୧,୧୮,୩୨୦ | ୭୦,୫୪,୨୫୨ |
| ଓଡ଼ିଶା | ୨,୭୯,୫୮୨ | ୧୨୨୯(+୫୩) | ୨,୬୨,୦୩୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଡିସେମ୍ବର ୧ରୁ ଭିତରକନିକାରେ ଇକୋ ରିଟ୍ରିଟ୍

**କେନ୍ଦ୍ରାପଡ଼ା ଅଫିସ, ୨୪।୧୦:** ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ ତିନିମାସିଆ ଇକୋ ରିଟ୍ରିଟ୍ ଆୟୋଜନ ହେବ। ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବୈଠକର ଆଲୋଚନା ଅନୁଯାୟୀ, ଏହି ଉତ୍ସବ ଭାରତର ଦ୍ୱିତୀୟ ବୃହତ୍ତମ ହେନ୍ତାଳବଣ ଘେରା ଜଙ୍ଗଲର ଜୈବ ବିବିଧତାର ପ୍ରଚାର ପ୍ରସାର ସହିତ ପର୍ଯ୍ୟଟକଙ୍କ ଆଗମନକୁ ବହୁଗୁଣିତ କରିବ। ଉତ୍ସବ ପାଇଁ ଜାତୀୟ ଉଦ୍ୟାନର ୬ କିଲୋମିଟର ଦୂର ନଳିତାପାଟିଆକୁ ଚିହ୍ନଟ କରାଯାଇଛି। ୧୫ଟି ବିଳାସପୂର୍ଣ୍ଣ ଟେଣ୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟମେଳା, ବନ୍ୟ ଅଭିଯାନ, ପେଣ୍ଠ ବେଳାଭୂମିରେ ସ୍ୱତନ୍ତ୍ର ଉତ୍ସବ ଆଦି ଅନୁଷ୍ଠିତ ହେବ ବୋଲି ବୈଠକ ପରେ ଡିଏଫ୍ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ଚିତ୍ରା ହରିଣ, ଲୁଣା କୁମ୍ଭୀର, ପାଣି ଗୋଧି, ବିଭିନ୍ନ ସରୀସୃପ, ଶମ୍ବର ଆଦି ପର୍ଯ୍ୟଟକଙ୍କ ଆକର୍ଷଣ ହେବ। ଏହାସହିତ ଦେଶୀବିଦେଶୀ ପକ୍ଷୀ ଏହି ସମୟରେ ଦେଖାଯାଉଥିବାରୁ ଇକୋ ରିଟ୍ରିଟ୍‌ର ପ୍ରଭାବ ସୁଦୂରପ୍ରସାରୀ ହେବ। ବନ୍ୟଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଉତ୍ସବସ୍ଥଳ ସୁରକ୍ଷିତ ଦର୍ଶାଇଛନ୍ତି। ପର୍ଯ୍ୟଟକମାନେ ହାବେଳିଖଟି, ଗୁପ୍ତି ଓ ଡାଙ୍ଗମାଳରେ ରାତ୍ରିଯାପନ କରିପାରିବେ ବୋଲି ସେ ମତ ଦେଇଛନ୍ତି।




# ୫ ଦିନ ବର୍ଷା ନାହିଁ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ରାଜ୍ୟରେ ଆଉ ବର୍ଷାର ସମ୍ଭାବନା ନାହିଁ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଲେଉଟାଣି ନେଇ ପାଗ ଅନୁକୂଳ ହେଲାଣି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ସୁନ୍ଦରଗଡ, କେନ୍ଦୁଝର, ଝାରସୁଗୁଡା, ଦେବଗଡ, ସମ୍ବଲପୁର, ସୁବର୍ଣ୍ଣପୁର ଜିଲାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ଘୋଷଣା କରାଯିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଦିନକ ପରେ ସମଗ୍ର ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ଘୋଷଣା କରାଯିବ। ମୌସୁମୀ ଦୁର୍ବଳ ହୋଇଯାଉଥିବାରୁ ଆସନ୍ତା ୫ ଦିନ ଯାଏ ରାଜ୍ୟରେ ବର୍ଷାର କୌଣସି ସମ୍ଭାବନା ନାହିଁ।

ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକ ବର୍ଷା ହୋଇଛି। ଜୁନ୍ ପହିଲାରୁ ଅକ୍ଟୋବର ୨୪ ମଧ୍ୟରେ ସ୍ୱାଭାବିକ ଭାବେ ୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ଅନ୍ୟ ପକ୍ଷରେ ବାୟୁମଣ୍ଡଳରୁ ଆର୍ଦ୍ରତା ହ୍ରାସ ପାଉ ନ ଥିବାରୁ ଶୀତ ଆରମ୍ଭ ହୋଇ ନାହିଁ। ଏବେ ବି ବାୟୁମଣ୍ଡଳରେ ୫୫ ପ୍ରତିଶତରୁ ୧୦୦ ପ୍ରତିଶତ ମଧ୍ୟରେ ଆର୍ଦ୍ରତା ରହୁଛି। ଉତ୍ତର ପଶ୍ଚିମ ଦିଗରୁ ପବନ ବହିବା ଆରମ୍ଭ ହେଉଥିବାରୁ ରାଜ୍ୟରେ ଧୀରେ ଧୀରେ ଶୀତ ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶନିବାର ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୭.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ୧,୪୫,୩୫୫ ଯୁବପିଢ଼ି ସଂକ୍ରମିତ

## ଦିନକରେ ୧୫ ମୃତ,୧,୬୯୫ ଚିହ୍ନଟ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଗତ କିଛି ଦିନ ହେବ ୨ହଜାର ତଳକୁ ଦୈନିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏହାସତ୍ତ୍ୱେ ରାଜ୍ୟର ୨୩ଜିଲା ରେଡ୍ ଜୋନ୍‌ରେ ରହିଥିବାବେଳେ ୬ଟି ଜିଲା ୟେଲୋ ଜୋନ୍‌ରେ ରହିଛି। କେବଳ ଦେବଗଡ଼ ଜିଲା ଗ୍ରୀନ୍ ଜୋନ୍‌ରେ ଥିବାବେଳେ ସର୍ବନିମ୍ନ ମୋଟ ୯୭୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଏଯାବତ୍ ୪୨,୮୦,୨୭୪ ନମୁନା ପରୀକ୍ଷା ହୋଇଥିବାବେଳେ ୬.୫୩% କରୋନା ପଜିଟିଭ୍ ବାହାରିଛି। ସଂକ୍ରମିତଙ୍କ ମଧ୍ୟରେ ୩୩% ମହିଳା ଥିବାବେଳେ ୬୭% ପୁରୁଷ ରହିଛନ୍ତି। ତେବେ ରାଜ୍ୟରେ ଯୁବପିଢ଼ି ସର୍ବାଧିକ ସଂକ୍ରମିତ ହୋଇଛନ୍ତି। ୧୫ରୁ ୪୦ବର୍ଷ ବୟସ ମଧ୍ୟରେ ୧,୪୫,୩୫୫ଜଣ ରହିଥିବା ବେଳେ ୪୧ରୁ ୬୦ବର୍ଷ ମଧ୍ୟରେ ୯୦,୮୪୨ ଏବଂ ୬୦ବର୍ଷ ଉପରେ ୨୯,୨୦୪ଜଣ ଓ ଶୂନରୁ ୧୪ବର୍ଷ ମଧ୍ୟରେ ୧୪,୧୮୧ ସଂକ୍ରମିତ ହୋଇଛନ୍ତି।



ଗତ ୨୪ଘଣ୍ଟାରେ ରାଜ୍ୟରେ ୧୫ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମୟୂରଭଞ୍ଜ, ଭୁବନେଶ୍ୱର ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ ଥିବାବେଳେ ଅନୁଗୋଳ, ବୌଦ୍ଧ, ବରଗଡ଼, ଝାରସୁଗୁଡ଼ା, କନ୍ଧମାଳ, ପୁରୀ, ସମ୍ବଲପୁର, ଗଜପତି, ବାଲେଶ୍ୱରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୧,୨୨୯କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଦିନକରେ ୧,୬୯୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ ସେଣ୍ଟରରୁ ୯୮୬ଜଣ ଥିବାବେଳେ ସ୍ଥାନୀୟ ଆକ୍ରାନ୍ତ ୭୦୯ଜଣ ରହିଛନ୍ତି। ଦୀର୍ଘ ମାସ ପରେ ରାଜ୍ୟରେ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ଆକ୍ରାନ୍ତଙ୍କ ସଂଖ୍ୟା ଏକ ହଜାର ତଳକୁ ଖସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୧୮୩ଜଣ ରହିଥିବାବେଳେ ବାଲେଶ୍ୱର ୧୨୮, ସୁନ୍ଦରଗଡ଼ ୧୧୦, କଟକରୁ ୧୦୩ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ସଂକ୍ରମିତ ସଂଖ୍ୟା ଶହେ ତଳକୁ ରହିଥିବାବେଳେ ଗଜପତିରେ ସର୍ବନିମ୍ନ ୭ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨,୭୯,୫୮୨ରେ ପହଞ୍ଚିଛି।









**ଆଜିର ମନ୍ତବ୍ୟ** ଆମେ ଭାଜପା ବିରୋଧୀ, ଦେଶ ବିରୋଧୀ ନୋହୁଁ -**ଫାରୁକ୍ ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଶୁ
ପରିବାରବର୍ଗ


ଶୁଭାଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପୀଡ଼ିତା ୨୪ ଘଣ୍ଟା...

ପାଚେରି ଡେଇଁ ଫେରାର ହୋଇଯିବା ଘଟଣା ବିବାଦ ସୃଷ୍ଟି କରିଛି । ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୫ ତାରିଖରେ ମେଳା ଦେଖିବାକୁ ସମ୍ପୃକ୍ତା ନାବାଳିକା ନିଜ ଗାଁ ରାଏବଗାରୁ ବୀରମିତ୍ରପୁର ଆସିଥିଲେ । ହେଲେ କରୋନା କଟକଣା ଯୋଗୁ ମେଳା ବନ୍ଦ ହୋଇଯାଇଥିଲା । ଫଳରେ ସେଦିନ ସେ ଆଉ ଗାଁକୁ ଫେରି ନ ପାରି ବୀରମିତ୍ରପୁର ବସଷ୍ଟାଣ୍ଡ ପାଖରେ ବୁଲାବୁଲି କରୁଥିଲେ। ପାଟ୍ରୋଲିଂରେ ଥିବା ପୋଲିସ ତାଙ୍କୁ ଥାନାକୁ ଆଣି ରଖିଥିଲା । ପରେ ତତ୍କାଳୀନ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ମାଝି ତାଙ୍କୁ ଥାନାର ଉପର ମହଲାରେ ରଖିଥିଲେ। ହେଲେ ସେଦିନ ରାତିରେ ଥାନା ଅଧିକାରୀ ମାଝି ତାଙ୍କୁ ବଳାତ୍କାର କରିଥିଲେ ବୋଲି ତଦନ୍ତ ପରେ ଜଣାପଡିଥିଲା । ତା'ପରଦିନ ସକାଳୁ ନାବାଳିକାଙ୍କୁ ଗାଁକୁ ନେଇ ଛାଡି ଦିଆଯାଇଥିଲା। ଏହାପରେ ୩ମାସ କାଳ ନିୟମିତ ସମ୍ପୃକ୍ତ ନାବାଳିକାଙ୍କୁ ଥାନାକୁ ଡକାଯାଇ ଉପରେ ମହଲାରେ ରଖାଯାଉଥିଲା। ଥାନା ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖୁଥିଲେ ବୋଲି ଅଭିଯୋଗ ହୋଇଥିଲା। ନାବାଳିକା ଜଣକ ଗର୍ଭବତୀ ହେବା ଜଣାପଡିବା ପରେ ଥାନା ଅଧିକାରୀ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ଦ୍ୱାରା ତାଙ୍କର ଗର୍ଭପାତ କରାଇଥିଲେ। ହେଲେ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ଅଣାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ପରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଓ ଲାଇଲ୍ଡ ଲାଇନକୁ ଏଥିରେ ହସ୍ତକ୍ଷେପ କରିବାକୁ ପଡିଥିଲା । ୧୩ ବର୍ଷୀୟା ଏହି ନାବାଳିକା ନିଜର ଦୁଃଖ ଜଣାଇବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଏବଗା ଥାନାରେ ଅଭିଯୁକ୍ତ ଅଧିକାରୀ ମାଝି ଓ ଗର୍ଭପାତ କରିଥିବା ଡାକ୍ତରଙ୍କ ସମେତ ୫ଜଣଙ୍କ ନାମରେ ଅଭିଯୋଗ କରିଥିଲା । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୪୧/୨୦୨୦) ରୁଜୁ ହୋଇଥିଲା। ଜୁନ୍ ୨୫ରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ ଥାନାରେ ରଖି ନାବାଳିକାଙ୍କୁ ବଳାତ୍କାର, ଆଇଆଇସି ମୁଖ୍ୟ ଖଳନାୟକ ଶୀର୍ଷକରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ରାଜ୍ୟରେ ଝଡ଼ ସୃଷ୍ଟି ହୋଇଥିଲା। ପରେ ଉକ୍ତ ମାମଲାକୁ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା । କ୍ରାଇମ୍‌ବ୍ରାଞ୍ଚ ଅଭିଯୁକ୍ତ ଥାନା ଅଧିକାରୀ ମାଝି, ଅନ୍ୟ ଜଣେ ପୋଲିସ କର୍ମଚାରୀ ଓ ସମ୍ପୃକ୍ତ ଡାକ୍ତରଙ୍କୁ ଗିରଫ କରିଥିଲା । ଶେଷରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ବୀରମିତ୍ରପୁର ଥାନା ଅଧିକାରୀ ମାଝିଙ୍କୁ ଚାକିରିରୁ ବହିଷ୍କାର କରିଥିଲେ । ସବିଶେଷ ସୂଚନା ଅନୁସାରେ ସଂପୃକ୍ତ ନାବାଳିକାଙ୍କୁ ବୀରମିତ୍ରପୁର ଥାନା ଅନ୍ତର୍ଗତ ଝୁଡୁମୁଡୁ ଗାଁ ନିକଟରୁ ପୋଲିସ ଉଦ୍ଧାର କରି ନିଜ ହେପାଜତରେ ରଖିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ୨ କୋଟିର ଋଣ ଉପରେ...

ଋଣ ମୋରାଟୋରିୟମ ମାମଲା ଉପରେ ଶୁଣାଣିକରି ସୁପ୍ରିମକୋର୍ଟ କହିଥିଲେ ଯେ, ଚକ୍ରବୃଦ୍ଧି ସୁଧ ଉପରେ ସରକାର ସ୍ପଷ୍ଟ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। କରୋନା ମହାମାରୀ ଲାଗି ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବାରୁ ୨ କୋଟି ଟଙ୍କାର ଋଣରେ ସୁଧ ଉପରେ ଲାଗୁ ହେଉଥିବା ସୁଧ ଉପରେ ଛାଡ଼ ନିଷ୍ପତ୍ତି ଶୀଘ୍ର ନେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ରହିଥିଲା। ଫେବୃୟାରୀ ୨୯ ସୁଦ୍ଧା ଆକାଉଣ୍ଟ ଅନାଦାୟ ଋଣ (ଏନ୍‌ପିଏ) ଘୋଷଣା ହୋଇ ନ ଥିଲେ ଯୋଜନାର ଲାଭ ଉଠାଇପାରିବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ରହିଛି। ହାଉସିଂ ଋଣ, ଶିକ୍ଷା ଋଣ, କ୍ରେଡିଟ କାର୍ଡ ଦେୟ, ଅଟୋ ଋଣ, କଞ୍ଜ୍ୟୁମର ଡ୍ୟୁରେବଲ ଋଣ ଏହା ମଧ୍ୟରେ ସାମିଲ ରହିଛି। ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ଜଷ୍ଟିସ ଆର୍.ଏସ୍.ରେଡ୍ଡୀ, ଜଷ୍ଟିସ ଏମ୍.ଆର୍. ଶାହ ମଧ୍ୟ ଏହି ଖଣ୍ଡପୀଠରେ ରହିଛନ୍ତି। ନଭେମ୍ବର ୨ରେ ମୋରାଟୋରିୟମ ମାମଲାର ପରବର୍ତ୍ତୀ ଶୁଣାଣି ହେବ। କେନ୍ଦ୍ର ସରକାର ଏବଂ ବ୍ୟାଙ୍କଗୁଡ଼ିକୁ ଏଥିରେ ପକ୍ଷଭୁକ୍ତ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

## ଜଳ ନଷ୍ଟକଲେ ...

କରାଯାଉଥିବା ବେଳେ ଛିଦ୍ରରୁ ନିର୍ଗତ ଜଳର ସଂରକ୍ଷଣ ଓ ଏହାର ମରାମତି କରିବା ଉପରେ ଗୁରୁତ୍ୱ ଦେବେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଲାଗି ଏନ୍‌ଜିଟି ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି। ସେହିଭଳି ଦେଶର କୌଣସି ବ୍ୟକ୍ତି ଜଳର ଅପବ୍ୟବହାର କିମ୍ବା ଅପଚୟ କରିପାରିବେ ନାହିଁ। ଜଳର ଉଚିତ ବ୍ୟବହାର ଓ ସଂରକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି।

ଜଳର ଅପବ୍ୟବହାର ଏବଂ ଅଯଥା ଅପଚୟକୁ ନେଇ ନିକଟରେ ଏନ୍‌ଜିଟି କେନ୍ଦ୍ର ସରକାରଙ୍କୁ କଡ଼ା ଭର୍ତ୍ସନା କରିଥିଲେ। ଏଥିଲାଗି ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଯୋଜନା ପ୍ରସ୍ତୁତ କରି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ ଆଦର୍ଶ କୁମାର ଗୋଏଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଜଳର ଅପବ୍ୟବହାର ଓ ଅପଚୟ ରୋକିବା ଲାଗି ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଯୋଗୁ ଜଳଶକ୍ତି ମନ୍ତ୍ରଣାଳୟ ଓ ଦିଲ୍ଲୀ ଜଳ ବୋର୍ଡକୁ ସମାଲୋଚନା କରିଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଜଳ ଏକ ଅମୂଲ୍ୟ ସମ୍ପଦ। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ କୃଷି, ଶିଳ୍ପ ଓ ଆନୁଷଙ୍ଗିକ କାର୍ଯ୍ୟ ଲାଗି ପ୍ରଚୁର ଜଳର ଆବଶ୍ୟକ ପଡୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଭୂପୃଷ୍ଠରେ ଜଳାଶୟ ଶୁଖିଲା ପଡୁଛି। ଏହାର ପ୍ରଭାବ ସିଧା ସଳଖ ଭୂଗର୍ଭସ୍ଥ ଜଳ ଉପରେ ପଡୁଛି। ଗତ ଦୁଇ ଦଶନ୍ଧି ହେବ ରାଜ୍ୟର ଅନେକ ଭାଗରେ ଭୂଗର୍ଭସ୍ଥ ଜଳସ୍ତର ଭୟଙ୍କର ଭାବେ ହ୍ରାସ ପାଇବାରେ ଲାଗିଛି। ଜଳକୁ ମନଇଚ୍ଛା ବ୍ୟବହାର ଓ ନଷ୍ଟ କରାଯାଉଛି। ଏହାଦ୍ୱାରା ଆଗାମୀ ଦିନରେ ପାଣି ସଙ୍କଟ ଆହୁରି ଉତ୍କଟ ହେବା ଆଶଙ୍କା କରାଯାଉଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ୩୧୪ ବ୍ଲକରୁ ୫ଟି ବ୍ଲକରେ ଭୂତଳ ଜଳ ସମସ୍ୟା ସୃଷ୍ଟି ହେବା ଆରମ୍ଭ ହେଲାଣି। ସେହି ବ୍ଲକଗୁଡିକ ହେଲା ବାଲେଶ୍ୱର ଜିଲାର ବାହାନଗା, ବାଲିଆପାଳ, ଯାଜପୁରର କୋରେଇ, କେନ୍ଦ୍ରାପଡାର ଗରଦପୁର ଏବଂ ଖୋର୍ଦ୍ଧାର ବୋଲଗଡ଼। ଏହି ସବୁ ବ୍ଲକରେ ୭୦ରୁ ୯୦ ଭାଗ ଭୂତଳ ଜଳ ବ୍ୟବହାର କରାଯାଉଛି। କେବଳ ସେତିକି ନୁହେଁ ୪୪ଟି ବ୍ଲକରେ ମଧ୍ୟ ଜଳ ସମସ୍ୟା ଉତ୍କଟ ହେବାକୁ ଯାଉଥିବା ନେଇ ସତର୍କ କରାଯାଇଛି। ଏହା ଛଡା ୨୭ଟି ସହରାଞ୍ଚଳରେ ଭୂତଳ ଜଳର ଅବସ୍ଥା ସଙ୍ଗିନ ହେଲାଣି। ସେହି ସହରଗୁଡିକ ହେଲା ଅନୁଗୋଳ, ତାଳଚେର, ବରଗଡ, ପଦମପୁର, ବରପାଲି, ଟିଟିଲାଗଡ, କଟକ, ଆସ୍କା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ବ୍ରହ୍ମପୁର, ଝାରସୁଗୁଡା, ଯୋଡା, ଖୋର୍ଦ୍ଧା, ଭୁବନେଶ୍ୱର, ବାରିପଦା, ନବରଙ୍ଗପୁର, ନୟାଗଡ, ପୁରୀ, ସମ୍ବଲପୁର, ଢେଙ୍କାନାଳ, ତରଭା, ସୋନପୁର, ରାଉରକେଲା, ବଲାଙ୍ଗୀର, କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ। ଭୂଗର୍ଭସ୍ଥ ଜଳ ସ୍ତର ହ୍ରାସ ପାଉଥିବା ଯୋଗୁ ଏହାକୁ ଭରଣା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୪-୧୫ରେ ଛାତ ଉପର ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ତେବେ ଏହି ପ୍ରକଳ୍ପ ୨୦୧୯ରୁ ବନ୍ଦ ରହିଛି।

## ଜିତିଲେ ମାଗଣା ...

କରୋନା ଭୂତାଣୁ ସହିତ ବଞ୍ଚିବା ନୁହେଁ ମରିବା ଶିଖୁଛନ୍ତି। ଏହା ଟ୍ରମ୍ପଙ୍କ ଯୋଗୁ ହୋଇଥିବା ସେ ଦେଲାୱାରେଠାରେ ଉଦ୍‌ବୋଧନ ଦେଇ ଅଭିଯୋଗ କରିଛନ୍ତି। କରୋନା ମହାମାରୀ ସଂକ୍ରମଣ ରୋକିବାରେ ଟ୍ରମ୍ପ୍ ବିଫଳ ହୋଇଥିବା ସେ ପ୍ରକାଶ କରିଛନ୍ତି। ନିର୍ବାଚନରେ ବିଜୟୀ ହେଲେ ପ୍ରତ୍ୟେକ ଆମେରିକାବାସୀଙ୍କୁ ମାଗଣାରେ କରୋନା ଟିକା ଯୋଗାଇ ଦିଆଯିବ ବୋଲି ବିଡେନ୍ କହିଛନ୍ତି।

ଆମେରିକାରେ କରୋନା ସଂକ୍ରମଣ ଯୋଗୁ ୨ ଲକ୍ଷ ୨୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଏହା ପୃଥିବୀର ମୋଟ କରୋନା ମୃତ୍ୟୁର ଏକ-ପଞ୍ଚମାଂଶ। କ୍ଷମତାକୁ ଆସିଲେ ପ୍ରଥମେ ଜାତୀୟ ରଣନୀତି ପ୍ରସ୍ତୁତ କରାଯାଇ ଦେଶବାସୀଙ୍କୁ ପ୍ରଥମେ ମହାମାରୀ କରୋନାରୁ ମୁକ୍ତ କରାଯିବ ବୋଲି ବିଡେନ୍ ଏହି ଅବସରରେ କହିଛନ୍ତି। ଜାନୁୟାରୀରେ ନୂଆ କଂଗ୍ରେସରେ ଏନେଇ ବିଲ୍ ଅଣାଯିବ ଓ ଜନସ୍ୱାସ୍ଥ୍ୟ, ଆର୍ଥିକ ପ୍ରଗତିକୁ ଅଗ୍ରାଧିକାର ଦିଆଯିବ। ସବୁଲୋକ ଯେପରି ଟିକା ସୁବିଧା ପାଇବେ, ତାକୁ ଗୁରୁତ୍ୱ ଦିଆଯିବ। ବିଭିନ୍ନ ଗଭର୍ନରଙ୍କ ସହ ଯୋଗାଯୋଗ କରାଯାଇ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବ। ମାସ୍କ ପିନ୍ଧିବା ଦ୍ୱାରା ଜୀବନ ବଞ୍ଚିଥାଏ। ଏଥିସହ ଜାତୀୟ ପରୀକ୍ଷା ପଦ୍ଧତିକୁ ଅଧିକ ବିକଶିତ କରାଯିବ ବୋଲି ବିଡେନ୍ ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ବିଫଳ ରଣନୀତି ଦେଶର ଅର୍ଥନୀତିକୁ ଧ୍ୱଂସ କରିଥିବା ସେ ମତ ଦେଇଛନ୍ତି। ପ୍ରକାଶଥାଉ କି, କରୋନା ସହ ବଞ୍ଚିବା ଶିକ୍ଷାକରିବା ଉଚିତ ବୋଲି ଟ୍ରମ୍ପ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବିଭିନ୍ନ ସମସ୍ୟାମୂଳକ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିନପାରେ। ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସଭା ସମିତି, ରାଜନୀତି, ସଂଗଠନ ତଥା ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** କୂଟନୈତିକ କୌଶଳ ପ୍ରୟୋଗ କରି କାର୍ଯ୍ୟହାସଲରେ ସମର୍ଥ ହେବେ। ବନ୍ଧୁ ମାନଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ଜନିତ ଟେନସନ୍ ଅପରାହ୍ନରେ ଦୂର ହେବ। କଚେରୀ ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ଆନମନା ରହିପାରନ୍ତି।

**ମିଥୁନ** ପରିସ୍ଥିତିର ବଶବର୍ତ୍ତୀ ହୋଇ ଆପଣ କିଛି ମିଥ୍ୟା ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ସମସ୍ତ ପ୍ରକାରର ସୁବିଧା ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପାରିପାର୍ଶ୍ୱିକ ପରିବେଶରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ ।

**କର୍କଟ** ଶାରୀରିକ ଅସୁସ୍ଥତା କେତେକାଂଶରେ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ଅଭାବ ଅସୁବିଧା ନଥିଲେ ମଧ୍ୟ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବା ସକାଶେ ଅନ୍ୟ ମାନଙ୍କର ସାହାଯ୍ୟ ନେବାକୁ ବାଧ ହେବେ । ସଭାସମିତି କାର୍ଯ୍ୟରେ ସଫଳତା ହାସଲ କରିବେ।

**ସିଂହ** ସକାଳୁ ସକାଳୁ କୌଣସି ଖବର ମନକୁ ବିଚଳିତ କରିପାରେ। ଆତ୍ମୀୟ ମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମାନସିକ ଶାନ୍ତବ୍ୟାହତ ହେବ। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି ହୃଦୟଙ୍ଗମ କରି କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଅତି ଜରୁରୀ ହୋଇପଡିବ।

**କନ୍ୟା** ଆପଣ ଚିନ୍ତାଧାରା ଅନୁଯାୟୀ କାମ ଗୁଡିକ ତଦନୁରୂପ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅର୍ଥ ସଂକଟ ହେତୁ କାମ ଗୁଡିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହେବ।

**ତୁଳା** ଆପଣଙ୍କ ସୁଦୂରପ୍ରସାରୀ ଆଶା ଓ କାମନା ଚରିତାର୍ଥ ହେବାର ଅନୁକୂଳ ଅବସର ପାଇବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଳା,ସାହିତ୍ୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିପାରେ।

**ବିଛା** ପ୍ରତ୍ୟେକ ପଦକ୍ଷେପରେ ଆପଣଙ୍କ ପ୍ରତ୍ୟୁତ୍ପନ୍ନମତିତା ହେତୁ କୌଶଳରେ କାମ ଗୁଡିକୁ ହାସଲ କରିବେ। ଆପୋଷ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମସ୍ୟାର ସରଳ ସମାଧାନ ହୋଇଯିବ। ଆତ୍ମୀୟ ସ୍ୱଜନଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଥିଲେ ମଧ୍ୟ ବିଶେଷ ଗୁରୁତର ହେବାର କୌଣସି ଆଖିଦୃଶିଆ ବିଲକ୍ଷଣ ଦେଖାଯିବ ନାହିଁ । ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦରେ ପଡିବେ କିନ୍ତୁ ସାମୟିକ ସମୟାନ୍ତରରେ ତାହାର ସରଳ ସମାଧାନ ହୋଇପାରିବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିପାରନ୍ତ।

**ମକର** ପ୍ରତ୍ୟେକ କ୍ଷେତ୍ରରେ କିଛିନାକିଛି ସମସ୍ୟା ଲାଗି ରହୁଥିବାରୁ ମନରେ ବିଭିନ୍ନ ପ୍ରକାରର ଦୁଃଶ୍ଚିନ୍ତା ଦେଖାଦେଇପାରେ। ହଠାତ୍ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ବିଚଳିତ ହୋଇପାରନ୍ତ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହିବାକୁ ପଡିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ କାମ ହାସଲ କରିବା ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇ ଉଠିବ। ରାଜନୀତି କିମ୍ବା ସାଂଗଠନିକ କ୍ଷେତ୍ରରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅଭାବ ଅସୁବିଧା ସମ୍ପର୍କରେ ଉପରିସ୍ଥ ଅଫିସରଙ୍କ ମୁହଁ ସାମ୍ନାରେ ପ୍ରକାଶ କରିବାକୁ ପଛେଇଯିବେ ।

**ମୀନ** ପାରିବାରିକ ସ୍ଥିତିରେ ସୁଧାର ଅସିଲେ ମଧ୍ୟ କର୍ମକ୍ଷେତ୍ରର ସମସ୍ୟା ସୁଖ,ସନ୍ତୋଷ ଦେଇ ପାରିବ ନାହିଁ।ଦୂରଭିସନ୍ଧି ରଖି ପାଖ ପଡୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିପାରନ୍ତ। ବିବାଦୀୟ ପରିସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣି ମନରେ ଆଶ୍ୱସ୍ତି ଭରିପାରେ।

ଆଜି ବିଜୟା ଦଶମୀ,ପୀଠେ ଓ ଶ୍ରୀମନ୍ଦିରରେ ଦଶହରା,ମୃଣ୍ମୟୀଦେବୀଙ୍କ ମହାନବମୀ ପୂଜା,ସୋମନାଥବ୍ରତ ଉଦ୍‌ଯାପନ,ଅକ୍ଟୋବର ୨୫ ତାରିଖ,ରବିବାର,ରାଶିନକ୍ଷତ୍ର-ଦିବା, ଘ.୦୩/୨୬,ମି.ପର୍ଯ୍ୟନ୍ତଧନିଷ୍ଠା/ମକର,ସିଂହ ରାଶିର ଘାତଚନ୍ଦ୍ର,ମେଷରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା,ଘ.୦୬/୩୪,ଗତେ, ଘ, ୦୮/୫୦, ମଧ୍ୟେ.ଘ.୧୧/୫୩,ଗତେ,ଘ.୦୨/୫୫,ମଧ୍ୟେ,ରାତ୍ରି,ଘ.୦୭/୪୩,ଗତେ,ଘ.୦୯/୨୪,ମଧ୍ୟେ,ଘ.୧୧/୫୬,ଗତେ,ଘ.୦୧/୩୬,ମଧ୍ୟେ,ଘ.୦୨/୨୭,ଗତେ,ଘ.୦୫/୪୮, ମଧ୍ୟେ,ଅମୃତବେଳା,ଦିବା,ଘ.୦୩/୪୧,ଗତେ,ଘ.୦୪/୨୭,ମଧ୍ୟେ,ମାହେନ୍ଦ୍ରବେଳା ॥


# classifieds Everyday
**0674-2580101, 2549302**




## BRIDE WANTED

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁଜାତିର ବରପାତ୍ର ପାଇଁ "AKANKSHYA MATRIMONY" 7978736177 D-68260

ମାଟିବଂଶ ଜାତିର ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। ମୋବାଇଲ- 9937858319 D-18674

Patara, wanted suitable bride for fair boy 25yrs. 5'5", M.Tech, TCS Service. 9937577677 D-18687

## GROOM WANTED

Requires fresh candidate (Service, Business) for 43years, +3Arts, 5'4" beautiful homely Khandayat girl. 8908731617. D-18672

Patara, wanted groom for fair B.Tech girl 23yrs. 5'3" IT Service. 9937577677 D-18688

ବରପାତ୍ର ଆବଶ୍ୟକ। ୩୮ବର୍ଷ, 5'4", B.Sc, Staff Nurse ଭାବେ କାର୍ଯ୍ୟରତ ମାସିକ ଆୟ 48000/- (ଘରଜ୍ୱାଇଁ, ଛାଡ଼ପତ୍ରପ୍ରାପ୍ତ, ଅବସରପ୍ରାପ୍ତ/ ସବୁ ଜାତି ମାନ୍ୟ)। ଯୋଗାଯୋଗ: 6232277008 D-18682

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




## SALE

Gharabari Individual (1500, 2200)sqft. plot sale Pahal, Hanspal, Rasulgarh for immediate Housing. Details- 9040605900 (ବିଷ୍ଣୁ) D-18700

Residential plot at Sundarpada, Patia, Pathergadia & lowcost Farmhouse available. 8328811411, 9437968618. D-69187

Booking open for BDA Layout approved 3BHK duplex within gated community near ITER College Jagamara, Bhubaneswar. 9861616986 D-67576

**BDA yellowzone commercial/ residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/- 9040033905, 9556492580, 6370719477.** D-69167

Bhubaneswar Airport 7k.m ମୌଜା କୁହା Appartment/ Duplex ପାଖରେ 1500sqft. 14,25,000/- କିଣି ଘର କରନ୍ତୁ। Sasmita- 6370476317 D-69188

**Plot sale near AIIMS Hospital Bhubaneswar with 30' Road. 9439206202** D-69190

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

Only 5nos. of premium duplex 7BHK left near KIIT Jagannath Mandir. 9937095445 D-69567

Plot 2400 sqft. behind Jungle View Hotel Chandaka for sale. 8777489897, 9432186834. D-18722

3BHK flat resale 1600sqft. Patia, opposite RTO-2, 1k.m KIIT Square, 75Lac including parking. 7978584549 (Broker excuse) D-69796

**Two Bedroom flat with Drawing, Dinning, Kitchen and two Bathroom with individual Garage Sale at Tankapani Road near Rajarani Temple. Bank finance available. Call : 9438109040, 8144658008** D-18681

2BHK simplex 27,00,000/- finishing Hanspal (finance available), plot Atala- 8093465134 D-69634

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ Electricity boundary ରାସ୍ତାଥାଇ ପ୍ଲଟ ମିଳୁଅଛି। Direct owner- 9090963952** D-69192

**30'Road residential gated community advanced boundarywall gharabari plot sale Gudiapokhari near KEC College. 7992736330, 9238902929** D-69191

## PURCHASE

Land requires for plotting project in around, Bhubaneswar. 9937816565, 9937568585 D-18649




2 BHK ground floor flat with Garage ac wifi at Bomikhal Bhubaneswar. Service holder preferred. 9437105779 D-18723

For family house 3BHK Pujaghar, garage, borewell, Municipality water at Jagamara 300 meters from NH Khandagiri. Rent- Rs.13000/- 8585088850 D-18692

House at Nayapalli near DAV/Stewart School, family. 9438490107, 8895096862 D-69568

**Godown space available near Puri bypass area 18000/-, open space 15000/-. 9938125254** D-18598

8000sqft. Godown space available on rent, long term basis at Mancheswar Industrial area. 9238352500 D-68387

15000sqft. for Godown purpose (Rent) infront of Highway Honda Showroom N.H-16, Bhubaneswar. 9437256146 D-46290




Herbal full body massage by smart / expert therapist. Contact: 8338067247. D-69798

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69800

Swarna Spa gives Durga Puja offer @899 all type massages Ashok Nagar, 9556978408 D-70001

Refreshing your mind body with best Panchakarma Therapy, Bhubaneswar. 8763725072 D-18705

Refreshing your mind & body with best therapy at Lotus Spa. 8018234866 D-69565

Newly open full body massage SPA in Bhubaneswar. Contact: 7205058838. D-69792

Rejuvenate and Ayurvedic full body massage by smart therapist. 9348123330. D-69793

Get refreshment body massage by expert therapist contact for 7205084157. D-69799




Agarbati, Paper plate, Silper ମେସିନ ଘରେ ବସାଇ ରୋଜଗାର କରନ୍ତୁ! 7077645763 D-18684




୨ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି। 8114853025 D-59969

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଆକୃଷ୍ଟ କରୁଛି ହେରିଟେଜ୍ ହୋମ୍ ଷ୍ଟେ'

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ରାଜ୍ୟରେ ରୟାଲ ହେରିଟେଜ୍ ଟୁର୍ ପ୍ୟାକେଜ୍ ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନକୁ ଆଉପାଦେ ଆଗକୁ ନେବାକୁ ପର୍ଯ୍ୟଟନ ବିଭାଗ 'ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍' ଯୋଜନା ଉପରେ ଗୁରୁତ୍ୱ ଦେଉଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ ଆଦି ରାଜ୍ୟ ଭଳି ରୟାଲ ଟୁରିଜମ୍ ଉପରେ ଏବେ ଓଡ଼ିଶା ଫୋକସ୍ କରିଛି। ଫଳରେ ରାଜ୍ୟରେ ଥିବା ଐତିହାସିକ ରାଜପ୍ରାସାଦଗୁଡ଼ିକରେ ରହିବା ସହ ପର୍ଯ୍ୟଟକମାନେ ରାଜକୀୟ ଅନୁଭୂତି ସାଉଁଟି ପାରୁଛନ୍ତି। ପ୍ରଥମେ ଢେଙ୍କାନାଳ ରାଜପ୍ରାସାଦରୁ ଆରମ୍ଭ ହୋଇଥିବା ହେରିଟେଜ୍ ହୋମ୍ ଷ୍ଟେ' ବ୍ୟବସ୍ଥା ଏବେ ଓଡ଼ିଶାରେ ବ୍ୟାପକ ହୋଇଛି। ମୟୂରଭଞ୍ଜ ରାଜ ପରିବାରର ବେଲଗଡ଼ିଆ ପ୍ୟାଲେସ୍ ଏବେ କେବଳ ରାଜ୍ୟ ମଧ୍ୟରେ ନୁହେଁ, ଦେଶ ବିଦେଶରେ ବିଶେଷ ଲୋକପ୍ରିୟତା ହାସଲ କରିଛି। ଏହା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିପାରିଛି। ଏପରିକି କରୋନା ମହାମାରୀ ସମୟରେ ମଧ୍ୟ ଏହି ହେରିଟେଜ୍ ପ୍ୟାଲେସ୍ ବହୁ ପର୍ଯ୍ୟଟକଙ୍କୁ କୋଭିଡ୍ କଟକଣା ସହ ରାଜପ୍ରାସାଦ ରହଣିର ଅବସର ଯୋଗାଇଦେଇଛି।

ଓଡ଼ିଶାରେ ଏବେ ୫୧ଟି ହେରିଟେଜ୍ ପ୍ରପର୍ଟି ତଥା ରାଜପ୍ରାସାଦ ରହିଥିବାବେଳେ ସେଥିମଧ୍ୟରୁ ୧୯ଟି ପ୍ରାସାଦକୁ ଆଗାମୀ ଦୁଇବର୍ଷ ମଧ୍ୟରେ ବୁଟିକ୍ ହେରିଟେଜ୍ ହୋଟେଲ ଏବଂ ହେରିଟେଜ୍ ହୋମ୍ ଷ୍ଟେ' ଭାବେ ବିକଶିତ କରିବାକୁ ଯୋଜନା ରହିଛି। ଯୋଜନାର ପ୍ରାଥମିକ ପର୍ଯ୍ୟାୟରେ ଢେଙ୍କାନାଳ, ଆଳି ଓ ନୀଳଗିରି ରାଜଉଆସକୁ ସାମିଲ କରାଯାଇଛି। ରାଜ୍ୟର ୬ଟି ପ୍ରାସାଦରେ ପର୍ଯ୍ୟଟକ ରହୁଥିବାବେଳେ ଆଉ ୩ଟିକୁ ଖୁବ୍‌ଶୀଘ୍ର ହେରିଟେଜ୍ ହୋଟେଲ ଏବଂ ହୋମ୍ ଷ୍ଟେ'ରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି। ତାଳଚେର ରାଜପ୍ରାସାଦ, ଗଜଲକ୍ଷ୍ମୀ ରାଜପ୍ରାସାଦ, କଳାହାଣ୍ଡି ରାଜପ୍ରାସାଦ, ଡାଳିଯୋଡ଼ା ରାଜପ୍ରାସାଦକୁ ହେରିଟେଜ୍ ହୋମ୍ ଷ୍ଟେ ଦୌଡ଼ରେ ସାମିଲ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ବଳକା ୧୦ଟି ପ୍ରାସାଦକୁ ୨୦୨୧ ସୁଦ୍ଧା ହୋଟେଲ ରୂପ ଦିଆଯିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଢେଙ୍କାନାଳ ପ୍ୟାଲେସରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ରାଜ ପରିବାର ପକ୍ଷରୁ ବ୍ୟାଡ୍‌ମିଣ୍ଟନ କୋର୍ଟ, ବାସ୍କେଟବଲ୍ କୋର୍ଟ, ଟେବୁଲ୍ ଟେନିସ୍ ଆଦିର ବ୍ୟବସ୍ଥା କରାଯାଇଥିବାବେଳେ ଆଳି ରାଜପ୍ରାସାଦରେ ପର୍ଯ୍ୟଟକଙ୍କ ପାଇଁ ଗୋଟିପୁଅ, ଓଡ଼ିଶୀ, ଦାସକାଠିଆ, ବାଦୀପାଲା, ଆଦିର ବ୍ୟବସ୍ଥା ହେଉଛି। ସେହିଭଳି ଅଷ୍ଟାଦଶ ଶତାବ୍ଦୀର ବେଲଗଡ଼ିଆ ରାଜପ୍ରାସାଦ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହି ବୁଟିକ୍ ହୋମ୍ ଷ୍ଟେ କୋଭିଡ୍ ପରବର୍ତ୍ତୀ ଅନ୍‌ଲକ୍ ସମୟରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଛି। ଗ୍ରୀକ୍ ଏବଂ ଭିକ୍ଟୋରିଆନ୍ ଆର୍କିଟେକ୍ଟରର ମିଶ୍ରିତ ନିର୍ମାଣଶୈଳୀ ପର୍ଯ୍ୟଟକଙ୍କ ପାଇଁ ପ୍ରଥମ ପସନ୍ଦ ପାଲଟୁଛି। କେବଳ ଏତିକି ନୁହେଁ, ପର୍ଯ୍ୟଟକମାନେ ଏଠାରେ ମୟୂରଭଞ୍ଜ ଛଉନୃତ୍ୟର ମଜା ନେବାସହ ସ୍ଥାନୀୟ ଲୋକକଳା ଓ ଲୋକସଂସ୍କୃତି ସମ୍ପର୍କରେ ଅନେକ କିଛି ଜାଣିବାର ଅବସର ପାଉଛନ୍ତି। ସେହିଭଳି ସ୍ଥାନୀୟ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ସ୍ୱତନ୍ତ୍ର ବ୍ରାଣ୍ଡ୍ ମାଧ୍ୟମରେ ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚାଇଛି ଏହି ପ୍ୟାଲେସ୍। ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷିବା ଦ୍ୱାରା ଖାଣ୍ଟି ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର କରାଯାଇପାରୁଛି। ସବୁଠାରୁ ବଡ଼କଥା ହେଲା ସଷ୍ଟେନେବୁଲ୍ ଟୁରିଜମ୍ ବା ନିରନ୍ତର ପର୍ଯ୍ୟଟନ ଉପରେ ଏହି ହେରିଟେଜ୍ ହୋମ୍ ଷ୍ଟେ ଗୁରୁତ୍ୱ ଦେଉଛି। ଫଳରେ ସ୍ଥାନୀୟ ଲୋକେ ଏଠାକାର ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇପାରୁଛନ୍ତି। ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାସହ ଏକାଧିକ ସ୍ଥାନୀୟ ମହିଳା ଏଠାରେ ରୋଜଗାରର ସୁଯୋଗ ପାଇପାରିଛନ୍ତି। ଅନ୍ୟପକ୍ଷରେ ରାଜପ୍ରାସାଦଗୁଡ଼ିକୁ ପର୍ଯ୍ୟଟନ ଉଦ୍ଦେଶ୍ୟରେ ଖୋଲାଯିବା ଦ୍ୱାରା ସାଧାରଣ ଲୋକେ ରାଜଉଆସ ରହଣିର ମଜା ନେଇପାରୁଛନ୍ତି। ସେହିଭଳି ପର୍ଯ୍ୟଟକମାନେ ଘୋଡ଼ାଶାଳ, ପୁରାତନ କୋଠା, ରାଜବାଟୀ, ରାଣୀମହଲ, ନୃତ୍ୟଶାଳା ଆଦି ଦେଖିବାର ଅବସର ପାଇପାରୁଛନ୍ତି।


ବେଲଗଡ଼ିଆ ପ୍ୟାଲେସ୍

- ୨ ବର୍ଷରେ ୧୯ ପ୍ରାସାଦ ହେବ ବୁଟିକ ହେରିଟେଜ୍
- ଗୋଟିପୁଅ, ଓଡ଼ିଶୀ, ଦାସକାଠିଆ, ବାଦୀପାଲାର ସୁବିଧା ମିଳୁଛି
- ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନିଆରା

## ଦାଦାବଟି ମାଗିବା ଅଭିଯୋଗ: ଯୁବକ ଗିରଫ

**କଟକ ଅଫିସ,୨୪।୧୦:** ଦାଦାବଟି ମାଗିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଶଙ୍କରପୁର ବାରିକ ସାହିର ଲିପୁନା ଓରଫ ଜ୍ୟୋତିରଞ୍ଜନ ବାରିକ(୨୯)। ଛତ୍ରବଜାର ଅଞ୍ଚଳରୁ ଲିପୁନା ପ୍ରତିଦିନ ଦାଦାବଟି ଆଦାୟ କରନ୍ତି। ଦାବି ମୁତାବକ ଟଙ୍କା ନ ଦେଲେ ସେ ବ୍ୟବସାୟୀଙ୍କୁ ମାଡ଼ ମାରନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୧୯/୨୦) ରୁଜୁ କରିଛି।




## ଆଇଟି ରିଟର୍ନ ଫାଇଲିଂ ଅବଧି ଡିସେମ୍ବର ୩୧ଯାଏ ବୃଦ୍ଧି

**ନୂଆଦିଲ୍ଲୀ,୨୪।୧୦:** ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ଆୟକର ରିଟର୍ନ (ଆଇଟିଆର୍) ଫାଇଲ କରିବାର ସୀମାକୁ ସରକାର ଚଳିତ ବର୍ଷ ଡିସେମ୍ବର ୩୧ ଯାଏ ବଢ଼ାଇଛନ୍ତି। ଏଥିଲାଗି ପୂର୍ବରୁ ସମୟସୀମା ନଭେମ୍ବର ଶେଷ ଯାଏ ରହିଥିଲା। ସେହିଭଳି ଅଡିଟ ଲାଗି ଧାର୍ଯ୍ୟ ହୋଇଥିବା ଟିକସଦାତାଙ୍କ ଆକାଉଣ୍ଟ ସଂକ୍ରାନ୍ତ କାର୍ଯ୍ୟ ସାରିବା ଅବଧି ୨୦୨୧ ଜାନୁୟାରୀ ୩୧ ଯାଏ ରହିଛି। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ସରକାର ମେ ମାସରେ ଆଇଟିଆର୍‌ର ବିଭିନ୍ନ ବର୍ଗ ଫାଇଲ ସୀମାକୁ ବଢ଼ାଇଥିଲେ। ଏହା ଜୁଲାଇରୁ ନଭେମ୍ବର ୩୦କୁ ବଢ଼ାଯାଇଥିଲା। ବର୍ତ୍ତମାନ ପୁଣି ଥରେ ଏଥିରେ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। କୋଭିଡ୍-୧୯ ଯୋଗୁ ଟିକସଦାତାମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ଏବଂ ଘରୋଇ ବଜାରରେ ନିର୍ଦ୍ଦିଷ୍ଟ ନେଣଦେଣ କ୍ଷେତ୍ରରେ ଆୟକର ବିଭାଗକୁ ରିପୋର୍ଟ ପ୍ରଦାନ କରିବା କାର୍ଯ୍ୟ ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା ସାରିବାକୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ନିର୍ଦ୍ଦେଶ ରହିଛି।

## ଶ୍ରୀମନ୍ଦିର ସମ୍ମୁଖରେ ହେବନି ବଡ଼ବଡୁଆ ଡାକ

ପୁରୀ ଅଫିସ,୨୪।୧୦

ପବିତ୍ର ଦୀପାବଳି ଅମାବାସ୍ୟାରେ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ସମ୍ମୁଖରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡ଼ବଡୁଆ ଡାକିଥାନ୍ତି। ଏଥିପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଶ୍ରୀକ୍ଷେତ୍ର ଆସିଥାନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସିଂହଦ୍ୱାର ସମ୍ମୁଖରେ ଏହି ଦୃଶ୍ୟ ଦେଖିବାକୁ ମିଳିଥାଏ। ହେଲେ ଏଥର ସିଂହଦ୍ୱାର ସମ୍ମୁଖରେ କାଉଁରିଆ କାଠି ଜାଳି ବଡ଼ ବଡୁଆ ଡାକି ହେବନି। ଏମାର ମଠର ଉଚ୍ଛେଦ ସ୍ଥଳରେ ବଡ଼ବଡୁଆ ଡାକ କରାଯିବ ବୋଲି ଜଣାପଡ଼ିଛି। ଏଥିପାଇଁ ଶନିବାର ଉପଜିଲାପାଳ ଭବତାରଣ ସାହୁ, ସିଟି ଡିଏସ୍‌ପି କ୍ଷୀରସାଗର ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ (ଶ୍ରୀମନ୍ଦିର) କୌଶିକ ନାୟକ ପ୍ରମୁଖ ଏମାର ମଠ ପାର୍ଶ୍ୱରେ ଥିବା ଫାଙ୍କା ଜାଗା ବୁଲି ଦେଖିଥିଲେ। ଏସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ସିଂହଦ୍ୱାର ସମ୍ମୁଖରେ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରକାର ଗଛ ଲଗାଯାଇଛି। ଶ୍ରଦ୍ଧାଳୁମାନେ କାଉଁରିଆ କାଠି ଜାଳିଲେ ଏହାର ଉତ୍ତାପ ଗଛ ଉପରେ ପଡ଼ିବା ସମ୍ଭାବନା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସିଂହଦ୍ୱାର ନିକଟ ଏମାର ମଠ ପାର୍ଶ୍ୱରେ ଥିବା ଫାଙ୍କା ଜାଗାରେ ବଡ଼ ବଡୁଆ ଡାକିବା ପାଇଁ ପ୍ରାଥମିକ ଭାବେ ଚିନ୍ତା କରାଯାଉଛି। କିନ୍ତୁ ଏନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଯାହା ଉଚିତ ହେବ ତାହା କରାଯିବ ବୋଲି ସାହୁ କହିଛନ୍ତି।

ଏମାର ମଠ ପାର୍ଶ୍ୱରେ ଡାକିବେ ଶ୍ରଦ୍ଧାଳୁ



## ମାର୍ଚ୍ଚ ସୁଦ୍ଧା ଅନୁଗୋଳ ଆଲୁମିନିୟମ ପାର୍କ ନିର୍ମାଣ ଶେଷ ହେବ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

୨୦୨୧ ମାର୍ଚ୍ଚ ସୁଦ୍ଧା ଅନୁଗୋଳ ଆଲୁମିନିୟମ ପାର୍କ କାର୍ଯ୍ୟ ଶେଷ ହେବ। ଏହି ପାର୍କ ଡାଉନଷ୍ଟ୍ରିମ୍ ଆଲୁମିନିୟମ ଶିଳ୍ପଗୁଡ଼ିକରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାରେ ବିଶେଷ ସହାୟତା କରିବ। ନାଲ୍‌କୋ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ନିଗମ(ଇଡ୍‌କୋ) ମିଳିତ ସହଯୋଗରେ ଏହି ଆଲୁମିନିୟମ ପାର୍କର ବିକାଶ କରାଯାଉଛି। ପାର୍କ କାର୍ଯ୍ୟ ଶେଷ ହେବା ପରେ ବହୁ ନିବେଶକାରୀ ଶିଳ୍ପ ସ୍ଥାପନ କରିବାକୁ ଆଗ୍ରହ ଦେଖାଇବେ। ଏହାର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ପ୍ରକଳ୍ପ ଅଞ୍ଚଳ ଗସ୍ତ କରିବା ଅବସରରେ ଇଡ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂ ଆସନ୍ତା ୫ ମାସ ମଧ୍ୟରେ ପାର୍କ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ ଶେଷ ହୋଇଥିବା ବେଳେ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ, ଭିତ୍ତିଭୂମି କାର୍ଯ୍ୟ ଜୋରସୋରରେ ଚାଲିଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ସିଂ କହିଛନ୍ତି। ଏହି ପାର୍କ ପାଇଁ ୯୦.୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିରୁ କେନ୍ଦ୍ର ସରକାର ୩୩.୪୪ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ପାର୍କକୁ ୨୦୧୫ ଅଗଷ୍ଟରେ ଅନୁମୋଦନ ମିଳିଥିଲା।







## ହାଥରସ ମାମଲାର ତଦନ୍ତ କରୁଥିବା ଡିଆଇଜିଙ୍କ ସ୍ତ୍ରୀ ମୃତ


ପୁଷ୍ପା ପ୍ରକାଶ

ଲକ୍ଷ୍ନୌ, ୨୪।୧୦

ଉତ୍ତରପ୍ରଦେଶର ହାଥରସ ଗଣବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିଲା। ଏହି ୩ଜଣିଆ ଟିମ୍‌ରେ ଡିଆଇଜି ଚନ୍ଦ୍ର ପ୍ରକାଶ ସାମିଲ ଥିଲେ। ହେଲେ ଶନିବାର ଚନ୍ଦ୍ର ପ୍ରକାଶଙ୍କ ସ୍ତ୍ରୀ ପୁଷ୍ପା ପ୍ରକାଶ (୩୬)ଙ୍କ ମୃତଦେହ ଶନିବାର ମିଳିଛି। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଲକ୍ଷ୍ନୌର ସୁଶାନ୍ତ ଗଲ୍ଫ ସିଟି ଏରିଆସ୍ଥିତ ତାଙ୍କ ଘରର ଶିଲିଂ ଫ୍ୟାନ୍‌ରେ ମରଶରୀର ଝୁଲୁଥିବାରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଘରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଥିବା ପ୍ରକାଶ। ପୁଷ୍ପାଙ୍କ ମୃତଦେହ ପୋଷ୍ଟମର୍ଟମ ଲାଗି ପଠାଯାଇଛି।

## ଶ୍ରୀକ୍ଷେତ୍ରରେ ପ୍ରକଳ୍ପ ଅନୁଧ୍ୟାନ କଲେ ୫-ଟି ସଚିବ

ପୁରୀ ଅଫିସ,୨୪।୧୦

ବିଶ୍ୱ ଐତିହ୍ୟ ସହର ହେବ ପୁରୀ। ଏଠାରେ ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସେବା ସୁବିଧା। ରାଜ୍ୟ ସରକାରଙ୍କ ସ୍ୱପ୍ନର ପୁରୀକୁ ବାସ୍ତବତାର ରୂପ ଦେବା ଲାଗି ପ୍ରସ୍ତୁତ ହୋଇଛି ଦୀର୍ଘମିଆଦି ରୋଡ୍ ମ୍ୟାପ। ଏହି କ୍ରମରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ପୁରୀ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି।

ଅପରାହ୍ନରେ ୫-ଟି ସଚିବ ପାଣ୍ଡିଆନ ପୁରୀ ଆସି ସ୍ୱର୍ଗଦ୍ୱାରର ନବୀକରଣ କାର୍ଯ୍ୟ ବୁଲି ଦେଖିଥିଲେ। ସ୍ୱର୍ଗଦ୍ୱାର ସଂଲଗ୍ନ ରାସ୍ତା ସଂକୀର୍ଣ୍ଣ ଥିବାରୁ ମୃତଦେହ ଆଣିବାରେ ସମସ୍ୟା ହେଉଛି। ତେଣୁ ଏହାକୁ ସୁଗମ କରିବା ଲାଗି ରାସ୍ତା ସମ୍ପ୍ରସାରଣ ନିମନ୍ତେ ପ୍ରଶାସନିକ ଅଧିକାରୀ କହିଥିଲେ। ସେହିପରି ନବୀକରଣ କାମ କେବେ ଶେଷ ହେବ ସେନେଇ ଜିଲାପାଳଙ୍କୁ ପଚାରିଥିଲେ। ଆସନ୍ତା ମାର୍ଚ୍ଚ ସୁଦ୍ଧା କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ କହିଥିଲେ। ମୃତଦେହ ଆଣି ଆସୁଥିବା ଆତ୍ମୀୟଙ୍କ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପରେ ପରେ ବାଙ୍କୀ ମୁହାଣ ଏବଂ ଏହା ନିକଟରେ ଥିବା ହୃଦୟ ପାର୍କ ବୁଲିଥିଲେ। ପୂର୍ବାପେକ୍ଷା ବାଙ୍କୀ ମୁହାଣ ଚିତ୍ର ବଦଳିଯାଇଥିବାରୁ ଖୁସିବ୍ୟକ୍ତ କରିଥିଲେ ୫-ଟି ସଚିବ। ବିଭିନ୍ନ ସମୟରେ ବଡ଼ଦାଣ୍ଡରେ ବୁଲା ଗୋରୁ, ଷଣ୍ଢଙ୍କ ଯୋଗୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏମିତି କି ବେଳେ ବେଳେ ଭକ୍ତ, ପର୍ଯ୍ୟଟକ ଏମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ବଡ଼ଦାଣ୍ଡ ଅପରିଷ୍କାର ମଧ୍ୟ ହେଉଛି। ତେଣୁ ବଡ଼ଦାଣ୍ଡକୁ ସଫା ସୁତରା ରଖିବା ଲାଗି ବୁଲା ଷଣ୍ଢ, ଗୋରୁଙ୍କୁ ବାଲିଘାଇସ୍ଥିତ ଗୋଶାଳାକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଉଛି। ଇତିମଧ୍ୟରେ ୭୦୦ଗୋରୁଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ଆସନ୍ତା ମାସକ ମଧ୍ୟରେ ଆଉ ୪୦୦ଗୋରୁଙ୍କୁ ସ୍ଥାନାନ୍ତର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ୫-ଟି ସଚିବ ଗୋ ଶାଳାକୁ ଯାଇ ଷଣ୍ଢ, ଗୋରୁ କିପରି ରହୁଛନ୍ତି ତାହା ବୁଲି ଦେଖିଥିଲେ। ଗୋରୁଙ୍କ ଖାଦ୍ୟ ଏବଂ ପରିଚାଳନା ପାଇଁ ଆସନ୍ତା ୫ବର୍ଷ ଲାଗି ପାଣ୍ଠି ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ସେହିପରି ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ପୁରୀକୁ ଭିକ୍ଷୁକମୁକ୍ତ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ନୀଳାଦ୍ରି ନିଳୟ ଯୋଜନା। ଏହି ଯୋଜନା ଅନ୍ତର୍ଗତ ୫୦୦ଭିକ୍ଷୁକଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୫୦ଜଣଙ୍କୁ ଚିହ୍ନଟ କରାଯାଇଛି। ଭିକ୍ଷୁକଙ୍କୁ କାଉନ୍‌ସେଲିଂ ପରେ ଚନ୍ଦନପୁରସ୍ଥିତ ନୀଳାଦ୍ରି ନିଳୟ (ଭିକାରି ପୁନର୍ବାସ ଗୃହ)ରେ ଥଇଥାନ କରାଯାଉଛି। ୫ଟି ସଚିବ ନିଳାଦ୍ରୀ ନିଳୟକୁ ଯାଇ ସେଠାରେ ରହୁଥିବା ଅନ୍ତେବାସୀଙ୍କୁ ଭଲ ମନ୍ଦ ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ୫-ଟି ସଚିବଙ୍କ ସହ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ, ପୁରୀ ଜିଲାପାଳ ବଲୱନ୍ତ ସିଂ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ସାମିଲ ଥିଲେ।


ଗୋଶାଳାରେ ପ୍ରଶାସନିକ ଅଧିକାରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆଲୋଚନା କରୁଛନ୍ତି।

- ସ୍ୱର୍ଗଦ୍ୱାର ସଂଲଗ୍ନ ରାସ୍ତା ସମ୍ପ୍ରସାରଣ ଲାଗି କହିଲେ
- ବାଙ୍କୀ ମୁହାଣ, ଗୋଶାଳା ବୁଲିଲେ
- ନୀଳାଦ୍ରି ନିଳୟକୁ ଯାଇ ଅନ୍ତେବାସୀଙ୍କ ଭଲ ମନ୍ଦ ବୁଝିଲେ



> ଅନ୍ତରାତ୍ମାରେ ଯଦି ବିକୃତି ଥାଏ– ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ– ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି–ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରି ଆସୁଥିବ –ଯେତେଦିନ ପର୍ଯ୍ୟନ୍ତ ଗୋଟାଏ ଜାତିର ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ। **–ଶ୍ରୀଅରବିନ୍ଦ**

# ସହରୀ ବନ୍ୟା



ଡ. ଦେବାନନ୍ଦ ବେଉରା

ସହରରେ ବନ୍ୟା ସୃଷ୍ଟି ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ଖାଲି ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ପ୍ରାୟତଃ ଊଣା ଅଧିକେ, ଛୋଟ ବଡ ଅନେକ ସହର ବୃଷ୍ଟିଜନିତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ବେଶ୍ କିଛିବର୍ଷ ହେବ ଏହି ସହରୀ ବନ୍ୟାର ପ୍ରକୋପ କ୍ରମଶଃ ବଢ଼ି ବଢ଼ି ଚାଲିଛି। ଅବଶ୍ୟ ସହରର ଜଳମଗ୍ନତା ପାଇଁ ଉଭୟ ବୃଷ୍ଟିପାତର ହାର ଓ ସହର ଦାୟୀ ବୋଲି ଦେଖାଯାଇଛି। ସହରୀକରଣରେ ଯୋଜନା ଖିଲାପୀ ସମୃଦ୍ଧି ସାଙ୍ଗକୁ ଅବିଶ୍ରାନ୍ତ ବୃଷ୍ଟିପାତ ସହରୀ ବନ୍ୟାର ପ୍ରକୋପକୁ ପ୍ରୋତ୍ସାହିତ କରିଚାଲିଛି। ବନ୍ୟାଜନିତ କ୍ଷୟକ୍ଷତି ତ ବହୁ ବିସ୍ତୃତ, ପୁଣି ସହରରେ ବନ୍ୟା–ଦୁର୍ଦ୍ଦଶା–ଦୁର୍ଦ୍ଦିନ କଥା ନ କହିବା ଭଲ। ଏବେ ଏବେ ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ସଂଘଟିତ ଲଗାମଣ ବର୍ଷାଜନିତ ବନ୍ୟାର ଦୁଃଖଦ ଦୃଶ୍ୟ ତା'ର ଜ୍ୱଳନ୍ତ ଉଦାହରଣ। ଖାଲି ହାଇଦ୍ରାବାଦ କ'ଣ, ଦିଲ୍ଲୀ ହେଉ ବା ମୁମ୍ବାଇ କିମ୍ବା କୋଲକାତା ବା ଚେନ୍ନାଇ ସବୁ ବଡ ସହରରେ ସମାନ ପରିସ୍ଥିତି। ଧୀରେ ଧୀରେ ଭୁବନେଶ୍ୱର ମଧ୍ୟ ସେପରି ସ୍ଥିତିକୁ କ୍ରମ ପ୍ରବେଶ କରିବାରେ ଲାଗିଛି। କେଇ ଘଣ୍ଟାର ବର୍ଷାରେ ବେଶି ସମୟ ଲାଗୁନି ଜଳାର୍ଣ୍ଣବ ହେବାକୁ। ଅବଶ୍ୟ ପୁରୁଣା ସହର କଟକ କଥା ଟିକେ ନିଆରା। ଲୋକେ କୁହନ୍ତି ବେଙ୍ଗ ମୂତିଲେ ଏଠି ବନ୍ୟା। ତେବେ ମୂଷଳ ଧାରାରେ ମେଘ ବର୍ଷିଲେ ଏଠିକାର ସ୍ଥିତି ସହଜେ ଅନୁମେୟ। ସାମ୍ପ୍ରତିକ ପରିସ୍ଥିତିରେ ସହରୀ ବନ୍ୟାର କ୍ରମବର୍ଦ୍ଧିଷ୍ଣୁ ଆଗମନ ଓ ଆତଙ୍କ ଏହାକୁ ବିଶ୍ୱରେ ଏକ ବିଶେଷ ବିପର୍ଯ୍ୟୟର ମାନ୍ୟତା ଦେଇସାରିଲାଣି।

ପୁରୁଷାନୁକ୍ରମେ ବନ୍ୟାକୁ ଭେଟୁଥିବା ବନ୍ୟାଞ୍ଚଳର ଲୋକଙ୍କ ପାଇଁ ସହରୀ ବନ୍ୟା ଶବ୍ଦଟା କେମିତି ଗୋଟେ ଅଖାଡୁଆ ଲାଗୁଥିବ। ବୟସ୍କ ଲୋକଙ୍କ ପିଲାଦିନର ନଈବଢି ଦୃଶ୍ୟ ଆଢୁଆଳରେ ଏଥର ସହରୀ ବନ୍ୟାଟା ମଧ୍ୟ ସେହିପରି ଏକ ଅନୁଭୂତି। ଚିରାଚରିତ ଢଙ୍ଗରେ ବନ୍ୟାକହିଲେ ତ ନଈବଢିକୁ ବୁଝାଏ, ଅର୍ଥାତ୍ ନଦୀ କୂଳ ଲଂଘି, ବନ୍ଧବାଡ ଭାଙ୍ଗି ଜନବସତି ଏବଂ କୃଷି କ୍ଷେତକୁ ଜଳମଗ୍ନ କରିବାର ପ୍ରାକୃତିକ ପ୍ରକ୍ରିୟା। ଯାହା ଏବେ ବି ତା'ର ବୈଜ୍ଞାନିକ ପରିଭାଷାକୁ ପରିବର୍ତ୍ତନ କରିନି ଆଉ ସହର ସନ୍ନିକଟ ନଦୀ କୂଳ ଲଂଘିଲେ ଜନତାଙ୍କ ନଈବଢି ଦେଖିବାପାଇଁ ଉତ୍ସୁକତା ଏହାକୁ ପ୍ରାମାଣିକ ଅନୁଭୂତିରେ ପରିଣତ କରିଥାଏ। ମାତ୍ର ନଈବଢି ସହିତ ଆଉ ଏକ ପ୍ରାକୃତିକ ପ୍ରକ୍ରିୟା 'ଆକସ୍ମିକ ବନ୍ୟା' ବା 'ଫ୍ଲାସ ଫ୍ଲଡ' ମଧ୍ୟ ଜଳପ୍ରଳୟ ସୃଷ୍ଟି କରିବାରେ ନଜିର ରହିଛି। ସହରୀ ବନ୍ୟା ଏହି ଆକସ୍ମିକ ବନ୍ୟାର ଏକ ଭିନ୍ନ ନାମ ଏବଂ ପରିବର୍ତ୍ତିତ ସ୍ୱରୂପ। ସକ୍ରିୟ ଜଳନିଷ୍କାସନରେ ପ୍ରତିବନ୍ଧକ ଥିବା ଏକ ପ୍ରତିବର୍ଦ୍ଧିତ ଅଞ୍ଚଳରେ ମୁଖ୍ୟତଃ ସହରାଞ୍ଚଳରେ ଲଗାଣ ବର୍ଷା ବା ବାଦଲଫଟା ବର୍ଷା ହେଲେ ଆକସ୍ମିକ ବନ୍ୟା ସୃଷ୍ଟି ହୋଇଥାଏ।

ପାଣିଭରା ରାସ୍ତାଘାଟ ନଦୀର ଭ୍ରମ ସୃଷ୍ଟି କରି ଜୀବନଯାତ୍ରା ବିପର୍ଯ୍ୟସ୍ତ କରିବା ସହିତ ମାତ୍ରାଧିକ ଅର୍ଥନୈତିକ କ୍ଷୟକ୍ଷତି ଘଟାଇଥାଏ। ବର୍ଷା–ବନ୍ୟାର ମିଳିତ ବିଭୀଷିକାରେ ଜୀବନହାନି ପରି ଅଘଟଣର ସମ୍ଭାବନା ବଢି ଯାଇଥାଏ। ଯଦିଓ ପୂର୍ବାନୁମାନ ଆଂଶିକ ଭାବେ ଠିକ ହୋଇଥାଏ କିନ୍ତୁ ସମୟ ଓ ସୁଯୋଗର ସ୍ୱଳ୍ପତା ପାଇଁ ପୂର୍ବ ପ୍ରସ୍ତୁତି ସେତେଟା ଫଳପ୍ରଦ ହୋଇ ନ ଥାଏ। ଯେହେତୁ ସହରୀବନ୍ୟା ମୁଖ୍ୟ ରୂପେ ଭିତ୍ତିଭୂମି ସଂରଚନା ତଥା ସହର ନିର୍ମାଣ ଯୋଜନା ସହିତ ସଂଶ୍ଳିଷ୍ଟ ଥାଏ, ତେଣୁ ବାସ୍ତବକାଳୀନ ଉଦ୍ଧାର ବ୍ୟତୀତ ଆଉ ଅଧିକ କିଛି କରିହୁଏ ନାହିଁ। ସେହି ଦୃଷ୍ଟିରୁ ଦେଖିବାକୁ ଗଲେ ସହରୀ ବନ୍ୟା ଏକ ସାମୟିକ କିନ୍ତୁ ସଂହାରକ ବିପର୍ଯ୍ୟୟ।

ସହରୀ ବନ୍ୟା ପରିପ୍ରେକ୍ଷୀରେ ବିଶ୍ୱର ଚିତ୍ର ଦେଖିଲେ ବୁଝାପଡେ ଯେ, ପୃଥିବୀରେ ବଡ ବଡ ତଥା ପ୍ରସିଦ୍ଧ ସହର ଏଥିରୁ ବାଦ୍ ପଡୁନାହାନ୍ତି। ପ୍ରାୟ ୪୦ଟି ଦେଶର ୧୮୦୦ ସହର ନିୟମିତ ଭାବେ ସହରୀ ବନ୍ୟାର ସମ୍ମୁଖୀନ ହେଉଛନ୍ତି। ସମଗ୍ର ବିଶ୍ୱରେ ଏସିଆର ଦେଶଗୁଡିକ ସହରୀ ବନ୍ୟା ବେଶି ଭୋଗିଥାନ୍ତି। ସେଥି ମଧ୍ୟରେ ଚାଇନା, ଭାରତ, ଇଣ୍ଡୋନେସିଆ, ବାଂଲାଦେଶ, ଭିଏତ୍‌ନାମ, ଥାଇଲାଣ୍ଡ ଆଦି ଦେଶ ପ୍ରମୁଖ ଭାଗରେ ରହିଛନ୍ତି। ଏମାନଙ୍କ ତଳକୁ ଆମେରିକା, ଆଫ୍ରିକା ଏବଂ ୟୁରୋପୀୟ ଦେଶଗୁଡିକର ସହରମାନ ସହରୀ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ଆମ ଦେଶର କିଛି ମୁଖ୍ୟ ସହର ଗତାନୁଗତିକ ଭାବେ ସହରୀବନ୍ୟା ଦ୍ୱାରା କବଳିତ ହୋଇ ଚାଲିଛନ୍ତି। ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇରେ ୨୪ ଘଣ୍ଟାରେ ୯୪୪ ମିଲିମିଟର ବର୍ଷା ପାଇଁ ୨୦୦୫ରେ ଘଟିଥିବା ବନ୍ୟାରେ ୧୦୯୪ ଜଣଙ୍କର ପ୍ରାଣହାନି ଘଟିବା ସହିତ ଦୁଇ ଦିନରେ ପ୍ରାୟ ୫୫୦ କୋଟିର କ୍ଷୟକ୍ଷତି ହୋଇଥିଲା। ସେହିପରି ୨୦୦୭ ଓ ୨୦୧୫ରେ ପ୍ରବଳ ବୃଷ୍ଟି ଜନିତ ବନ୍ୟାପାଇଁ ମୁମ୍ବାଇ ପ୍ରଭୂତ କ୍ଷୟକ୍ଷତି ସହିଥିଲା। ୨୦୧୫ ନଭେମ୍ବର ଓ ଡିସେମ୍ବରରେ ଚେନ୍ନାଇରେ ଘଟିଥିବା ପ୍ରଚଣ୍ଡ ବନ୍ୟା ଯୋଗୁ ପ୍ରାୟ ୨୫୦ ଜଣଙ୍କର ଜୀବନହାନି ଘଟିବା ସହିତ ୧୫୦୦ କୋଟି ମୂଲ୍ୟର କ୍ଷୟକ୍ଷତି ହୋଇଥିଲା। ସେହିପରି ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦରେ ସହରୀ ବନ୍ୟାର ଲମ୍ବା ତାଲିକା। ଦିଲ୍ଲୀରେ ନିକଟ ଅତୀତ ଅର୍ଥାତ୍ ୨୦୧୦, ୨୦୧୧, ୨୦୧୩ ଓ ୨୦୧୬ରେ ପ୍ରଚଣ୍ଡ ବୃଷ୍ଟିଜନିତ ବନ୍ୟା ଅନେକ କ୍ଷୟକ୍ଷତି କରିସାରିଛି। ବେଙ୍ଗାଲୁରୁରେ ୨୦୦୫ ଅକ୍ଟୋବରରେ ୨୪ ଘଣ୍ଟାର ୫୨୫ ମିଲିମିଟର ବର୍ଷା ଏକ ବଡ ବନ୍ୟା ସୃଷ୍ଟି କରିଥିଲା। ୨୦୦୯, ୨୦୧୩, ୨୦୧୬ ମସିହାରେ ଏହି ସହର ବନ୍ୟା ବିପ୍ରାତରୁ ବାଦ୍ ପଡିନି। ସେହିପରି ହାଇଦ୍ରାବାଦ ଲଗାତର ଭାବେ ୨୦୦୦, ୨୦୦୧, ୨୦୦୨, ୨୦୦୬ ଏବଂ ୨୦୦୮ ମସିହାରେ ସହରୀ ବନ୍ୟାର ପ୍ରକୋପକୁ ସମ୍ମୁଖୀନ ହୋଇସାରିଛି।

ସଂପ୍ରତି ୨୦୨୦ ଅକ୍ଟୋବର ୧୩/୧୪ ତାରିଖରେ ହାଇଦ୍ରାବାଦରେ ସୃଷ୍ଟି ହୋଇଥିବା ବନ୍ୟା ଅତ୍ୟନ୍ତ ଭୟାବହ ହୋଇପଡିଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତ ରୂପ ଧାରଣ କରି ଯେତେବେଳେ କାକିନାଡା ଉପକୂଳ ଦେଇ ଗତିକଲା, ତା'ର ପ୍ରଭାବରେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ସମେତ ଦକ୍ଷିଣ ଓଡିଶାରେ ପ୍ରବଳରୁ ଅତିପ୍ରବଳ ବୃଷ୍ଟିପାତ ହେଲା। ବିଶେଷ କରି ଦୁଇ ଦିନର ଅବିଶ୍ରାନ୍ତ ବର୍ଷା ଯୋଗୁ ହାଇଦ୍ରାବାଦ ସହର ଜଳପ୍ରଳୟର ପରିଧି ମଧ୍ୟରେ ଉବୁଟୁବୁ ହେବାକୁ ଲାଗିଲା। ୨୪ ଘଣ୍ଟା ମଧ୍ୟରେ ଏହି ସହର ସହିତ ଚତୁଃପାର୍ଶ୍ୱରେ ୩୨୪.୫ ମିଲିମିଟର ବର୍ଷା ପ୍ରଳୟଙ୍କରୀ ବନ୍ୟା ସ୍ଥିତି ସୃଷ୍ଟି କରି ସହରକୁ ନାହିଁ ନ ଥିବା ଦୁର୍ଦ୍ଦଶା ମଧ୍ୟକୁ ଠେଲିଦେଲା। ୧୯୦୩ ମସିହା ପରେ ଏହା ଥିଲା ସହରର ଅକ୍ଟୋବର ମାସର ସବୁଠୁ ଅଧିକତମ ବୃଷ୍ଟିପାତ। ଏହି ବନ୍ୟାରେ ହାଇଦ୍ରାବାଦ ସମେତ ତେଲଙ୍ଗାନାରେ ୫ ଜଣ ମୃତ୍ୟୁବରଣ କରିବା ସହିତ ପ୍ରାୟ ୫୦୦୦କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଯାଇଛି।

ପ୍ରାକୃତିକ ବିପର୍ଯ୍ୟୟର ପରିସଂଖ୍ୟାନ ମଧ୍ୟରେ ସହରୀ ବନ୍ୟା ସଂଖ୍ୟା ଧୀରେ ଧୀରେ ଉପରମୁହାଁ ହେଉଥିବାର ଲକ୍ଷ୍ୟ କରାଯାଇଛି। ତେବେ ଏହି ସହରୀବନ୍ୟାର କାରଣ ଉଭୟ ପ୍ରାକୃତିକ ଓ ମଣିଷକୃତ କାର୍ଯ୍ୟକଳାପ ସହିତ ମିଳିତ ଭାବେ ସଂଯୋଜିତ ହୋଇ ରହିଛି। ସାଧାରଣ ବନ୍ୟା ପରି ସହରୀ ବନ୍ୟା ମଧ୍ୟ ବୃଷ୍ଟିପାତ ପାଇଁ ହୋଇଥାଏ। ଅବଶ୍ୟ କେତେକ ସ୍ଥାନରେ ଏହା ବରଫ ତରଳିବା ବା ସମୁଦ୍ର ଜୁଆର ପଶିଯିବା କିମ୍ବା ବଡ ବଡ ଜଳାଶୟ ଭାଙ୍ଗିଯିବା ଦ୍ୱାରା ସୃଷ୍ଟି ହୋଇଥାଏ। କିନ୍ତୁ ଅନବରତ ପ୍ରଚଣ୍ଡ ବୃଷ୍ଟିପାତ ଏବଂ ସହରର ଜଳନିଷ୍କାସନକାରୀ ବ୍ୟବସ୍ଥାର ଅକ୍ଷମତା ଅଧିକାଂଶ ସହରୀବନ୍ୟାର ସାଧାରଣ କାରଣ ସାଜିଥାଏ। ଏହା ସ୍ପଷ୍ଟ ଯେ, ସହର ନିର୍ମାଣ ଯୋଜନାର ସ୍ଥିରୀକୃତ ହେଉଥିବା ଭୂମିର ବ୍ୟବହାରିକ ଢାଞ୍ଚା, ଜଳନିଷ୍କାସନର ବ୍ୟବସ୍ଥା ତଥା ପ୍ରାକୃତିକ ଜଳପ୍ରବହମାନ ବ୍ୟବସ୍ଥାର ସଂରକ୍ଷଣ ଭବିଷ୍ୟତରେ ପାଳନ କରାଯାଉନି। ସହରଗୁଡିକର କ୍ଷିପ୍ର କାୟାବୃଦ୍ଧି, ଜନସଂଖ୍ୟାବୃଦ୍ଧି, ବେନିୟମ ନିର୍ମାଣ ଶୈଳୀ ସହରର ମୌଳିକ ଭିତ୍ତିଭୂମି ପାଇଁ ଅସମ୍ଭାଳ ହୋଇପଡୁଛି। ଏପରି କାର୍ଯ୍ୟକ୍ରମରେ ସହରର ଡ୍ରେନେଜ ବ୍ୟବସ୍ଥା ବା ନାଳ ଆଦି ଚାପଗ୍ରସ୍ତ ରହିବା ସହ ଅଧିକ ବୃଷ୍ଟିପାତ ସମୟରେ ଅସମର୍ଥ ଅବା ସମ୍ପୂର୍ଣ୍ଣ ଅଚଳ ହୋଇପଡୁଛି। ପ୍ରାକୃତିକ ଜଳବାହିକାଗୁଡ଼ିକ ରାସ୍ତାଘାଟ, କୋଠାବାଡିର ପଞ୍ଝା ଭିତରେ ନିଜର ଅସ୍ତିତ୍ୱ ହରାଇ ବସୁଛନ୍ତି। ଏମିତି ଦେଖିବାକୁ ଗଲେ ଅନେକ ସହରରେ ଡ୍ରେନେଜ ବ୍ୟବସ୍ଥା ବହୁତ ପୁରୁଣା ଏବଂ ପଟୁ ଦ୍ୱାରା କବଳିତ। ଅନେକ ସ୍ଥାନରେ ରକ୍ଷଣାବେକ୍ଷଣର ଅଭାବରୁ ଏଗୁଡିକ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ସାଧାରଣ ଭାବେ ଦେଖିବାକୁ ମିଳେ ଯେ, ମୌସୁମୀ ଆସିବା ପୂର୍ବରୁ ପ୍ରତିବର୍ଷ ନାଳ ସଫେଇ କାର୍ଯ୍ୟକ୍ରମ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଯାଏ।

ଉଦ୍ଧାରିତ ଅଳିଆ–ଆବର୍ଜନା, ପଟୁ ଇତ୍ୟାଦି ଠିକ ସମୟରେ ସ୍ଥାନାନ୍ତରିତ ନ ହେବା କାରଣରୁ ପୁନଶ୍ଚ ବର୍ଷରେ ନାଳ ମଧ୍ୟକୁ ଚାଲିଯାଏ। ସବୁଠାରୁ ବଡ କଥା ହେଉଛି ଡ୍ରେନକୁ ଡଷ୍ଟବିନ ଭାବେ ବ୍ୟବହାର କରିବା ଆମର ଯେମିତି ମୌଳିକ ଅଧିକାର। ବ୍ୟକ୍ତିଗତ ସ୍ତରରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ବା ପ୍ରତିଷ୍ଠାନ ପର୍ଯ୍ୟନ୍ତ ସମାନ ଚିନ୍ତାଧାରା। ବର୍ଜ୍ୟବସ୍ତୁର ଏକମାତ୍ର ଗନ୍ତବ୍ୟସ୍ଥଳ ସହରର ନାଳ। ଏପରି ସ୍ଥିତିରେ ସହରୀ ବନ୍ୟା ଯେ ଅନ୍ୟ କେଉଁ ଅଲଗା କାରଣରୁ ହେଉଛି ତାହା ଭାବିବା ନିରର୍ଥକ। ହଁ ଜଳବାୟୁ ପରିବର୍ତ୍ତନଜନିତ ଅନିଶ୍ଚିତ ତଥା ଅସନ୍ତୁଳିତ ବୃଷ୍ଟି ଅନ୍ୟତମ କାରଣ ନିଶ୍ଚୟ। ତେବେ ପ୍ରକୃତିର ପ୍ରକୋପକୁ ପ୍ରଶମିତ କରିବା ପାଇଁ ମଣିଷ ନିଜର ପ୍ରକୃତି ପରିବର୍ତ୍ତନ କିମ୍ବା ପରିହାର କରିବା ନିଶ୍ଚୟ ଆବଶ୍ୟକ।

ଜଳବାୟୁରେ ବ୍ୟତିକ୍ରମ ଯୋଗୁ ପାଣିପାଗରେ ଘଟୁଥିବା ଅହେତୁକ ଅସ୍ଥିରତା ଗୋଟେ ଧାରାବାହିକ ପ୍ରକ୍ରିୟାରେ ପରିଣତ ହୋଇସାରିଲାଣି। ବୃଷ୍ଟିପାତର ହାର, ପରିମାଣ, ବଣ୍ଟନ ଏବଂ ଭୀଷଣତା ଉପରେ ଏହା ଯେ ପ୍ରଭାବଶାଳୀ ରହୁଛି ତାହା ତଥ୍ୟଭିତ୍ତିକ ଅନୁସନ୍ଧାନ ଓ ବିଶ୍ଳେଷଣରୁ ଜଣାପଡୁଛି। ପ୍ରକୃତିରେ ଏପରି ଧାରା ଲାଗି ରହିଲେ ଭବିଷ୍ୟତରେ ସହରଗୁଡିକ ଅଧିକରୁ ଅଧିକ ଆକସ୍ମିକ ବନ୍ୟାର ଶିକାର ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଜଳବାୟୁ ପରିବର୍ତ୍ତନ ପରି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଦୃଷ୍ଟିରେ ରଖି ସହରର ବୃଷ୍ଟିଜଳ ନିଷ୍କାସନ ଭିତ୍ତିଭୂମିକୁ ସଂପ୍ରସାରଣ ତଥା ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯିବା ସହିତ ପ୍ରସ୍ତାବିତ ଡ୍ରେନେଜ ବ୍ୟବସ୍ଥାକୁ ସମୟୋପଯୋଗୀ ଏବଂ ନୂତନ ମାନଦଣ୍ଡ ଅନୁସାରେ ନିର୍ମାଣ କରାଯିବା ଆବଶ୍ୟକ। ବୃଷ୍ଟିପାତର ପୂର୍ବାନୁମାନ ନମୁନା ପ୍ରସ୍ତୁତି ଜଳନିଷ୍କାସନ ପ୍ରକ୍ରିୟାକୁ ସାହାଯ୍ୟ କରିବା ସହିତ ସହରର ଭୂମି ବ୍ୟବହାର୍ଯ୍ୟ ଉପଯୋଗିତାକୁ ସସମର୍ଥ କରିପାରିବ। ସହରର ତଳି ଅଞ୍ଚଳ, ବାହ୍ୟ ପରିସୀମା ଓ ପ୍ରାକୃତିକ ଜଳବାହିକା ପରି ସମ୍ବେଦନଶୀଳ ସ୍ଥାନରେ ଗଢି ଉଠୁଥିବା କୋଠାବାଡି, ବସ୍ତିକୁ ବ୍ୟବସ୍ଥିତ କରାଯିବା ଦରକାର। ପୌରାଞ୍ଚଳ ବାସିନ୍ଦାଙ୍କ ମଧ୍ୟରେ ଏ ଦିଗରେ ସଚେତନା ସୃଷ୍ଟି ହେବା ସହିତ ବ୍ୟକ୍ତିଗତ ସ୍ତରରେ ମାନସିକତାର ପରିବର୍ତ୍ତନ ହେବା ନିହାତି ଆବଶ୍ୟକ। ନ ହେଲେ ସହରୀ ଜୀବନରେ ବଡ ବଡ ପ୍ରସଙ୍ଗକୁ ନେଇ ବ୍ୟସ୍ତତା ଭିତରେ ସହରୀ ବନ୍ୟା ଭଳି ନଜର ଅନ୍ଦାଜ ହୋଇ ପଡୁଥିବା ବିପର୍ଯ୍ୟୟ ପ୍ରଭୂତ କ୍ଷୟକ୍ଷତି ଘଟାଇ ଚାଲିଥିବ।

–ବିଭାଗୀୟ ମୁଖ୍ୟ, ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

# ଭାରତରେ ବ୍ରେନ୍ ଡ୍ରେନ୍



ଡ. ନରେନ୍ଦ୍ର ସେଠୀ

ଆମେରିକା ଓ ଚାଇନା ପରେ ବିଶ୍ୱର ତୃତୀୟ ବୃହତ୍ତମ ଶିକ୍ଷା ପ୍ରଣାଳୀ ଥିବା ଭାରତରେ ୨.୫୯ କୋଟି ଛାତ୍ରୀଛାତ୍ର ପ୍ରାୟ ୪୫ ହଜାରରୁ ଅଧିକ ଡିଗ୍ରୀ ଓ ଡିପ୍ଲୋମା ସଂସ୍ଥାନରେ ପଢ଼ନ୍ତି। କିନ୍ତୁ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାରେ ଭାରତ ଆନ୍ତର୍ଜାତିକ ମାନଦଣ୍ଡର ବହୁତ ପଛରେ। ବିଶ୍ୱ ବ୍ୟାଙ୍କର ଆକଳନ ଅନୁଯାୟୀ ଭାରତୀୟ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ପ୍ରଚଳିତ ପାଠ୍ୟକ୍ରମ ପୁରୁଣା ଓ ତାହା ବିଶ୍ୱର ଦରକାରୀ ମାନବ ସମ୍ବଳ ଉପଯୋଗୀ ନୁହେଁ; ଯେଉଁଥି ପାଇଁ ଭାରତର ଅଧିକାଂଶ ପ୍ରଶିକ୍ଷିତ ମାନବ ସମ୍ବଳ ବିକଶିତ ରାଷ୍ଟ୍ରଗୁଡିକୁ ମୁହାଁଇ ଥାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧିକାଂଶ ଛାତ୍ରୀଛାତ୍ର ବିଦେଶରେ ପଢିଲା ପରେ ଆଉ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁ ନାହାନ୍ତି। ଭାରତ ସରକାରଙ୍କ ୨୦୧୪ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୨୦୦୬ ରୁ ୨୦୦୯ ମଧ୍ୟରେ ପିଏଚ.ଡି. କରିବାକୁ ଆମେରିକା ଯାଇଥିବା ଛାତ୍ରମାନଙ୍କ ମଧ୍ୟରୁ ଷାଠିଏ ଭାଗରୁ ଊର୍ଦ୍ଧ୍ୱ ଆଉ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ବର୍ତ୍ତମାନ ସମୟରେ ଉଚ୍ଚ ଶିକ୍ଷିତ ମାନବ ସମ୍ବଳକୁ ଆକୃଷ୍ଟ କରି ରଖିବା ଦେଶର ଅର୍ଥନୀତି ପାଇଁ ମଧ୍ୟ ଉପଯୋଗୀ। ବୈଶ୍ୱିକ ଅର୍ଥନୀତିରେ ଯେ କୌଣସି ଦେଶର ଉନ୍ନତି ତା'ର ଶିକ୍ଷିତ ଓ ପ୍ରଶିକ୍ଷିତ ମାନବ ସମ୍ବଳ ଉପରେ ନିର୍ଭର କରେ। ଏକ ଆକଳନ ଅନୁଯାୟୀ ୨୦୧୭ ମସିହା ସୁଦ୍ଧା ଭାରତର ପ୍ରାୟ ଦୁଇ କୋଟିରୁ ଅଧିକ ଲୋକ ବିଦେଶରେ ବସବାସ କରୁଛନ୍ତି। ଆମେରିକୀୟ ମହାକାଶ ସଂସ୍ଥା ନାସାର ଏକ ବୟାନ ଅନୁସାରେ ସେଠାରେ ଥିବା ପ୍ରତି ଦଶ ଜଣ ବୈଜ୍ଞାନିକଙ୍କ ମଧ୍ୟରୁ ଚାରିଜଣ ଭାରତୀୟ। ଅର୍ଥାତ୍ ନାସାର ୩୬ ପ୍ରତିଶତ ମହାକାଶ ବିଜ୍ଞାନୀ ଭାରତୀୟ। ସେହିପରି ଆମେରିକାର ୩୮ପ୍ରତିଶତ ଡାକ୍ତର ଭାରତୀୟ। ୨୦୦୮ ମସିହାରେ ରାଜ୍ୟ ସଭାରେ ଏକ ଉତ୍ତରରେ ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ମାଇକ୍ରୋସଫ୍ଟ କମ୍ପାନୀରେ ୩୪ପ୍ରତିଶତ, ଆଇବିଏମ୍‌ରେ ୧୭ପ୍ରତିଶତ ଭାରତୀୟ କାମ କରନ୍ତି। କହିବା ବାହୁଲ୍ୟ ଯେ ବିଶ୍ୱର ନାମୀ କମ୍ପାନୀଗୁଡ଼ିକ ମଧ୍ୟରେ ଥିବା ପେପ୍ସି, ସିଟି ବ୍ୟାଙ୍କ, ମାଷ୍ଟର କାର୍ଡ, ଗୁଗଲ ଓ ମାଇକ୍ରୋସଫ୍ଟର ମୁଖ୍ୟ ଭାବରେ ଭାରତୀୟମାନେ ଅଲଙ୍କୃତ କରି ସାରିଲେଣି। ତେବେ ଭାରତୀୟ ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କ ବିଦେଶ ପଳାୟନର କାରଣ ତର୍ଜମା କଲେ ଜଣାପଡେ ଏହା ପାଇଁ ଅନେକ ଆନୁଷଙ୍ଗିକ ବ୍ୟବସ୍ଥା ଦାୟୀ। ସେଥି ମଧ୍ୟରୁ ଗୋଟିଏ ହେଲା ବିଦେଶରେ ମିଳୁଥିବା ଉଚ୍ଚ ଦରମା। ଭାରତରେ ଜଣେ ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କୁ ବିଦେଶ ତୁଳନାରେ ନଗଣ୍ୟ ଦରମା ମିଳି ଥାଏ। ତା' ଛଡା ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ମିଳୁଥିବା ଆନୁଷଙ୍ଗିକ ସୁବିଧା ସୁଯୋଗ ଓ ଆଧୁନିକ ଜୀବନ ଶୈଳୀ ଭାରତରେ ନ ଥାଏ। ଜଣେ ବୈଜ୍ଞାନିକକୁ କାମ କରିବା ପାଇଁ ସ୍ୱାଧୀନତା ଓ ଗବେଷଣାତ୍ମକ ସଫଳତାର ଶ୍ରେୟ ଭାରତରେ ମିଳି ନ ଥାଏ। ଏପରି କି ଭାରତର ଅନେକ ପ୍ରସିଦ୍ଧ ଗବେଷଣାତ୍ମକ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ଜୀବନ କାଳ ମଧ୍ୟରେ ହାତଗଣତି ପଦୋନ୍ନତି ମିଳିବା କଷ୍ଟକର ହେଇଥାଏ। ଯେ କୌଣସି ଦେଶର ଅଗ୍ରଗତି ପାଇଁ ବହୁ ମୂଲ୍ୟ ମାନବ ସମ୍ବଳର ସଦୁପଯୋଗ ଅତ୍ୟନ୍ତ କାମ୍ୟ। ତେଣୁ ଭାରତ ଏକ ଆର୍ଥିକ ମହାଶକ୍ତି ଓ ବିକଶିତ ରାଷ୍ଟ୍ର ହେବାକୁ ହେଲେ ଆଗ ଏହି ବ୍ରେନ ଡ୍ରେନରେ ବ୍ରେକ ଲଗାଇବାକୁ ପଡିବ। ଏହି କ୍ଷେତ୍ରରେ ଏସିଆ ମହାଦେଶରେ ଚାଇନା ଓ ତାଇୱାନ ଭଳି ଦେଶ ସଫଳ ପ୍ରୟାସ କରି ସାରିଛନ୍ତି। ଚାଇନାରେ ଶହେରୁ ଅଧିକ ଟ୍ୟାଲେଣ୍ଟ ପ୍ରୋଗ୍ରାମ ଅଛି, ଯାହା ପ୍ରଶିକ୍ଷିତ ମାନବ ସମ୍ବଳକୁ ଲକ୍ଷ୍ୟ କରି କରାଯାଇଛି ଓ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ହାତ ମିଳେଇ ଜ୍ଞାନର ଆଦାନ ପ୍ରଦାନ କରାଯାଉଛି। ସେହିପରି ବ୍ୟବସ୍ଥା ଆମ ଦେଶରେ ନ ଥିଲେ ମଧ୍ୟ ୟୁଜିସି ଭଳି ସଂସ୍ଥା ଯଥେଷ୍ଟ ସୁବିଧା ସୁଯୋଗ ସୃଷ୍ଟି କରିପାରୁ ନାହିଁ। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆମକୁ ପ୍ରଥମେ ଆମର ଶିକ୍ଷା ବ୍ୟବସ୍ଥାକୁ ଅମୂଳଚୂଳ ପରିବର୍ତ୍ତନ କରି ଆନ୍ତର୍ଜାତିକ ମାନର କରିବାକୁ ପଡିବ। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ସରକାର ଶିକ୍ଷା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ଏକ ସାହସୀ ପଦକ୍ଷେପ ନେଇଛନ୍ତି। ଭାରତର ବିଶ୍ୱବିଦ୍ୟାଳୟଗୁଡିକର ଲାବରେଟୋରି ଗୁଡିକର ଆଧୁନିକୀକରଣ ଓ ଗବେଷକମାନଙ୍କୁ ଉଚିତ ପ୍ରାପ୍ୟ, ସମ୍ମାନ ଓ ସୁବିଧା ସୁଯୋଗ ଦିଆଯାଉ। ବିଜ୍ଞାନ ପ୍ରତିଭାଗୁଡିକୁ ଚିହ୍ନଟ କରି ପୁରସ୍କୃତ କରିବା ଦରକାର। ଭାରତ ଏକ ବିକଶିତ ଦେଶ ହେବାକୁ ମାତ୍ର ଏକ ଦଶନ୍ଧିରୁ କମ୍ ସମୟ ବାକି ଥିବାବେଳେ ବ୍ରେନ ଡ୍ରେନକୁ ଅଟକେଇବା ନିଶ୍ଚୟ ଏକ ଗୁରୁତ୍ୱପୂର୍ଣ୍ଣ କାମ। ଏଥିପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଉଦ୍ୟମ ଆବଶ୍ୟକ। ଶିଳ୍ପ ଓ ଶିକ୍ଷାନୁଷ୍ଠାନ ଭିତରେ ସହଯୋଗ ବୃଦ୍ଧି ନିମିତ୍ତ ଉତ୍ତମ ବାତାବରଣ ସୃଷ୍ଟି କରିବାକୁ ହେବ। ଆଗାମୀ ଦିନରେ ଧନ୍ଦାମୂଳକ ଶିକ୍ଷାକୁ ବେଶି ଗୁରୁତ୍ୱ ଦେଉଥିବା ନୂତନ ଶିକ୍ଷାନୀତି କିପରି ଏହି ବିକଟ ସଂଶୟର ସାମ୍ନା କରିବ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୋବେଲ ବିଜୟୀ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ, ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ହରଗୋବିନ୍ଦ ଖୁରାନା, ଶୁଭ୍ରମନ୍ୟମ ଚନ୍ଦ୍ରଶେଖର ଓ ଭେଙ୍କଟ ରାମକୃଷ୍ଣ ପ୍ରମୁଖ ସମସ୍ତେ ଭାରତୀୟ ବ୍ୟବସ୍ଥାରେ ଉପଯୁକ୍ତ ସୁବିଧା ସୁଯୋଗ ନ ପାଇ ବିଦେଶରେ ଖ୍ୟାତି ଅର୍ଜନ କରିଥିଲେ। ତେବେ ଆଗାମୀ ଦିନରେ ଏହାର ପୁନରାବୃତ୍ତି ନ ହେଉ ଓ ଭାରତର ଗୁଣୀ ଜ୍ଞାନୀ ମାଟି ମାଆର ପ୍ରଗତିରେ ସହାୟକ ହେଉ ଏତିକି ଆଶା।

ଭାବା ପରମାଣୁ ଗବେଷଣା କେନ୍ଦ୍ର
ଯାଦୁଗୁଡା, ପୂର୍ବ ସିଂହଭୂମ, ଝାଡଖଣ୍ଡ, ମୋ–୯୪୭୧୩୮୦୮୧୦

## ଏଇ ଭାରତରେ

ବର୍ତ୍ତମାନ ସମୟରେ ଝିଅମାନେ ପୁଅଙ୍କଠାରୁ କୌଣସି କ୍ଷେତ୍ରରେ କମ୍ ନୁହନ୍ତି। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ହରିୟାଣାର ଭଦାନା ଗାଁର ଶିକ୍ଷକ ଜଗଦେବ ଦହିୟାଙ୍କ ଝିଅମାନେ। ଜଗଦେବଙ୍କ ଛଅଝିଅ ହେଉଛନ୍ତି ବୈଜ୍ଞାନିକ। ଏମାନଙ୍କ ମଧ୍ୟରୁ ଚାରିଜଣ ବିଦେଶରେ ରହି ବିଭିନ୍ନ କ୍ଷେତ୍ରରେ ଗବେଷଣା କରୁଥିବା ବେଳେ ଜଣେ ଝିଅକୁ କ୍ୟାନ୍‌ସର ରୋଗ ଉପରେ ଅଧିକ ରିସର୍ଚ୍ଚ କରିବା ପାଇଁ ସ୍ୱୀକୃତି ମଧ୍ୟ ମିଳିଛି। ଆଉ ଦୁଇଝିଅ ଭାରତର ଦୁଇ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ଗବେଷକ ଭାବେ କାର୍ଯ୍ୟରତ। ଝିଅମାନଙ୍କର ଏପରି କୃତିତ୍ୱ ଦେଖି ପିତା ଜଗଦେବ ସେମାନଙ୍କୁ ମା' ଦୁର୍ଗାଙ୍କ ଅବତାର ବୋଲି ଅଭିହିତ କରିଛନ୍ତି। ଏହି ଛଅଝିଅଙ୍କୁ ଦେଖି ଲୋକମାନେ ବୋଝ ବୋଲି କହୁଥିଲେ। କିନ୍ତୁ ଠିକ୍ ସମୟରେ ଜଗଦେବ ଗାଁରେ ଝିଅମାନଙ୍କ ପ୍ରାଥମିକ ଶିକ୍ଷା ଶେଷ କରାଇଥିଲେ। ସ୍କୁଲଶିକ୍ଷା ସମାପ୍ତ ପରେ ସମସ୍ତେ ସୋନେପତ୍‌ର ଟିକାରାମ ମହିଳା ମହାବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀରେ ନାମ ଲେଖାଇଥିଲେ। ଏଥିସହ ହିନ୍ଦୁ କଲେଜରୁ ବି.ଏସ୍‌ସି. ପଢ଼ା ଶେଷ କରିଥିଲେ। ପରେ ଉଚ୍ଚଶିକ୍ଷା ପାଇଁ ଝିଅମାନଙ୍କୁ ଚଣ୍ଡିଗଡ଼ ପଠାଇଥିଲେ ଜଗଦେବ। ତାଙ୍କ ଝିଅଙ୍କ ମଧ୍ୟରୁ ଡ. ସଙ୍ଗୀତା ଦହିୟା ପଦାର୍ଥ ବିଜ୍ଞାନ, ଡ. ମୋନିକା ଦହିୟା ବାୟୋଟେକ୍ନୋଲୋଜି, ଡ. ନିତୁ ଦହିୟା ବାୟୋଟେକ୍ନୋଲୋଜିରେ ଉଚ୍ଚତର ଡିଗ୍ରୀ ଶେଷ କରିଛନ୍ତି। ଚତୁର୍ଥ ଝିଅ କଳ୍ପନା ପଞ୍ଜାବ ୟୁନିଭର୍ସିଟିରେ ପ୍ରଫେସର ଅଛନ୍ତି। ଡ. ଡେନି ଦହିୟା ଓ ରୁଚି ଦହିୟା ଗଣିତରେ ଏମ୍.ଏସ୍‌ସି.ରେ ପି.ଏଚ୍‌ଡି. କରିଛନ୍ତି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | 3 | E | 4 | | | 0 | | | | 9 |
| E | 3 | 9 | 0 | | | | C | | | 1 | | | | |
| | | | | 4 | 7 | | 5 | | 8 | | 6 | 1 | | |
| 1 | | | E | | | | | B | D | | | | | |
| | D | | 6 | | C | | | | | | | 7 | | |
| | | 6 | 7 | 2 | 0 | 5 | | | 3 | | | D | 1 | |
| 9 | 4 | | D | | | 3 | 7 | | | | | E | | |
| | | | 3 | | | | | C | 0 | | 7 | | | B |
| 7 | | 1 | | 5 | | | 2 | | | | | 8 | | |
| | | A | | | B | 6 | D | | | E | | | 9 | |
| C | | B | 8 | | 5 | A | 6 | | | | | | | |
| 8 | 2 | | C | | 4 | | | | | | 1 | | | 5 |
| | | 5 | | | | | | | 7 | | A | 9 | B | 8 |
| | 6 | E | | | | | | | 5 | | B | | 0 | |
| | 9 | | | | | | | | | 6 | | | 3 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 9 | 2 | 3 | 8 | 6 | C | 0 | E | A | 1 | 4 | D | 7 | B |
| 1 | E | 3 | C | 7 | 9 | 6 | 4 | D | 5 | 2 | B | A | 0 | 8 |
| C | D | 0 | B | 4 | E | 1 | A | 2 | 9 | 8 | 7 | 3 | 6 | 5 |
| 4 | 7 | 6 | 1 | D | A | 5 | B | 8 | 3 | E | 0 | C | 2 | 9 |
| B | 8 | A | 5 | 2 | 0 | 3 | 7 | 9 | 6 | C | D | 1 | 4 | E |
| 8 | 6 | C | E | 5 | 7 | B | 9 | 1 | 2 | 4 | 3 | 0 | A | D |
| 2 | B | E | D | 0 | 8 | 4 | 3 | 7 | C | A | 6 | 5 | 9 | 1 |
| 7 | 5 | 4 | A | 1 | 2 | D | C | 6 | 8 | 0 | 9 | B | E | 3 |
| 3 | 0 | 9 | 6 | B | 4 | E | 8 | A | 1 | D | 5 | 2 | C | 7 |
| D | A | 1 | 9 | C | 3 | 0 | 2 | 5 | 7 | B | E | 4 | 8 | 6 |
| 6 | 2 | B | 7 | 9 | D | 8 | 1 | C | 0 | 5 | A | E | 3 | 4 |
| 9 | 1 | 5 | 0 | E | C | 2 | 6 | B | 4 | 3 | 8 | 7 | D | A |
| 0 | 4 | 8 | 2 | A | B | 7 | E | 3 | D | 9 | 1 | 6 | 5 | C |
| E | C | 7 | 8 | 3 | 5 | A | D | 4 | B | 6 | 2 | 9 | 1 | 0 |
| A | 3 | D | 4 | 6 | 1 | 9 | 5 | 0 | E | 7 | C | 8 | B | 2 |

ଗତକାଲିର ଉତ୍ତର

# ଆବେଗର ଆଲୋକବର୍ତ୍ତିକା

ସଞ୍ଜ ନଇଁ ଆସିବା ପରେ ଜଙ୍ଗଲ ଓ ପାହାଡ଼ ଦେଇ ଗତି କରିବା ବେଳେ ଥାଏ ଅନେକ ଭୟ। କିନ୍ତୁ ଯେଉଁମାନେ ଦୁଃସାହସିକ ଯାତ୍ରା କରିଥାଆନ୍ତି, ସେମାନଙ୍କୁ ପ୍ରକୃତି ନୂଆ କିଛି ଉପହାର ଦେବାକୁ ଚାହେଁ। ସେହି ଉପହାର ଗ୍ରହଣ କରିବାର କଳା ଯାହାଙ୍କ ପାଖରେ ଥାଏ, ସେ ହିଁ ତାହାକୁ ତୋଳି ଧରିଥାଆନ୍ତି। ମହାରାଷ୍ଟ୍ରର ଅହମ୍ମଦନଗର ଜିଲା ଭଣ୍ଡାରଦାର ଦେଇ ଟ୍ରେକିଂ କଲା ବେଳେ ସେ ଦେଖିଥିଲେ ଗୋଟେ ଗଛକୁ ଘେରି ରହିଛନ୍ତି ଅସଂଖ୍ୟ ଜୁଳୁଜୁଳିଆ ପୋକ ବା ଖଦ୍ୟୋତ। ଆକାଶରେ ତାରାମାନଙ୍କ ଶାନ୍ତସ୍ନିଗ୍ଧ ଆଲୋକ ମଧ୍ୟ ବିଚ୍ଛୁରିତ ହୋଇପଡ଼ିଥିଲା। ଅନ୍ଧାର ଭିତରେ ଆଲୁଅ ପ୍ରବେଶ କଲେ ଯେଭଳି ସେହି ଇଲାକା ପ୍ରଜ୍ୱଳିତ ହୋଇଯାଇଥାଏ, ତାରକାମାନଙ୍କ ଆଲୋକ ଯେତେବେଳେ ଖଦ୍ୟୋତ ଭର୍ତ୍ତି ଗଛଟି ଉପରେ ପଡ଼ିଯାଇଛି, ତାହା ମନୋରମ ଦୃଶ୍ୟ ସୃଷ୍ଟି କରିଛି। ସେହି ଅପୂର୍ବ ପ୍ରାକୃତିକ ଶୋଭାରାଜିକୁ ନିଜ କ୍ୟାମେରାରେ ତୋଳିବାକୁ ଯାଇ ଯେଉଁ କିଶୋରୀ ଏକ ଚମତ୍କାର ଚିତ୍ର ଉତ୍ତୋଳନ କରି ଆଜି ବିଶ୍ୱ ଲେନ୍ସ ଦୁନିଆରେ ନିଜ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛନ୍ତି, ସେ ହେଉଛନ୍ତି ଐଶ୍ୱର୍ଯ୍ୟା ଶ୍ରୀଧର। ଚଳିତବର୍ଷର ବିହେଭିୟର ଇନ୍‌ଭର୍ଟିବ୍ରେଟ୍ସ ବର୍ଗରେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ସମ୍ମାନ ପାଇବାରେ ସେ ପ୍ରଥମ ଭାରତୀୟ ଓ ସର୍ବକନିଷ୍ଠା ମହିଳା ହୋଇପାରିଛନ୍ତି। ୮୦ ଦେଶର ୫୦ ହଜାର ଫଟୋ ମଧ୍ୟରେ ଶ୍ରେଷ୍ଠ ୧୦୦ରେ ଐଶ୍ୱର୍ଯ୍ୟାଙ୍କ 'ଲାଇଟ୍ସ ଅଫ୍ ପାସନ୍' ଲଣ୍ଡନସ୍ଥିତ ନ୍ୟାଶନାଲ ମ୍ୟୁଜିୟମ ଅଫ୍ ହିଷ୍ଟ୍ରିରେ ସ୍ଥାନ ପାଇବା ପରେ ସେ ଏଭଳି ସଫଳତା ପାଇଛନ୍ତି। ଏବେ ତାଙ୍କୁ ସବୁଆଡୁ ଶୁଭେଚ୍ଛା ମିଳିବାରେ ଲାଗିଛି।

### ବ୍ୟକ୍ତିତ୍ୱ



ଐଶ୍ୱର୍ଯ୍ୟା ଶ୍ରୀଧର

୧୨ ଜାନୁୟାରୀ ୧୯୯୭ରେ ଐଶ୍ୱର୍ଯ୍ୟା ମୁମ୍ବାଇରେ ଜନ୍ମ ଗ୍ରହଣ କରିଥିଲେ। ସେ ଶ୍ରୀଧର ରଙ୍ଗନାଥନ ଓ ରାଣୀ ଶ୍ରୀଧରଙ୍କ ତନୟା। ସେ ଡକ୍ଟର ପିଲାଇ ଗ୍ଲୋବାଲ ଏକାଡେମୀର ଛାତ୍ରୀ ଥିଲେ ଓ ୨୦୧୩ରେ କେମ୍ବ୍ରିଜ୍ ଇଣ୍ଟରନ୍ୟାଶନାଲ ପରୀକ୍ଷାର ବିଜ୍‌ନେସ୍ ଷ୍ଟଡିଜ୍ ପେପରରେ ୱାର୍ଲ୍ଡ ଟପ୍ପର ହେବାର ଗୌରବ ଅର୍ଜନ କରିଥିଲେ। ୨୩ ବର୍ଷୀୟା ଐଶ୍ୱର୍ଯ୍ୟା ମଧ୍ୟ ମୁମ୍ବାଇ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ଛାତ୍ରୀ ଭାବେ ପାଠ ପଢ଼ିଛନ୍ତି। ପିତା ବମ୍ବେ ନାଚ୍ୟୁରାଲ ହିଷ୍ଟ୍ରି ସୋସାଇଟି (ବିଏନ୍‌ଏଚ୍‌ଏସ୍)ର ସଦସ୍ୟ। ତେଣୁ ତାଙ୍କ ସହ ଐଶ୍ୱର୍ଯ୍ୟା ବିଭିନ୍ନ ଜଙ୍ଗଲ ବୁଲିବା ବେଳେ ଖୁବ୍ କମ୍ ବର୍ଷରେ ଅନେକ ଅଭିଜ୍ଞତା ଅର୍ଜନ କରିପାରିଛନ୍ତି। ତାଙ୍କୁ ଯେତେବେଳେ ମାତ୍ର ୧୩ ବର୍ଷ ବୟସ ହୋଇଥିଲା, ସେ ଫଟୋଗ୍ରାଫି ପ୍ରତି ଆକର୍ଷିତ ହୋଇଥିଲେ। ମହାରାଷ୍ଟ୍ରର ରତ୍ନଗିରି ଜଙ୍ଗଲରେ ସେ ଟ୍ରେକିଂ ଆରମ୍ଭ କରିଥିଲେ। ତାଙ୍କ ପ୍ରଥମ ପ୍ରାମାଣିକ ଚଳଚ୍ଚିତ୍ର 'ପାଞ୍ଜୋ–ଦି ଲାଷ୍ଟ ୱେଟ୍‌ଲାଣ୍ଡ' ୨୦୧୮ରେ ଦୂରଦର୍ଶନରେ ପ୍ରସାରିତ ହୋଇ ଅସଂଖ୍ୟ ପ୍ରଶଂସା ସାଉଁଟିଥିଲା। ତା' ପରେ ସେ ଆଗକୁ ବଢ଼ିଚାଲିଛନ୍ତି। ୱାଇଲ୍ଡ ବେଙ୍ଗଲ ଟାଇଗ୍ରୀସ୍‌ଙ୍କ ଉପରେ 'ମାୟା' ନାମରେ ଏକ ଫିଚର ଫିଲ୍ମ ନିର୍ମାଣ କରିଛନ୍ତି। ଏହା ନ୍ୟୁୟର୍କ ସିଟିଠାରେ ଅନୁଷ୍ଠିତ ୯ମ ୱାଇଲ୍ଡଲାଇଫ୍ କଞ୍ଜରଭେଶନ ଫିଲ୍ମ ଫେଷ୍ଟିଭାଲ (ଡବ୍ଲ୍ୟୁସିଏଫ୍‌ଏଫ୍)ରେ ବେଷ୍ଟ ଆମେଚ୍ୟୁର ଫିଲ୍ମ ସମ୍ମାନ ପାଇପାରିଛି। ଖୁବ୍ କମ୍ ବୟସରେ ସେ ଯେଉଁ ପୁରସ୍କାର ଓ ସମ୍ମାନ ପାଇ ଫଟୋଗ୍ରାଫି ଦୁନିଆରେ ନିଜର ସ୍ଥାନ ବଜାୟ ରଖିପାରିଛନ୍ତି ସେଥି ମଧ୍ୟରେ ରହିଛି– ୨୦୧୧ରେ ସାଙ୍କଚ୍ୟୁଆରି ଏସିଆଜ୍ ୟଙ୍ଗ ନାଚ୍ୟୁରାଲିଷ୍ଟ, ୨୦୧୪ରେ ୱାର୍ଲ୍ଡ ସ୍ପାରୋ ଡେ ଫେଟୋଗ୍ରାଫି, ୨୦୧୬ରେ କ୍ୟାମେରା ଫେୟାର ଆୱାର୍ଡ, ୨୦୧୮ରେ ୟଙ୍ଗ୍ ଡିଜିଟାଲ କ୍ୟାମେରା ଫଟ୍ରୋଗ୍ରାଫର ଅଫ୍ ଦି ଇୟର, ୨୦୧୯ରେ ପ୍ରିନ୍ସେସ୍ ଡାଏନା ଆୱାର୍ଡ ଓ ୱିମେନ୍ ଆଇକନ୍ ଇଣ୍ଡିଆ ଆୱାର୍ଡ ଏବଂ ୨୦୨୦ରେ ଜାକ୍ସନ୍ ୱାଇଲ୍ଡ ଫେଲୋସିପ୍ ସହ ଲଣ୍ଡନ ସ୍ଥିତ ନାଚ୍ୟୁରାଲ ହିଷ୍ଟ୍ରି ମ୍ୟୁଜିୟମ ପକ୍ଷରୁ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ଅଫ୍ ଦି ଇୟର ଆୱାର୍ଡ।

ଏଥିସହିତ ସେ ବମ୍ବେ ହାଇକୋର୍ଟ ଦ୍ୱାରା ନିଯୁକ୍ତି ପାଇ ମହାରାଷ୍ଟ୍ର ଆର୍ଦ୍ରଭୂମି ଚିହ୍ନଟ କମିଟିର ସଦସ୍ୟା ହୋଇପାରିଛନ୍ତି। ପରିବେଶ ଓ ୱାଇଲ୍ଡ ଲାଇଫ୍ ସଂକ୍ରାନ୍ତ ତାଙ୍କ କାର୍ଯ୍ୟ ବିବିସି ୱାଇଲ୍ଡ ଲାଇଫ୍, ଦି ଗାର୍ଡିଆନ, ସାଙ୍କଚ୍ୟୁଆରି ଏସିଆ, ହିନ୍ଦୁସ୍ତାନ ଟାଇମ୍ସ, ମୁମ୍ବାଇ ମିରର୍, ଡିଜିଟାଲ କ୍ୟାମେରା, ମାତୃଭୂମି ଓ ମଙ୍ଗାବେରେ ପ୍ରକାଶ ପାଇ ବନ୍ୟପ୍ରାଣୀ ପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସେ ଏବେ ଯୁବ ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

**–ଜିତେନ୍ଦ୍ର କୁମାର ନାୟକ**

**୨୫ ବର୍ଷ ତଳର ଧରିତ୍ରୀ** DHARITRI

୨୫ ଅକ୍ଟୋବର ୧୯୯୫

- ଚୀନର ୟୁନାନ ପାର୍ବତ୍ୟାଞ୍ଚଳରେ ବଡ଼ଧରଣର ଭୂମିକମ୍ପ ଘଟି ୧୪ ଜଣଙ୍କ ପ୍ରାଣହାନୀ।
- ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତ ଆଦିତ୍ୟ ବିର୍ଲାଙ୍କ ପୁତ୍ର କୁମାରମଙ୍ଗଳମ ବିର୍ଲା ବୃହତ୍ ଶିଳ୍ପଗୋଷ୍ଠୀ ବିର୍ଲା ଗ୍ରୁପର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।
- ବମ୍ବେ ବିମାନ ବନ୍ଦରଠାରେ ସିଙ୍ଗାପୁର ଯାଉଥିବା ଜଣେ ମହିଳାଙ୍କ ନିକଟରୁ ୧ କୋଟି ଟଙ୍କାର ବିଦେଶୀ ମୁଦ୍ରା ଜବତ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ନିରାଡମ୍ବର ପୂଜାବିଧି

ମହାଶୟ,

କରୋନା ରୋକିବାର ମହାନ୍ ଉଦ୍ଦେଶ୍ୟ ନେଇ ପୂଜାପୀଠମାନଙ୍କରେ ନିରାଡ଼ମ୍ବର ପୂଜାବିଧି ସମ୍ପନ୍ନ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା କଟକଣା ଓ ପଦକ୍ଷେପ ସ୍ୱାଗତଯୋଗ୍ୟ। ସମସ୍ତ ପୂଜା କମିଟିର କାର୍ଯ୍ୟକର୍ତ୍ତା ସରକାରଙ୍କ ଏଇ ନିଷ୍ପତ୍ତିକୁ ସମର୍ଥନ ଜଣାଇବା ଉଚିତ। ଜୀବନ ମୂଲ୍ୟବାନ, ଗୋଟିଏ ବର୍ଷ ପୂଜାପାର୍ବଣର ସମସ୍ତ ବିଧିକୁ ସୀମିତ କରିଦେଲେ ଭକ୍ତର ହୃଦୟ ଆତ୍ମାରୁ ଭାବାବେଗ କମିଯିବ ନାହିଁ। ଦ୍ୱିତୀୟତଃ, ଶାସ୍ତ୍ରୀୟ ମତାନୁସାରେ ଜୀବ ମଧ୍ୟେ ଆତ୍ମା ବ୍ରହ୍ମ ସ୍ୱରୂପ, ଜୀବ ହତ୍ୟା ମହାପାପ। ପୂଜା ସିଦ୍ଧି ପାଇଁ ବଳିଦେବା ବିଧିର ବିଧାନ ନୁହେଁ। ମନୁଷ୍ୟ ନିକଟରେ ଶରଣାଗତ, ଆଦରରେ ପାଳିତ ଓ ଆତ୍ମସମର୍ପଣ କରିଥିବା ନିରୀହ ନିଷ୍ପାପ ପଶୁପକ୍ଷୀଙ୍କୁ ନିର୍ବିକାର ଭାବରେ ହତ୍ୟା କରାଯିବା ଅଧାର୍ମିକ ପରମ୍ପରା। ବଳିପ୍ରଥାକୁ ବନ୍ଦ କରିବା ପାଇଁ ଆମ୍ଭମାନଙ୍କର ଆନ୍ତରିକ ଉଦ୍ୟମ ଲୋଡ଼ା।

ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସିକତାର ସିକ୍ତ ବାୟୁ
ଓଦା କରେ ପତା
ମୋ ବିରହେ ଆଜି ସେ କି ଲୁଚାଇଛି ବ୍ୟାଥା ?
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମଣ୍ଡପରେ ମା'...



ବ୍ରହ୍ମପୁର ଓଏସ୍‌ଆରଟିସି କାର୍ଯ୍ୟାଳୟ ।



କୋରାପୁଟ ତୃତୀୟ ବାଟାଲିଅନଠାରେ ହୋଇଥିବା ପୂଜାମଣ୍ଡପ ।



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଦୈନିକ ବଜାର ପୂଜାମଣ୍ଡପ ।



ରାୟଗଡ଼ା ଏସ୍‌ବିଆଇ ଛକ ନିକଟ ମାର୍କେଟ ଆସୋସିଏଶନ ପକ୍ଷରୁ ପୂଜାମଣ୍ଡପ ।



ସମ୍ବଲପୁର କାଳୀବାଡି ମଣ୍ଡପରେ ଦେବୀ ଦୁର୍ଗା ।



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ।



ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାରରେ ଶାରଦୀୟ ଦୁର୍ଗାପୂଜା ।



ସମ୍ବଲପୁର ହାଟପଡା ପୂଜା ମଣ୍ଡପ ।



ଭଦ୍ରକ ଜିଲା ବନ୍ତ ପୁରୁଣା ବଜାର ପୂଜାମଣ୍ଡପ ।



ଅନୁଗୋଳ ସହରରେ ଅମଲାପଡ଼ା ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜା ।



ଅନୁଗୋଳ ଜିଲା ଆଠମଲ୍ଲିକ ଦୁର୍ଗାବଜାରଠାରେ ମା'ଙ୍କ ପୂଜା ମଣ୍ଡପ ।



ବୌଦ୍ଧ ପୋଡପଡା ମଣ୍ଡପରେ ଦୁର୍ଗାପୂଜା ।



ସମ୍ବଲପୁର ଢୁକୁପଡା ମଣ୍ଡପ ।



ବାରିପଦା ମ୍ୟୁନିସିପାଲିଟି ପୂଜାମଣ୍ଡପ ।



ସମ୍ବଲପୁର ଜିଲା ସ୍କୁଲ ଛକ ମଣ୍ଡପ ।

## ସଂକ୍ଷେପରେ

### ୮ହଜାର ଟପିଲେ ସଂକ୍ରମିତ

ରାୟଗଡ଼ା ଅଫିସ,୨୪।୧୦-ରାୟଗଡ଼ା ଜିଲାରୁ ଶନିବାର ୧୭ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ରାୟଗଡ଼ା ସହରାଞ୍ଚଳରୁ ୪ଜଣ, ଗୁଣପୁର ସହରାଞ୍ଚଳରୁ ୩, କାଶୀପୁରରୁ ୩, ରାୟଗଡ଼ା ଗ୍ରାମାଞ୍ଚଳରୁ ୩, ବିଷମକଟକରୁ ୨, କୋଲନରାରୁ ଜଣେ, କଳାହାଣ୍ଡିରୁ ଜଣେ ରହିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ କରୋନା ଯୋଦ୍ଧା ଥିବା ଜଣାପଡ଼ିଛି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭଙ୍କ ସଂଖ୍ୟା ୮୦୧୨ରେ ପହଞ୍ଚିଛି। ସେଥିମଧ୍ୟରୁ ୭୮୨୧ଜଣ ସୁସ୍ଥହୋଇ ଫେରିଛନ୍ତି। ସେହିପରି ୪୦ଜଣଙ୍କ କରେନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୧୫୧ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ମାଲକାନଗିରି,୨୪।୧୦(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ବ୍ଲକ ସେରପାଲି ପଞ୍ଚାୟତର ପଦରାପାଲି ଗ୍ରାମରେ ଜଣେ ବୃଦ୍ଧ ପୋଖରୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ନାମ ଉଙ୍ଗା ମାଡକାମି (୬୫)। ଶୁକ୍ରବାର ଉଙ୍ଗା ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବହୁ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର ସକାଳେ ଉଙ୍ଗାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଟ୍ରାକ୍ଟର ଚୋରି ଅଭିଯୋଗ

ଦିଗପହଣ୍ଡି,୨୪।୧୦ (ଡି.ଏନ୍.ଏ.)- ଦିଗପହଣ୍ଡି ମୁଖ୍ୟ ରାସ୍ତା କଡ଼ରେ ରଖାଯାଇଥିବା ଏକ ଟ୍ରାକ୍ଟରକୁ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ରାଣୀ ସାହିର ଟ୍ରାକ୍ଟର ମାଲିକ ପୁରୁଷୋତ୍ତମ ପାତ୍ର ଏ ନେଇ ଶୁକ୍ରବାର ଥାନାରେ ଏତଲା ଦେଇଛନ୍ତି। ଗତ ଗୁରୁବାର ଅପରାହ୍ନରେ ଟ୍ରାକ୍ଟର ଚାଳକ ଲାଲୁ ସେଠୀ ଗାଡିକୁ ଧୋଇ ରଖିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତ ଗାଡ଼ି ଚୋରି କରିଥିବା ଜଣାପଡିଛି। ସକାଳେ ଗାଡ଼ି ନ ଥିବା ଦେଖି ଚାଳକ ମାଲିକଙ୍କୁ ଜଣାଇଥିଲେ। ବହୁ ଖୋଜାଖୋଜି କଲା ପରେ ମଧ ଗାଡ଼ି ନ ମିଳି ନଥିଲା।

### ୮୦ କେଜି ମାଧବୀ ଚେର ଜବତ

ବୁଗୁଡ଼ା,୨୪।୧୦(ଡି.ଏନ.ଏ.)-ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ଡାକରାବାଡ଼ି ଛକଠାରେ ଶନିବାର ବନ ବିଭାଗ ପକ୍ଷରୁ ଗୋଟିଏ ଟିଭିଏସ୍ ଏକ୍ସଏଲ ସହ ୮୦ କେଜି ମାଧବୀଲତା ଚେର ଜବତ କରାଯାଇଛି। ଚାଳକ ଜଣକ ଫେରାର ଥିବା ଜଣାପଡ଼ିଛି। ଚାଳକ ସକାଳେ ବିଭିନ୍ନ ସ୍ଥାନରୁ ମାଧବୀ ଲତା ଚେର ଚୋରି କରି ବସ୍ତାରେ ବାନ୍ଧି ଗାଡ଼ିରେ ନେଉଥିଲେ। ଖବର ପାଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହେରାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ବନପାଳ ଅଭିରାମ ଖିଲ, ବନରକ୍ଷୀ ଶିବରାମ ପାତ୍ର ପ୍ରମୁଖ ଉକ୍ତ ଗାଡ଼ିର ପିଛା କରିଥିଲେ। କିନ୍ତୁ ଚାଳକ ଜଣକ ଡ଼ାକରାବାଡ଼ି ଛକରେ ଗାଡ଼ି ଛାଡ଼ି ପଳାଇ ଯାଇଥିଲେ। ଘଟଣାସ୍ଥଳରୁ ବିଭାଗ କର୍ମଚାରୀମାନେ ଗାଡ଼ି ମାଧବୀ ଲତା ଔଷଧୀୟ ଚେର ଜବତ କରିଥିଲେ।

# ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ସୁନାବେଶ

ଜୟପୁର,୨୪।୧୦(ନି.ପ୍ର.)



କରୋନା କଟକଣାରେ ଚଳିତବର୍ଷ ଦଶହରା ପାଳିତ ହେଉଛି। ତଥାପି ଏଥିପାଇଁ ଜୟପୁର ସହର ଉତ୍ସବମୁଖର ହୋଇଉଠିଛି। ମହାନବମୀରେ ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ସୁନାବେଶ ଶନିବାର ଅନୁଷ୍ଠିତ ହୋଇଛି। ମା'ଙ୍କୁ ମୁଣ୍ଡମାଳ, କମରପଟି, ହାର, ଦଣ୍ଡି ଭଳି ୧ କେଜିରୁ ଅଧିକ ସୁନାରେ ବେଶ କରାଯାଇଥିଲା। ଦେବୋତ୍ତର ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ମା'ଙ୍କୁ ସୁନା ଗହଣା ଲାଗି କରାଯାଇଥିଲା। ମା'ଙ୍କ ନିକଟରେ ସ୍ୱତନ୍ତ୍ର ପୂଜା, ହୋମ ଓ ଭୋଗ ଲାଗି ହୋଇଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ମା' ଭଗବତୀ , ମା' ଦକ୍ଷିଣକାଳୀଙ୍କ ମହାଷ୍ଟମୀ ପୂଜା ଶେଷ ହୋଇଥିଲା। ଜୟପୁର ବ୍ଲକ ଅଞ୍ଚଳର ଦେବୀଙ୍କ ପ୍ରତୀକ ଲାଠିଧାରୀମାନେ ଆସି ମନ୍ଦିର ବେଢାରେ ପହଞ୍ଚିବା ପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଚାଲିଛି। କୋଭିଡ୍ ନିୟମାନୁଯାୟୀ ପୂଜା, ହୋମ, ଚଣ୍ଡିପାଠ ଜାରି ରହିଛି । ଯେଉଁମାନେ ନବରାତ୍ର କରୁଥିଲେ ସେମାନେ ଶନିବାର ସନ୍ଧ୍ୟାରେ ନବରାତ୍ର ଉପାସନା ଉଦ୍‌ଯାପନ କରିଥିଲେ। ମାଦଳାସାହି ଦୁର୍ଗାମଣ୍ଡପ, ସରକାରୀ ବସ୍‌ଷ୍ଟାଣ୍ଡ, ଦନ୍ତେଶ୍ୱରୀ ପୂଜାମଣ୍ଡପ, ଗାନ୍ଧୀଛକ ପୂଜାମଣ୍ଡପ, ରଜନଅରସ୍ଥିତ ଦୁର୍ଗାମଣ୍ଡପ, ଭୂପତିସାହିର କନକ ଦୁର୍ଗା ମନ୍ଦିର, ଜଗଜ୍ଜନନୀ ମନ୍ଦିର, ସାତଭଉଣୀ ମନ୍ଦିର, ନୂଆସାହିର ସର୍ବମଙ୍ଗଳା ମନ୍ଦିର, ଉଗ୍ରତାରା ମନ୍ଦିର, ଗଙ୍ଗା ମା' ମନ୍ଦିର, ରାଜୁସାହିର ମଙ୍ଗଳା ମନ୍ଦିର, ରଜାମହଲ ପରିସରରେ ଥିବା କନକଦୁର୍ଗା ମନ୍ଦିରରେ ମହାନବମୀ ପୂଜା ଚାଲିଛି।

# ମହାନବମୀ ପୂଜା ନେଇ କୋରାପୁଟ ସହର ଚଳଚଞ୍ଚଳ

କୋରାପୁଟ,୨୪।୧୦(ସ୍ୱ.ପ୍ର.)

**କୋଭିଡ୍ କଟକଣାରେ ୭ ପୂଜା ମଣ୍ଡପରେ ପୂଜାର୍ଚ୍ଚନା**

କରୋନା ମହାମାରୀ ନେଇ ସରକାରଙ୍କ କଟକଣା ସତ୍ତ୍ୱେ ଶନିବାର ମା' ଦୁର୍ଗାଙ୍କ ମହାନବମୀ ପୂଜା ପାଇଁ କୋରାପୁଟ ସହର ଚଳଚଞ୍ଚଳ ହୋଇଉଠିଛି । ଚଳିତ ବର୍ଷ ସହରରେ ୭ ଟି ପୂଜା କମିଟି ପକ୍ଷରୁ ବିନା ସାଜସଜ୍ଜାରେ ପୂଜା ହେଉଛି। ପୂଜାମଣ୍ଡପଗୁଡିକରେ ଶ୍ରଦ୍ଧାଳୁମାନେ ମାସ୍କ ପିନ୍ଧି, ସାମାଜିକ ଦୂରତା ରଖି ମା'ଙ୍କ ଟିକେ ଆଶିଷ ପାଇଁ ଦର୍ଶନ କରିବାକୁ ବ୍ୟଗ୍ର ହେଉଥିବା ଦେଖିବାକୁ ମିଳିଥିଲା। ଘରୋଇ ବସ୍‌ମାଲିକ ସଂଘ ପକ୍ଷରୁ କୋରାପୁଟ ବସ୍‌ଷ୍ଟାଣ୍ଡ,ଓଏମ୍‌ପି, ବଙ୍ଗଳା ଭାଷାଭାଷୀ ଲୋକଙ୍କ ଦ୍ୱାରା ଡିଏନ୍‌କେସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ, ଜିଲା ପୋଲିସ ବିଭାଗ ପକ୍ଷରୁ ପୋଲିସ ପଡିଆଠାରେ, ମଣ୍ଡଳ କାରାଗାର ପକ୍ଷରୁ କାରାଗାର ସମ୍ମୁଖ ପୂଜାମଣ୍ଡପରେ, ଇଣ୍ଡିଆନ ରିଜର୍ଭ ବାଟାଲିୟନ ପରିସରରେ, କୋରାପୁଟ ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାନୀୟ ହାଟପଦାଠାରେ କୋଭିଡ୍ କଟକଣା ମଧ୍ୟରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି।

# ସଫେଇ ଠିକାସଂସ୍ଥା ବିରୋଧରେ କର୍ମଚାରୀ ଆଣିଲେ ଅଭିଯୋଗ



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଝାଡୁଦାରମାନେ।

ଜୟପୁର,୨୪।୧୦(ଡି.ଏନ.ଏ.)

କୋରାପୁଟ ଜିଲା ଜୟପୁର ପୌରସଂସ୍ଥା ପକ୍ଷରୁ ସହରର ସଫେଇ କାର୍ଯ୍ୟ ପାଇଁ ନିଯୁକ୍ତ ଠିକାସଂସ୍ଥା ବିରୋଧରେ ଶତାଧିକ କର୍ମଚାରୀ ଅଭିଯୋଗ ଆଣିଛନ୍ତି। ନିୟମିତ ଭାବେ ପାରିଶ୍ରମିକ ମିଳୁ ନ ଥିବା, ବୃଦ୍ଧି ବକେୟା ଟଙ୍କାଦେବା, ବୀମା, ବୋନସ ଏବଂ ଚିକିତ୍ସା ସୁବିଧା ସମ୍ପୃକ୍ତ ଠିକାସଂସ୍ଥା କର୍ମଚାରୀଙ୍କୁ ଦେଉ ନ ଥିବା ନେଇ ସେମାନେ ଶନିବାର ଉପଜିଲାପାଳ ତଥା ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମକାନ୍ତ ସଏଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଠିକାସଂସ୍ଥା ଅଧୀନରେ ପୌରସଂସ୍ଥାର ଶତାଧିକ ଝାଡୁଦାର, ଜମାଦାର କାର୍ଯ୍ୟ କରନ୍ତି। ଆସନ୍ତା ବୁଧବାର ସୁଦ୍ଧା ବକେୟା ରହିଥିବା ଟଙ୍କା ପ୍ରଦାନ କରାଯିବ। ବୀମା ଏବଂ ଚିକିତ୍ସା ସୁବିଧା ନେଇ ସେ ସମ୍ପୃକ୍ତ ଠିକାସଂସ୍ଥା ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସମୟରେ କର୍ମଚାରୀ ପି. ଗୋପୀ, ଟି.କ୍ରିଷ୍ଣା, ଅଭି ନାୟକ, ୟୁ. ଶିବା, କେ. କୁଲଦୀପ, ଟି. ମୃଷା, ଲତା ବାଘ, ଟି.ରାମାରାଓ, ସେକ ସବିର, ଅଜୟ ଷଣ୍ଢ, ଗୁରୁବାରୀ ନାଗ, ମଙ୍ଗଳା ନାଗ, ସରସ୍ୱତୀ ନାଗ, କେ. ଉମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଏହି କର୍ମଚାରୀମାନେ ଦୀର୍ଘବର୍ଷ ହେଲା ସମ୍ପୃକ୍ତ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ କୌଣସି ସୁବିଧା ସୁଯୋଗ ମିଳୁନାହିଁ । କରୋନା ମହାମାରୀ ଜାରି ରହିଥିବା ବେଳେ ସେମାନେ ନିୟମିତ ଭାବେ ସହରର ସଫେଇ କାର୍ଯ୍ୟ କରି ଲୋକଙ୍କୁ ସେବା ଯୋଗାଇଆସୁଛନ୍ତି। ସେମାନଙ୍କୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ କିଛି ସାମଗ୍ରୀ ମିଳିନାହିଁ। କାର୍ଯ୍ୟରତ ଅବସ୍ଥାରେ ୫ଜଣ ଝାଡୁଦାରଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ମୃତକଙ୍କ ପରିବାରକୁ ସରକାର କିମ୍ବା ଠିକାସଂସ୍ଥା ପକ୍ଷରୁ କୌଣସି ସହାୟତା ମିଳିନାହିଁ।

## ୪ ବିଡିଓ, ଜଣେ ନିର୍ବାହୀ ଅଧିକାରୀଙ୍କ ଦରମା ବନ୍ଦ

ମାଲକାନଗିରି,୨୪।୧୦(ଡି.ଏନ.ଏ)

ମାଲକାନଗିରି ଜିଲାର ୪ଜଣ ବିଡିଓ ଏବଂ ଜଣେ ନିର୍ବାହୀ ଅଧିକାରୀଙ୍କ ଦରମା ଉପ ଜିଲାପାଳ ରାମେଶ୍ୱର ପ୍ରଧାନ ବନ୍ଦ କରିଛନ୍ତି। ଜିଲାର ସମସ୍ତ ଭୋଟରମାନଙ୍କ ଥିବା ଲଜିକାଲ ଏରର୍ ସଂଶୋଧନ, ଡବଲ ଏଣ୍ଟ୍ରି, ଡି.ଏସ୍.ଇ. ଆଦି କାର୍ଯ୍ୟ କରିବା ପାଇଁ ଜିଲାର ମାଲକାନଗିରି, ଚିତ୍ରକୋଣ୍ଡା, କାଲିମେଳା ଓ କୋରୁକୋଣ୍ଡା ବିଡିଓଙ୍କ ସମେତ ମାଲକାନଗିରି ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ତାହା ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଅଧିକାରୀମାନେ କରିପାରି ନ ଥିବାରୁ ଉପଜଲାପାଳ ପ୍ରଧାନ ସେମାନଙ୍କ ଦରମା ବନ୍ଦ କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ଯାଏ ଏମାନଙ୍କୁ ଚଳିତ ମାସର ଦରମା ପ୍ରଦାନ ନ କରିବାକୁ ପ୍ରଧାନ ଜିଲା ଟ୍ରେଜରିକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ମାଲକାନଗିରିରୁ ୩୭, କୋରାପୁଟରୁ ୪୫ ଚିହ୍ନଟ

ମାଲକାନଗିରି/କୋରାପୁଟ, ୨୪।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲାରେ ଶନିବାର ୩୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ସଂଖ୍ୟା ୪୬୪୯ରେ ପହଞ୍ଚିଛି। ଚିହ୍ନଟ ୩୭ ଜଣଙ୍କ ମଧ୍ୟରେ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୭ ଜଣ, ବାଲିମେଳା ଏନ୍‌ଏସିରୁ ୪, ମାଲକାନଗିରି ଓ ପଡ଼ିଆ ବ୍ଲକରୁ ୪ ଲେଖାଏ, ମାଥିଲି ବ୍ଲକରୁ ୮, ଖଇରପୁଟ ବ୍ଲକରୁ ୩, କାଲିମେଳା ବ୍ଲକରୁ ୬, ଚିତ୍ରକୋଣ୍ଡା ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି।

କୋରାପୁଟ ଜିଲାରେ ଶନିବାର ୪୫ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୧୦୮କୁ ବୃଦ୍ଧି ପାଇଛି । ଚିହ୍ନଟ ୪୫ ଜଣଙ୍କ ମଧ୍ୟରେ ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ୨ ଜଣ, କୋରାପୁଟ ମ୍ୟୁନିସିପାଲିଟିରୁ ୭, ସୁନାବେଡ଼ା ମ୍ୟୁନିସିପାଲିଟିରୁ ୭ ରହିଥିବାବେଳେ କୋରାପୁଟ ବ୍ଲକରୁ ୫, ବୈପାରିଗୁଡ଼ା ବ୍ଲକରୁ ୩, ବୋରିଗୁମ୍ମା ବ୍ଲକରୁ ୯, ଜୟପୁର ବ୍ଲକରୁ ଜଣେ , ଲକ୍ଷ୍ମୀପୁର ବ୍ଲକରୁ ୨, କୁନ୍ଦୁରା ବ୍ଲକରୁ ୬ ଏବଂ କୋଟପାଡ୍ ବ୍ଲକରୁ ୩ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଜୁଆ ଆଡ୍ଡାରେ ଚଢାଉ, ୩ ଗିରଫ

ଆସିକା, ୨୪।୧୦ (ଡି.ଏନ୍.ଏ)

ଗାଙ୍ଗପୁର ବଡଦାଣ୍ଡ ସାହିରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୋଲିସ ଶୁକ୍ରବାର ରାତିରେ ଚଢାଉ କରି ୩ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୧୫ହଜାର ୮ଶହ ୨୦ ଟଙ୍କା ଜବତ କରାଯାଇଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୩୦୨/୨୦ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି।

# କୋଇଲା ଚୋରା ଚାଲାଣ ବେଳେ ଜବତ: ୧ ଗିରଫ



ଜବତ କୋଇଲା ବୋଝେଇ ଭ୍ୟାନ୍।

କୋରୁକୋଣ୍ଡା ୨୪।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଘାଟିରୁ କୋଇଲା ବୋଝେଇ କରି ବାଲିମେଳା ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି ୧୦ପି-୭୩୨୫)କୁ ଶନିବାର ବନ ବିଭାଗ କର୍ମଚାରୀ ଧରିଛନ୍ତି। କୋଇଲା ଚୋରାଚାଲଣ କରୁଥିବା ସମ୍ପର୍କରେ ଜାଣିପାରି କେତେଜଣ ଯୁବକ ସ୍ଥାନୀୟ ଅଞ୍ଚଳର ବନପାଳ ଏବଂ ବନାଞ୍ଚଳ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ଉଭୟେ କିଛି ପଦକ୍ଷେପ ନ ନେଇ ନୀରବ ରହିବାରୁ ସମ୍ପୃକ୍ତ ଯୁବକମାନେ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କୁ ଜଣାଇଥିଲେ। ମିରାସେ ଏନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବନପାଳ ଶିବାନନ୍ଦ ଲେଙ୍କା ଏବଂ ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇ ଘଟଣାସ୍ଥଳରେ ପହଞ୍ଚି କୋଇଲା ବୋଝେଇ ଭ୍ୟାନ୍‌କୁ ବାଲିମେଳା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ସେଥିରୁ ୨୦ରୁ ଊର୍ଦ୍ଧ୍ୱ ବସ୍ତା କୋଇଲା ଜବତ କରାଯାଇଛି। ଏହି କୋଇଲା ବାଲିମେଳା ଶର୍ମା ରାଇସ ମିଲ୍‌କୁ ନେଉଥିବା ପଚରାଉଚରା ବେଳେ ଡ୍ରାଇଭର ସୁବାସ ହନ୍ତାଳ କହିଛନ୍ତି। ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ବେଳେ ଭ୍ୟାନ୍‌ରେ ଥିବା ସମ୍ପୃକ୍ତ ରାଇସ ମିଲ୍‌ର କର୍ମଚାରୀ ଶୁକଦେବ ଗାଏନଙ୍କୁ କର୍ମଚାରୀମାନେ ଛାଡି ଦେଇଛନ୍ତି। ତେବେ ବନ ବିଭାଗର କେତେଜଣ କର୍ମଚାରୀ ଏବଂ ରାଇସ ମିଲ୍‌ଗୁଡିକର ମାଲିକମାନଙ୍କ ସଲସୁତୁରାରେ ବର୍ଷ ବର୍ଷ ଧରି ଏପରି ବେଆଇନ କୋଇଲା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ମାଲକାନଗିରି ବନଖଣ୍ଡ ଅଧିକାରୀ ମିରାସେ ଏଥିପ୍ରତି ଦୃଷ୍ଟି ଦେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ୩ କୁଇଣ୍ଟାଲ ଗଞ୍ଜେଇ, ବନ୍ଧୁକ ସହ ଜୀବନ୍ତ ଗୁଳି ଜବତ




ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତମାନେ।

ଜୟପୁର,୨୪।୧୦(ନି.ପ୍ର./ଡି.ଏନ.ଏ.)

କୋରାପୁଟ ଜିଲା ଜୟପୁର ସଦର ପୋଲିସ ଶନିବାର ଗଞ୍ଜେଇ ଚୋରା ଚାଲାଣ ପାଇଁ ଲୋଡିଂ ଚାଲିଥିବା ଖବର ପାଇ ଚଢାଉ କରି ୩କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ଜଣ ଆନ୍ତଃ ରାଜ୍ୟ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ବନ୍ଧୁକ, ଜୀବନ୍ତ ଗୁଳି ଓ ଦେଢଲକ୍ଷ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କାର ମାଲିକ ଦୁର୍ଗର ମହମ୍ମଦ ଆସିଫ, ବୁଦ୍ଧନାର ନାସିର ଅନସାରି, ବୋରିଗୁମ୍ମାର ନବୀନ ହରିଜନ, କଣ୍ଟେନରର ମାଲିକ ହରିୟାଣା ଫରିଦାବାଦର ଦୁର୍ଗା ନନ୍ଦୁ ମିଶ୍ର ଓ ଜୟପୁର କଳାଗୁଡାର କାର୍ତ୍ତିକ କନ୍ଦପାଣି (୩୬)। ଖବରରୁ ଜଣାପଡିଛି ଜାତୀୟ ରାଜପଥ ୨୬ କୋରାପୁଟ- ଜୟପୁର ଘାଟିର ଶିବ ମନ୍ଦିର ନିକଟରେ ୫/୭ ଜଣ ୨ଟି ଗାଡିରେ ଚୋରାଚାଲଣ ପାଇଁ ଗଞ୍ଜେଇ ଲୋଡ କରୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଚମ୍ପଟ ମାରିବାକୁ ବସିଥିବା ବେଳେ ୫ ଜଣ ଧରାପଡିଥିଲେ। । ମାଜଷ୍ଟ୍ରେଟଙ୍କ ଉପସ୍ଥିତିରେ ୨ଟି ଗାଡିରୁ ୩୯ ଓ ୨୩ଟି ପ୍ୟାକେଟରୁ ୩ ଶହ ୧୦ କେଜି ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ବଜାର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ। ଗଞ୍ଜେଇ ଚାଲାଣରେ ବ୍ୟବହୃତ କଣ୍ଟେନର (ଏନଏଲ୦୧କେ-୬୧୨୨, ଏକ ନମ୍ବର ବିହୀନ ଧଳା କାର, କଳା ପଲ୍‌ସର, ବାଇକ୍, ଅଭିଯୁକ୍ତଙ୍କ ୫ ମୋବାଇଲ ଜବତ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏନେଇ ସଦର ପୋଲିସ ୨୧୧/୨୦ରେ ଏକ ମାମଲା ରୁଜୁ କରି ଏନ୍‌ଡିପିଏସ୍ ଆକ୍ଟରେ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ଜୟପୁର ସହରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଜୟପୁର,୨୪।୧୦(ଡି.ଏନ.ଏ )

**ରବିବାର ସନ୍ଧ୍ୟା ୮ରୁ ଦୋକାନ ବଜାର ବନ୍ଦ ନିର୍ଦ୍ଦେଶ**



ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ।

କୋରାପୁଟ ଜିଲା ଜୟପୁରରେ ନବରାତ୍ର ଦଶହରା ପାଳନକୁ ନେଇ ପ୍ରଶାସନ ପକ୍ଷରୁ କଡା ପଦକ୍ଷପ ଗ୍ରହଣ କରାଯାଇଛି । ଶନିବାର ବିଭିନ୍ନ ପୂଜା ମଣ୍ଡପରେ ମହାଷ୍ଟମୀ ପାଳନ ଅବସରରେ ସହରରେ ଭିଡ ହେବ। ଏହାକୁ ଦୃଷ୍ଟିରେ ରଖି ସହରରେ ପୋଲିସ ଫ୍ଲାଗମାର୍ଚ୍ଚ କରିଛି। ଉପଜିଲାପାଳ ହେମକାନ୍ତ ସଏ, ଏସଡିପିଓ ଗୁଣ୍ଡାପଲ୍ଲି ବରୁଣ, ତହସିଲଦାର ଅଶ୍ୱିନୀ ମହାପାତ୍ର, ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀ, ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦରଥାନା ଅଧିକାରୀ ଆଦିତ୍ୟ ମହାକୁର ଏବଂ ୨ ପ୍ଲାଟୁନ ରିଜର୍ଭ ପୋଲିସର ଯବାନମାନେ ଜଗତଦନ୍ତୀ ଛକଠାରୁ ରଥପଡିଆ ଛକ ପର୍ଯ୍ୟନ୍ତ ଫ୍ଲାଗ ମାର୍ଚ୍ଚ କରିଥିଲେ । ସେହିପରି ସାମାଜିକ ଦୂରତା ରକ୍ଷା କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ। ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରିଥିଲେ। ରବିବାର ଦଶହରା ହେତୁ ଅଧିକ ଭିଡ ହେବା ଆଶଙ୍କାରେ ପ୍ରଶାସନ ସନ୍ଧ୍ୟା ୮ଟାରୁ ସହରର ସମସ୍ତ ଦୋକାନ ବଜାର ବନ୍ଦ ରଖିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି । ଏନେଇ ମାଇକ୍ ଯୋଗେ ସହରରେ ଘୋଷଣା କରାଯାଇଛି ।

# ଗୁଣପୁର-ପୁରୀ ପାସେଞ୍ଜର ଏକ୍ସପ୍ରେସ୍‌ରେ ରୂପାନ୍ତରିତ

ଗୁଣପୁର,୨୪।୧୦(ଡି.ଏନ୍.ଏ.)




**ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି**

ନୌପଡ଼ା-ଗୁଣପୁର ରେଳଲାଇନ୍ ନ୍ୟାରୋଗେଜ୍‌ରୁ ବ୍ରଡ୍‌ଗେଜ୍‌କୁ ପରିବର୍ତ୍ତନ ହେବାପରେ ଅଞ୍ଚଳବାସୀ ପ୍ରଥମ ଟ୍ରେନ୍ ଭାବେ ପୁରୀ-ଗୁଣପୁର ପାସେଞ୍ଜର ଟ୍ରେନ୍ ସେବା ୨୦୧୧ ଅଗଷ୍ଟ ୨୧ରୁ ପାଇଆସୁଛନ୍ତି। ଏହା ଏକମାତ୍ର ଟ୍ରେନ୍‌ଭାବେ ଅଞ୍ଚଳର ଗମନାଗମନରେ ଜୀବନରେଖା ସଦୃଶ ହୋଇଛି। ଗଜପତି ଜିଲା ସମେତ ଗୁଣପୁର, ଗୁଡାରୀ, ପଦ୍ମପୁର, ରାମନାଗୁଡ଼ା ଆଦି ଗ୍ରାମାଞ୍ଚଳରୁ ବହୁ ବୟସ୍କ ବ୍ୟକ୍ତି ତଥା ଜଗନ୍ନାଥପ୍ରେମୀ ବିଳମ୍ବରେ ହେଲେ ମଧ୍ୟ ସୁବିଧାରେ ଜଗନ୍ନାଥ ଧାମକୁ କାର୍ତ୍ତିକ ମାସ ପାଳନ ଶୁଭକାର୍ଯ୍ୟ, ଶ୍ରାଦ୍ଧ ଆଦି କର୍ମ ପାଇଁ ଯାତ୍ରାର ସୁଯୋଗ ପାଇ ପାରୁଥିଲେ। ତେବେ ଅନେକ ସମୟରେ ଟ୍ରେନ୍‌ଟିର ଅନିୟମିତତା ସମସ୍ୟା କାରଣରୁ ଏବଂ କମ୍ ସମୟରେ ପୁରୀରେ ପହଞ୍ଚିବାର ସୁବିଧା ପାଇବା ନିମନ୍ତେ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘର ଆବାହକ ସତ୍ୟପ୍ରକାଶ ପଣ୍ଡା, ନବନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ ତଥା ସ୍ଥାନୀୟ ସଙ୍ଗଠନ ପକ୍ଷରୁ ଏହି ପାସେଞ୍ଜର ଟ୍ରେନ୍‌ଟିକୁ ଏକ୍ସପ୍ରେସ ଟ୍ରେନ୍‌ରେ ରୂପାନ୍ତରିତ କରିବା ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଏବଂ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଅନେକ ସମୟରେ ଅନୁରୋଧ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୨୦୨୦ ଜୁନ୍ ୨୭ରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଏହାକୁ ଏକ୍ସପ୍ରେସ୍ ଟ୍ରେନରେ ରୂପାନ୍ତରିତ କରିବା ପାଇଁ ରେଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଥିଲେ। ରେଳ ମନ୍ତ୍ରଣାଳୟ ପ୍ରସ୍ତାବ ଉପରେ ବିଚାରକରି ଏହି ଟ୍ରେନଟିକୁ ଏକ୍ସପ୍ରେସ୍ ଟ୍ରେନ୍‌ରେ ରୂପାନ୍ତରିତ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। କରୋନା ଯୋଗୁ ଦେଶରେ ଅନେକ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇପାରିନାହିଁ। ସ୍ୱାଭାବିକ ହେଲେ ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ଏବଂ ଗୁଣପୁର-ପୁରୀ ବଂଶଧାରା ଏକ୍ସପ୍ରେସ ନିୟମିତ ଚଳାଚଳ କରିବ। ଏହାଦ୍ୱାରା ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର ଏବଂ ଯୁବଗୋଷ୍ଠୀ ଚାକିରି ଉଦ୍ଦେଶ୍ୟରେ ରିହାତିରେ ଯାତାୟାତର ସୁବିଧା ପାଇପାରିବେ। ଏହା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଶୀଘ୍ର ରେଳ ଚଳାଚଳ ପାଇଁ ସେମାନେ ଦାବି କରିଛନ୍ତି। ଏହି ଟ୍ରେନ୍ ଏକ୍ସପ୍ରେସ୍‌ରେ ରୂପାନ୍ତରିତ ହେବା ପରେ ଛୋଟ ଷ୍ଟେଶନଗୁଡ଼ିକରେ ଯାତ୍ରୀଙ୍କ ଯାତାୟାତ ପାଇଁ ଗୁଣପୁର-ନୌପଡ଼ା ମଧ୍ୟରେ ଏକ ସଟଲ୍ ଟ୍ରେନ୍ ଦିନତମାମ ଚଳାଚଳ ନିମନ୍ତେ ଦାବି ହୋଇଛି।

## ସଂକ୍ଷେପରେ

### ମାନବିକତା ଦେଖାଇଲେ ଥାନାଧିକାରୀ

ଦିଗପହଣ୍ଡି,୨୪।୧୦(ଡି.ଏନ.ଏ.)- ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ଓଡ଼ାସିଙ୍ଗି ଗ୍ରାମ ନିକଟରେ ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ଆହାତ ହୋଇ ଜଣେ ଯୁବକ ରାସ୍ତା ଉପରେ ପଡ଼ି ଛଟପଟ ହେଉଥିଲେ। କେ. ନୂଆଗାଁ ଥାନାଧିକାରୀ ମାଧବାନନ୍ଦ ନାୟକ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇ ନିଜ ମାନବିକତାର ପରିଚୟ ଦେଖାଇ ପ୍ରଶଂସା ସାଉଁଟିଛନ୍ତି। ମଧ୍ୟାହ୍ନରେ ଦିଗପହଣ୍ଡି ବ୍ଲକ ଜକର ଗ୍ରାମର ଗୌର ସେଠୀ ଓ ତାଙ୍କ ସ୍ତ୍ରୀ ସବିତା ଦିଗପହଣ୍ଡି ବ୍ୟାଙ୍କରେ କାମ ସାରି ବାଇକ୍‌ରେ ଗ୍ରାମକୁ ଫେରୁଥିବା ବେଳେ ସାମ୍ନାପଟୁ ଆସୁଥିବା ଅନ୍ୟ ଏକ ବାଇକ୍ ସହି ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୌରଙ୍କ ସମେତ ବି.ତୁରୁବୁଡି ଅଞ୍ଚଳର ବାଇକ୍ ଚାଳକ ଗୁରୁତର ହୋଇଥିଲେ। ବି.ତୁରୁବୁଡ଼ି ଅଞ୍ଚଳର ଆହତ ବ୍ୟକ୍ତିଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। କିନ୍ତୁ ଗୌରଙ୍କୁ କେହି ସାହାଯ୍ୟ କରୁ ନ ଥିଲେ। ସେହି ରାସ୍ତା ଦେଇ କେ. ନୂଆଗାଁ ଥାନାଧିକାରୀ କାର ଯୋଗେ ଦିଗପହଣ୍ଡି ଥାନାକୁ ଯାଉଥିବା ବେଳେ ଦୁର୍ଘଟଣା ଦେଖି ଗୌର ଓ ତାଙ୍କ ସ୍ତ୍ରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ।

### ଭଙ୍ଗା ଘରେ ଚାଲିଛି ଏଫ୍‌ସିଆଇ କାର୍ଯ୍ୟାଳୟ

ପାରଳାଖେମୁଣ୍ଡି,୨୩।୧୦(ସ୍ୱ.ପ୍ର.)- ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠସ୍ଥିତ କତଳକଇଠା ଗ୍ରାମ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ଥିବା ଏଫ୍‌ସିଆଇ ଗୋଦାମ ଗୃହ କାର୍ଯ୍ୟାଳୟ ଭଙ୍ଗା ଘରେ ଚାଲିଛି। କାର୍ଯ୍ୟାଳୟର ଅବସ୍ଥା ଦେଖିଲେ କେଉଁ ମୁହୂର୍ତ୍ତରେ ଯେ ଭୁଶୁଡି ପଡିବ କହିହେବନାହିଁ। ସୂଚନା ଯୋଗ୍ୟ, ମାର୍କଫେଡ ଦ୍ୱାରା ପରିଚାଳିତ ଏହି ଗୋଦାମ ଗୃହ ଦୀର୍ଘ ବର୍ଷଧରି କାର୍ଯ୍ୟକ୍ଷମ କରି କୋଟି କୋଟି ଟଙ୍କା କାରବାର କରୁଛି।

### ନିଲମ୍ବିତ ଗୋଷ୍ଠୀଙ୍କ ନୂତନ ଦଳ ଗଠନ
#### କାଶୀପୁର ବ୍ଲକ୍ କଂଗ୍ରେସ କମିଟିରେ ବିବାଦ

ଟିକିରି,୨୪।୧୦(ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କଂଗ୍ରେସ କମିଟିରେ ବିବାଦ ସୃଷ୍ଟି ହୋଇଛି। ବିଗତ ଦିନରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କୁ ସମର୍ଥନ ନେଇ ବ୍ଲକ୍ କଂଗ୍ରେସ କମିଟିର ଅନେକ ସଦସ୍ୟଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ପରବର୍ତ୍ତି ସମୟରେ ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ସମୟରେ ୨ ଜିଲା ପରିଷଦ ସଭ୍ୟା, ସଭ୍ୟଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। କିନ୍ତୁ ଅନ୍ୟମାନଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇନାହିଁ। ଦଳ ସେମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ମଧ ହୋଇଥିଲା। ତେବେ ନିଲମ୍ବିତ କର୍ମୀମାନେ ବିରୋଧି ଗୋଷ୍ଠୀଭାବେ ନୂତନ ବ୍ଲକ୍ କମିଟି ଗଠନ କରି 'କେଟ୍‌ଲି କଂଗ୍ରେସ' ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲେ। ସର୍ବସମ୍ମତି କ୍ରମେ ଯୋଗେନ୍ଦ୍ର ନାୟକଙ୍କୁ କେଟ୍‌ଲି କଂଗ୍ରେସ କମିଟିର ସଭାପତି ଚୟନ କରାଯାଇଛି। ସେହିପରି ସାନ୍ଧୁ ଚରଣ ମାଝି ଉପସଭାପତି, କାର୍ଯ୍ୟକାରୀ ସଭାପତି ରୂପେ ଗଜେନ୍ଦ୍ର ନାଏକ ଏବଂ ପୂର୍ବତନ ଜିଲା ପରିଷଦ ଜୋନ୍ ସଭାପତି ଯୋଶେଫ ଭତ୍ରାଙ୍କୁ ଚୟନ କରାଯାଇଛି। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଏବଂ ଉପଦେଷ୍ଟାମାନଙ୍କୁ ମଧ ଚୟନ କରାଯାଇଛି।

# ନିଜ ମାମଲା ଲଢ଼ି କୋଟିଏ ଫେରିପାଇଲେ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ):

ନ୍ୟାୟ ପାଇଁ ଜନସାଧାରଣ କୋର୍ଟଙ୍କ ଦ୍ୱାରସ୍ଥ ହୁଅନ୍ତି। କିନ୍ତୁ ବିନା ଆଇନଜୀବୀରେ କୋର୍ଟରେ ମାମଲା ଲଢ଼ିବା ଓ ଜିତିବା କାଠିକର ପାଠ। ହେଲେ ଏମିତି ବି ବ୍ୟକ୍ତି ଅଛନ୍ତି, ଯିଏ ଆଇନ ବହି ଅଧ୍ୟୟନ କରି ସେଥିରୁ ଜ୍ଞାନ ଅର୍ଜନ କଲେ। ପରେ କୋଲକାତା ହାଇକୋର୍ଟରେ ନିଜ ମାମଲାରେ ନିଜେ ଆଇନଜୀବୀ ସାଜିଲେ। ଠକେଇ କରିଥିବା ଦେଶର ନାମୀ ଷ୍ଟକ୍ ବ୍ରୋକିଂ କମ୍ପାନୀ 'ଇଣ୍ଡିଆ ଇନ୍‌ଫୋଲାଇନ୍' ସହ ମାମଲା ଲଢ଼ି କୋଟିଏ ଟଙ୍କାର କ୍ଷତି ପୂରଣ ଫେରିପାଇଲେ। ଏହି ବ୍ୟକ୍ତି ଜଣକ ହେଉଛନ୍ତି ପୁରୀ ସଦର ବ୍ଲକ୍ ବାସୁଦେବପୁର ଗ୍ରାମ ବାସିନ୍ଦା ପ୍ରମୋଦ କୁମାର ଉପାଧ୍ୟାୟ। ପ୍ରମୋଦ କିପରି ନିଜର ସତ୍ୟ, ନିଷ୍ଠାପର ତଥା ଦୃଢ ମନୋବଳକୁ ନେଇ ୨ବର୍ଷ ଧରି ଆଇନଗତ ଲଢ଼େଇ କରି ମାମଲା ଜିତିଲେ ତାହା ଠକେଇର ଶିକାର ହୋଇଥିବା ଅନ୍ୟ ଜମାକାରୀଙ୍କ ପାଇଁ ନିଶ୍ଚୟ ବିରଳ ଉଦାହରଣ।


ପ୍ରମୋଦ କୁମାର ଉପାଧ୍ୟାୟ

ପ୍ରମୋଦ ଆମେରିକାରେ ଏକ ସ୍ଥାୟୀ ଚାକିରି କରୁଥିବାବେଳେ ତାଙ୍କ ସ୍ତ୍ରୀ ମଧ ସେଠାରେ ବୈଜ୍ଞାନିକ ଥିଲେ। ୨୦୧୨ରେ ଉଭୟ ଗ୍ରୀନ୍‌କାର୍ଡ, ସୋସିଆଲ ସିକ୍ୟୁରିଟି ଓ ଅନ୍ୟସବୁ ସୁବିଧା ଛାଡି ଭାରତ ପ୍ରତ୍ୟାବର୍ତ୍ତନ କଲେ। ପରମୁହୂର୍ତ୍ତରେ ପ୍ରମୋଦଙ୍କ ସ୍ତ୍ରୀ କୋଲକାତାସ୍ଥିତ ଏକ କେନ୍ଦ୍ରୀୟ ସଂସ୍ଥାରେ ବୈଜ୍ଞାନିକ ଭାବେ କାର୍ଯ୍ୟ ଆରମ୍ଭ କରିଥିବାବେଳେ ସେ ଭୁବନେଶ୍ୱରରେ ଏକ ଲଘୁ ଉଦ୍ୟୋଗ ଖୋଲିଥିଲେ। ସେମାନଙ୍କର କୌଣସି ପିଲା ନ ଥିବାରୁ ଦୁହେଁ ଏଠାରେ ଏକ ପୋଷ୍ୟ କନ୍ୟା ସନ୍ତାନ ଗ୍ରହଣ କଲେ। ୨୦୧୮ରେ ଇଣ୍ଡିଆ ଇନ୍‌ଫୋଲାଇନର ୩ଜଣ ଅଧିକାରୀ ତାଙ୍କ କଲିକତାସ୍ଥିତ ବାସଭବନକୁ ଆସି ପୁଞ୍ଜିନିବେଶ ନେଇ ଆଲୋଚନା କରିଥିଲେ। ପ୍ରମୋଦ ଉକ୍ତ କମ୍ପାନୀଠାରୁ ଶେୟାର କିଣିଥିଲେ। ହେଲେ ପ୍ରମୋଦଙ୍କ ଅଜାଣତରେ କମ୍ପାନୀ ତାଙ୍କର ସମସ୍ତ ଶେୟାରକୁ ବନ୍ଧକ ରଖି ୧.୬ କୋଟିର ଋଣ ଉଠାଇ କାରବାର କରିବା ସହ ସବୁ ଅର୍ଥ ରାଶି ବେଆଇନ ଭାବେ ଖର୍ଚ୍ଚ କରିଦେଇଥିଲା। ଏହା ଜାଣିବା ପରେ ପ୍ରମୋଦ ତୁରନ୍ତ କମ୍ପାନୀର କୋଲକାତାସ୍ଥିତ କାର୍ଯ୍ୟାଳୟକୁ ଯାଇ ବେନିୟମ କାରବାର ବିରୋଧରେ ଅଭିଯୋଗ କରିଥିଲେ। କିନ୍ତୁ ଏହା ବଦଳରେ ସେଠାରେ ତାଙ୍କୁ ଧମକ ମିଳିଲା। କିଛି ଉପାୟ ନ ପାଇ ସେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଓ ସିକ୍ୟୁରିଟି ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି)ରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳି ନ ଥିଲା। ପରେ ପ୍ରମୋଦ କେତେଜଣ ବନ୍ଧୁଙ୍କ ସହିତ ପରାମର୍ଶ କରି କୋଲକାତାରେ ଥିବା ଏନ୍‌ଏସ୍‌ଇ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହେଲେ। ୩ ଜଣିଆ ଟ୍ରିବ୍ୟୁନାଲ ମାମଲାର ବିଚାର କରି ଇଣ୍ଡିଆ ଇନ୍‌ଫୋଲାଇନକୁ ବେନିୟମ କାରବାର ପାଇଁ ଦୋଷୀ ସାବ୍ୟସ୍ତ କରି ନିବେଶକାରୀ ପ୍ରମୋଦଙ୍କୁ ୯୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ରାୟ ବିରୋଧରେ ଉକ୍ତ କମ୍ପାନୀ ଡିଷ୍ଟ୍ରିକ୍ଟ ଜଜ୍ କୋର୍ଟରେ ଅପିଲ କଲା ଏବଂ ଦେଶର ସବୁଠାରୁ ବଡ଼ ଓକିଲାତି ଫାର୍ମକୁ ତାଙ୍କ ସପକ୍ଷରେ ଲଢ଼ିବାକୁ ନିୟୋଜିତ କଲା। ହେଲେ ଦୃଢ଼ମନା ପ୍ରମୋଦ କୌଣସି ଆଇନଜୀବୀଙ୍କୁ ନିଯୁକ୍ତ ନ କରି ନିଜ ମାମଲା ନିଜେ ଲଢ଼ିବାକୁ ସଂକଳ୍ପ ନେଲେ। ଏଥିପାଇଁ ସେ ଆଇନ ପୁସ୍ତକ ପଢ଼ିବା ସହ ଡିଷ୍ଟ୍ରିକ୍ଟ ଜଜ୍ କୋର୍ଟରେ ନିଜ ସପକ୍ଷରେ ଯୁକ୍ତି ବାଢ଼ିଲେ। ମାମଲାର ବିଚାର ଦୀର୍ଘଦିନ ଧରି ଚାଲିବା ପରେ ଶେଷରେ ଡିଷ୍ଟ୍ରିକ୍ଟ ଜଜ୍ କୋର୍ଟ ଇଣ୍ଡିଆ ଇନ୍‌ଫୋଲାଇନର ଅପିଲକୁ ଖାରଜ କରି ଟ୍ରିବ୍ୟୁନାଲ ରାୟକୁ କାଏମ ରଖିଲେ। ଏହାପରେ ଇଣ୍ଡିଆ ଇନ୍‌ଫୋଲାଇନ କୋଲକାତା ହାଇକୋର୍ଟରେ ଅପିଲ କରିଥିଲେ ମଧ ପ୍ରମୋଦଙ୍କ ଦୃଢ଼ ଯୁକ୍ତି ସହ ପ୍ରମାଣ ଆଗରେ ତାହା ଖାରଜ ହୋଇଯାଇଥିଲା। ଶେଷରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଷ୍ଟକ୍ ଉକ୍ତ ବ୍ରୋକିଂ କମ୍ପାନୀ ଇଣ୍ଡିଆ ଇନ୍‌ଫୋଲାଇନ୍‌ର ଜମାରାଶିରୁ କ୍ଷତିପୂରଣ ବାବଦରେ ମୂଳସୁଧ ମିଶାଇ ୧ କୋଟି ଟଙ୍କା ପ୍ରମୋଦଙ୍କ ବ୍ୟାଙ୍କ୍ ଖାତାକୁ ପଠାଇଥିଲା। ଏହି ମାମଲା ଫେବୃୟାରୀ ୨୦୧୮ରୁ ଫେବୃୟାରୀ ୨୦୨୦ ଅର୍ଥାତ୍ ୨ ବର୍ଷ ଧରି ଚାଲିଥିଲା।

### ଉଦାହରଣ ସାଜିଲେ ପୁରୀର ପ୍ରମୋଦ

ନିଜର ଏହି ଉପଲବ୍ଧିକୁ ନେଇ ପ୍ରମୋଦ କୁହନ୍ତି, ନିବେଶକାରୀମାନେ ବ୍ରୋକିଂ କମ୍ପାନୀର କୌଣସି ବି ଅଧିକାରୀଙ୍କ କଥାକୁ ସହଜରେ ବିଶ୍ୱାସ କରିବା ଠିକ୍ ନୁହେଁ। ସେମାନଙ୍କ ସହ କଥା ହେଲାବେଳେ ସତର୍କତା ଅବଲମ୍ବନ କରିବା ଉଚିତ। କାରଣ ବ୍ରୋକିଂ କମ୍ପାନୀ ଏହି କଥାବାର୍ତ୍ତାଗୁଡିକୁ ନିଜ ସ୍ୱାର୍ଥ ରକ୍ଷା ପାଇଁ ଟ୍ରିବ୍ୟୁନାଲରେ ଅପବ୍ୟବହାର କରିଥାନ୍ତି। ପୁଞ୍ଜି ନିବେଶରେ କୌଣସି ବେନିୟମ କାର୍ଯ୍ୟ ହୋଇଥିବା ସନ୍ଦେହ ହେଲେ ତୁରନ୍ତ ଏନେଇ ନିକଟ ପୋଲିସ ଷ୍ଟେଶନରେ ଲିଖିତ ଅଭିଯୋଗ କରନ୍ତୁ। ଷ୍ଟକ୍ ଏକ୍ସଚେଞ୍ଜ ଅଥବା ସେବିକୁ ତୁରନ୍ତ ଇ-ମେଲ୍ କରି ଜଣାନ୍ତୁ। ଦେଶର ଲକ୍ଷାଧିକ ନିବେଶକରୀ ଚିଟ୍‌ଫଣ୍ଡରେ ଠକାମିର ଶିକାର ହୋଇଛନ୍ତି। ହେଲେ ସରକାର ଓ ପ୍ରଶାସନିକ ଅଧିକାରୀମାନେ ଏଭଳି ଅର୍ଥ ଲଗାଣକାରୀ ସଂସ୍ଥା ଖୋଲିବାକୁ ଅନୁମତି ଦେଇଥାନ୍ତି। ସରକାର ଏଥିପ୍ରତି ଚିନ୍ତା କରିବା ନିହାତି ଦରକାର ବୋଲି ପ୍ରମୋଦ କହିଛନ୍ତି।

## ଡାବୁଗାଁରେ ଦଶଭୁଜାଙ୍କ ନବମୀ ପୂଜା


ଡାବୁଗାଁ ସଦରଠାରେ ମା' ମଣ୍ଡପରେ ପୂଜା ପାଉଛନ୍ତି ।

ଡାବୁଗାଁ,୨୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦରଠାରେ ଶନିବାର ମା' ଦଶଭୂଜାଙ୍କ ନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ମା' ଠାକୁରାଣୀ ମନ୍ଦିର ପୁଷ୍କରିଣୀରେ ଜଳାଧିବାସ ସହ ଗଙ୍ଗା ଆବାହନ କରାଯାଇ ବିଲ୍ୱବରଣ କରାଯାଇଥିଲା। ନିରାଡମ୍ବର ଭାବେ ମା'ଙ୍କ କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରଯାଇଥିଲା। ରାତିରେ ଚକ୍ଷୁଦାନ ସହ ମା'ଙ୍କୁ ଆବାହନ କରାଯାଇ ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଥିଲା। ଗୁରୁବାର ସପ୍ତମୀ ପୂଜା ଏବଂ ଶୁକ୍ରବାର ମଧ୍ୟାହ୍ନରେ ମା'ଙ୍କ ଅଷ୍ଟମୀ ପୂଜା ସମାପନ ହୋଇଥିଲା। କରୋନା କଟକଣାକୁ ଦୃଷ୍ଟିରେ ରଖି ମଣ୍ଡପ ଚାରିପାଖ ବନ୍ଦ ରଖାଯାଇଥିଲା। ଭିତରେ ପୂଜକମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ଚୈତନ୍ୟ ଦାଶ ପୂଜା କାର୍ଯ୍ୟ ସମ୍ପାଦନା କରୁଥିବାବେଳେ ମହେଶ ପଣ୍ଡା, କୁନା ମିଶ୍ର ସହାୟତା କରୁଛନ୍ତି।

## ତରଳ ଲୁହାଗୁଣ୍ଡ ପାଇପ୍ ଫାଟି ଫସଲ ନଷ୍ଟ


କ୍ଷତିଗ୍ରସ୍ତ ଚାଷଜମି ।

ଚିତ୍ରକୋଣ୍ଡା,୨୪।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ଥିତ ମିଓଲ ନିପନ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍ କମ୍ପାନୀ ଦେଇ ଯାଇଥିବା ପାଇପ ମଧ୍ୟରେ ଲୁହାକୁ ତରଳାଇ ଗୁଣ୍ଡ କରାଯାଉଥିବା ସମୟରେ ଯାନବାଇସ୍ଥିତ ଆଞ୍ଜେରିଆଗୁଡ଼ାଠାରେ ଆର୍ସେଲର ପାଇପ ଲାଇନ ଫାଟିଯାଇଛି। ଫଳରେ ତରଳ ଲୌହ ପଦାର୍ଥ ଚାଷଜମିରେ ମାଡି ବହୁ ଚାଷଜମି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏହାର କ୍ଷତିଭରଣା ପାଇଁ ଗ୍ରାମବାସୀ କମ୍ପାନୀ ନିକଟରେ ଦାବି କରିଛନ୍ତି।


ରାୟଗଡ଼ା ଜିଲା କାଶୀପୁର ମାଣିକେଶ୍ୱରୀ ମନ୍ଦିର ବାହାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି ।

## ଗଞ୍ଜାମ ଚାଷୀ ରାଜ୍ୟ ବାହାର ମୁହାଁ

ଛତ୍ରପୁର,୨୪।୧୦(ଡି.ଏନ.ଏ.)

- ଶୀତଳ ଭଣ୍ଡାର, ବିକ୍ରିବଟାର ଅସୁବିଧା
- କରୋନା ସାଜିଛି ବାଧକ

ଗଞ୍ଜାମ ଏକ କୃଷି ପ୍ରଧାନ ଜିଲା । ଏଠାକାର ୭୫ ଭାଗ ଲୋକେ ଚାଷ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି । ମାତ୍ର ଜିଲାର ଅଧିକାଂଶ ଚାଷୀ ଏବେ ଚାଷ ଛାଡି ଦାଦନ ଖଟିବାକୁ ବାହାର ରାଜ୍ୟ ମୁହାଁ ହେବାରେ ଲାଗିଛନ୍ତି । ଗଞ୍ଜାମର ଚାଷୀ ଏବେ ଅନ୍ୟରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ଜଳସେଚନର ଅଭାବ, ବିକ୍ରିବଟାର ଅସୁବିଧା, ଶୀତଳ ଭଣ୍ଡାର ବ୍ୟବସ୍ଥା ନ ଥିବାରୁ ଜିଲାର ଚାଷୀ ଉଭୟ ପ୍ରଭାବିତ ହୋଇଛନ୍ତି। କେତେକ ସ୍ଥାନରେ ଜଳସେଚନର ସୁବିଧା ନ ଥିବାରୁ ହଜାର ହଜାର ହେକ୍ଟର ଜମି ପଡିଆ ପଡି ରହୁଥିବା ଦେଖିବାକୁ ମିଳିଛି। ମାଙ୍କଡ, ବାରହା ଉପଦ୍ରବ ଯୋଗୁ ଫସଲ କ୍ଷତି ହେଉଛି। ଏବେ କରୋନା ମାଡ ଚାଷୀଙ୍କ ଉପରେ ପଡିଛି। କରୋନା ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ନେଇ ୪ ମାସ ଧରି ଅମଳ ହୋଇଥିବା ପନିପରିବା ବିକ୍ରି ହୋଇପାରି ନ ଥିଲା। ଚଳିତ ଖରିଫ ଫସଲ ସମୟରେ ପ୍ରଥମେ ଗଞ୍ଜାମରେ ବର୍ଷା ଅଭାବ ଏବଂ ପରେ ଲଗାଣ ବର୍ଷା ଯୋଗୁ ଧାନ ଠାରୁ ଆରମ୍ଭ କରି ବିଭିନ୍ନ ପନିପରିବା ପାଣିରେ ବୁଡି ରହିଛି । ଜିଲାର ୨୦ ଭାଗ ଚାଷୀ ଓ କୃଷି ଶ୍ରମିକ ପେଟ ପୋଷିବା ପାଇଁ ଅନ୍ୟ ରାଜ୍ୟକୁ ଚାଲିଗଲେଣି । ସ୍ୱାଧୀନତା ପରଠାରୁ ଯେତେ ବି ସରକାର ଆସିଛନ୍ତି କେହି ମଧ ଚାଷୀ ଓ ଚାଷର ବିକାଶ ଉପରେ ଗୁରୁତ୍ୱ ଦେଇ ନ ଥିବା ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଅଭିଯୋଗ କରିଛନ୍ତି । କେବଳ ଚାଷୀ ଓ ଚାଷର ବିକାଶ ପାଇଁ କ୍ଷମତାରେ ଥିବା ଦଳ କୁମ୍ଭୀର କାନ୍ଦଣା କାନ୍ଦୁଥିବା ସେ କହନ୍ତି । ବିଭିନ୍ନ ରାଜନୈତିକ ଦଳଗୁଡିକ ନିଜର କୃଷକ ସେଲ ଗଠନ କରିଛନ୍ତି। ମାତ୍ର ଚାଷୀ ଓ ଚାଷ ସମସ୍ୟା ବୁଝିବାକୁ କାହାରି ବେଳ ନ ଥିବା ଲକ୍ଷ୍ୟ କରାଯାଇଛି। ରାଜ୍ୟ ସରକାର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ୍ ପ୍ରସ୍ତୁତ କରୁଥିବା ବେଳେ ମଧ ଚାଷୀ ସୁଫଳ ପାଉ ନ ଥିବା ମହାସଭା ପକ୍ଷରୁ କୁହାଯାଇଛି । ସ୍ୱାମୀନାଥନ କମିଟିଙ୍କ ରିପୋର୍ଟ କାର୍ଯ୍ୟକାରୀ କରିବାକୁ ମହାସଭା ଦାବି କରିଛି । ଚାଷୀଙ୍କ ଆଦାୟ ଖର୍ଚ୍ଚର ଦେଢ ଗୁଣ ମୂଲ୍ୟ ଧାର୍ଯ୍ୟ କରିବା, ସବୁ ଚାଷଜମିକୁ ଜଳସେଚନ ସୁବିଧା ଦେବାର ଆବଶ୍ୟକତା ରହିଛି। ପ୍ରତି ବ୍ଲକରେ ଶୀତଳଭଣ୍ଡାର, ମାର୍କେଟ ୟାର୍ଡ ପ୍ରତିଷ୍ଠା କରି ଚାଷୀଙ୍କ ଦ୍ୱାରା ଆଦାୟ ଫସଲର ବିକ୍ରିବଟା ବ୍ୟବସ୍ଥା, ବର୍ଷା ଜଳ ସଂରକ୍ଷଣ କରି ଭୂତଳ ଜଳସ୍ତର ବୃଦ୍ଧି କରିବାକୁ ଦାବି ହୋଇଛି ।

## ଋଣ ଟଙ୍କା ହଡ଼ପ, ଜେଲ ଗଲେ ଅଭିଯୁକ୍ତ

ଶେରଗଡ,୨୪।୧୦(ଡି.ଏନ୍.ଏ.)

ଶେରଗଡ ବ୍ଲକ ଗୋବିନ୍ଦପୁର ଓ ପଟାପାବୁଲି ଗ୍ରାମର ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଠାରୁ ୬ ଲକ୍ଷ୫୦ହଜାର ଋଣ ଟଙ୍କା ହଡପ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଶେରଗଡ ପୋଲିସ ଗିରଫ କରିଛି। ସେ ହେଲେ ଆଙ୍କୁଶପୁରର ଶ୍ରୀକାନ୍ତ କିଶୋର ପଣ୍ଡା । ଶେରଗଡ ବ୍ଲକ ଗୋବିନ୍ଦପୁର ଗ୍ରାମର ରାଧାଶ୍ୟାମ ଏସ୍‌ଏଚ୍‌ଜିକୁ ୬ଲକ୍ଷ, ପଟାପାବୁଲି ନାରୀଶକ୍ତି ଏସ୍‌ଏଚ୍‌ଜିକୁ ୪ଲକ୍ଷ ୫ହଜାର ଟଙ୍କା ଋଣ କରାଇଦେଇଥିଲେ ଶ୍ରୀକାନ୍ତ। ହିଞ୍ଜିଳିକାଟୁରେ ଥିବା ୨ଟି ପ୍ରାଇଭେଟ୍ ଫାଇନାନ୍ସ କମ୍ପାନୀରୁ ଶ୍ରୀକାନ୍ତ ଏହି ଋଣ କରାଇ ଦେଇଥିଲେ। ବିଭିନ୍ନ ପ୍ରକଳ୍ପ କରିବେ ବୋଲି କହି କିଛି ସିଲେଇ ମେଶିନ ଯନ୍ତ୍ରପାତି ଓ ମିକ୍ସର ମେଶିନ ଦେଇଥିଲେ। ଗତ କିଛିଦିନ ହେଲା ଋଣ ଶୁଝିବାକୁ ନୋଟିସ ଆସିଥିଲା। କିନ୍ତୁ କୌଣସି ପ୍ରକଳ୍ପ ଆରମ୍ଭ ହୋଇ ନଥିଲା। ଏନେଇ ମହିଳାମାନେ ଶ୍ରୀକାନ୍ତଙ୍କୁ ଜଣାଇଥିଲେ ମଧ ସେ ଧ୍ୟାନ ନଦେବାରୁ ଶେଷରେ ଗୋବିନ୍ଦପୁର ରାଧାସ୍ୱାମୀ ଏସ୍‌ଏଚ୍‌ଜି ପକ୍ଷରୁ ଏନେଇ ଥାନାରେ ଏତାଲା ଦିଆଯାଇଥିଲା। ଶେରଗଡ ପୋଲିସ ନଂ.୧୨୫/୨୦ରେ ମାମଲା ରୁଜୁ କରି ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ଶ୍ରୀକାନ୍ତ କିଶୋର ପଣ୍ଡାଙ୍କୁ ଶୁକ୍ରବାର ଅଟକ ରଖି ପଚରାଉଚୁରା କରି ୬ଲକ୍ଷ ୫୦ହଜାର ଟଙ୍କା ହଡପ ହୋଇଥିବା ପୋଲିସ ନିଶ୍ଚିତ ହେଲା ପରେ ଶନିବାର ତାଙ୍କୁ ଗିରଫ କରି ଶେରଗଡ କୋର୍ଟ ଓ ପରେ ଆସିକା ସବ୍‌ଜେଲକୁ ପଠାଇ ଦେଇଛନ୍ତି ।

## 'ସୀମାନ୍ତ' ର ପୂଜା ସଂଖ୍ୟା ଉନ୍ମୋଚିତ


ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ନବରଙ୍ଗପୁର,୨୪।୧୦(ବି.ପ୍ର.)

ନବରଙ୍ଗପୁରରୁ ଦୀର୍ଘ ବର୍ଷ ଧରି ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ସୀମାନ୍ତ' ର ପୂଜା ସଂଖ୍ୟା ପ୍ରକାଶ ପାଇଛି। ସ୍ଥାନୀୟ ହିର୍ଲିଡଙ୍ଗରସ୍ଥିତ ମନୋରମ ପରିବେଶ ମଧ୍ୟରେ ପତ୍ରିକାଟି ଉନ୍ମୋଚିତ ହୋଇଛି। ସାମ୍ପ୍ରତିକ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି କେବଳ ସୀମାନ୍ତ ପରିବାର ଏବଂ ଏଥିସହ ସଂଶ୍ଳିଷ୍ଟ ସଭ୍ୟା ସଭ୍ୟଙ୍କ ଉପସ୍ଥିତିରେ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ପ୍ରଦୋଷ କୁମାର ପଣ୍ଡା, ଦେବପ୍ରସାଦ ଦାଶ, ଚନ୍ଦ୍ରଶେଖର ହୋତା, ସୀମାନ୍ତର ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ସହ ସମ୍ପାଦକ ରଘୁନାଥ ଶତପଥୀ, ସଞ୍ଜୁକ୍ତା ପଣ୍ଡା ପ୍ରମୁଖ ଯୋଗ ଦେଇ ପତ୍ରିକା ଉନ୍ମୋଚନ କରିଥିଲେ। ବିଦ୍ୟାର୍ଥୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ନାୟକ, ବିଦ୍ୟାନିକେତନର ଅଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସାଇ ରମେଶ ରାଓ ପ୍ରମୁଖ ଉପସ୍ଥିତ ରହି ପତ୍ରିକାର ଉଜ୍ଜ୍ୱଳ ଭବିଷ୍ୟ କାମନା କରିଥିଲେ। ପ୍ରାରମ୍ଭରେ ପତ୍ରିକାର ଉପଦେଷ୍ଟା ତଥା ବେତାର ଓ ମଞ୍ଚ କଳାକାର ନବକିଶୋର ପଣ୍ଡାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ।

## ପ୍ରଶାସନ ଶୁଣିଲାନି, ରାସ୍ତା ମରାମତି କଲେ ଯୁବକ

ଦିଗପହଣ୍ଡି,୨୪।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବଡଡୁମୁଳା ଗ୍ରାମ ତଳସାହି ରାସ୍ତା ଦୀର୍ଘଦିନ ହେଲା ମରାମତି ଅଭାବରୁ କର୍ଦ୍ଦମାକ୍ତ ହୋଇପଡ଼ିଥିଲା। ଅସରାଏ ବର୍ଷା ହେଲେ ସାହି ବାସିନ୍ଦା ଜଳବନ୍ଦୀ ଅବସ୍ଥାରେ ରହୁଥିଲେ। ରାସ୍ତା ଉପରେ ପ୍ରାୟ ୨ଶହ ପରିବାର ନିର୍ଭର କରନ୍ତି। ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଆମ୍ବୁଲାନ୍ସ କିମ୍ବା ଅଟୋ ମଧ ରାସ୍ତାରେ ଯାଇ ପାରୁନଥିଲା। ସାହି ବାସିନ୍ଦା ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଗୁହାରି କରି ବିଫଳ ହେବାପରେ ବାଧ ହୋଇ ସାମାଜିକକର୍ମୀ ରାମକୃଷ୍ଣ ପାଢୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ରଘୁନାଥ ଯୁବକ ସଂଘର ପ୍ରାୟ ୨ଶହ ସ୍ୱେଚ୍ଛାସେବୀ ରାସ୍ତା ମରାମତି ପାଇଁ ନିଷ୍ପତ୍ତି ନେଇଥିଲେ। ଯୁବକ ସଂଘର ସଦସ୍ୟମାନେ ନିଜ ଅର୍ଥରେ ବାଲି, ମୋରମ, ପଥର କିଣି ରାସ୍ତା ନିର୍ମାଣ କରିଛନ୍ତି। ଯୁବକ ସଂଘ ସଭାପତି ମାଗି ଗୌଡ, ଉପସଭାପତି ବାଲାଜୀ ଗୌଡ, ସମ୍ପାଦକ ଚନ୍ଦନ ଗୌଡଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ରାସ୍ତାକାମ କରିଛନ୍ତି। ସଂଘର ଏଭଳି କାର୍ଯ୍ୟକୁ ଗ୍ରାମବାସୀଙ୍କ ସମେତ ସାହି ଲୋକେ ପ୍ରଶଂସା କରିଛନ୍ତି।


ଯୁବକମାନେ ମରାମତି କରୁଥିବା ରାସ୍ତା ।

O/O SUPERINTENDENT, SDH, BHANJANAGAR

Advt. No.:1518 Date: 22.10.2020

NOTICE

The detail database of the application received for the post of Staff Nurse & Care-Coordinator ARTC, SDH, Bhanjanagar in Ganjam district referring to Advt. No.38, Dtd.-02.01.20 & 957 Dtd.-07.03.20 by PD, OSACS has been published in https://ganjam.nic.in for reference.

The candidates may verify the database entered against his/her name & follow the Notice No.-1516, Dtd.22.10.2020 of the undersigned.

Sd./- Superintendent, SDH, Bhanjanagar

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year
OT.Tech 2 Year
Dialysis 2 Year
I.C.U 1 Year
E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଯା ଦେବୀ ସର୍ବଭୂତେଷୁ...

# ସତ୍ୟର ବିଜୟ

ସଂସାରର ସମସ୍ତ କର୍ମକୁ ବେଦ, ଉପନିଷଦ ଓ ଶ୍ରୀମଦ୍ ଭଗବଦ୍‌ଗୀତାରେ ଯଜ୍ଞର ମାନ୍ୟତା ପ୍ରଦାନ କରାଯାଇଛି। ମହର୍ଷି ମନୁଙ୍କ ଭାଷାରେ ପଞ୍ଚ ମହାଯଜ୍ଞ (ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ଭୂତଯଜ୍ଞ ଓ ଅତିଥି ଯଜ୍ଞ )ସଂପାଦନ ଦ୍ୱାରା ମାନବ ଜୀବନର ପୁରୁଷାର୍ଥ (ଧର୍ମ, ଅର୍ଥ, କାମ ଓ ମୋକ୍ଷ)ପୂର୍ତ୍ତି ହୋଇଥାଏ। ଆମର ସନାତନ ଧର୍ମ ପ୍ରତ୍ୟେକ ପରୋପକାର କର୍ମକୁ ମଧ୍ୟ ଯଜ୍ଞ ବୋଲି ବିବେଚନା କରେ । ଯଜ୍ଞର ଅର୍ଥ ପୂଜା, ସଙ୍ଗତୀକରଣ ଓ ଦାନ । ଜ୍ୟେଷ୍ଠ ବ୍ୟକ୍ତିକୁ ପୂଜା, ସମସ୍କନ୍ଧଙ୍କ ସହିତ ସଦ୍‌ଭାବପୂର୍ଣ୍ଣ ବସବାସ ଓ କନିଷ୍ଠଙ୍କୁ ଦାନର ତାତ୍ପର୍ଯ୍ୟ ଯଜ୍ଞ ବୁଝାଇଥାଏ । ପଞ୍ଚ ମହାଯଜ୍ଞ ମଧ୍ୟରେ ଭୂତଯଜ୍ଞକୁ ବଳିବୈଶ୍ୱଦେବ ଯଜ୍ଞ କୁହାଯାଏ । ଏଠାରେ ବ୍ୟବହୃତ ହେଉଥିବା ବଳିର ଅର୍ଥ ହତ୍ୟା ନୁହେଁ ଭାଗ ବା ଅଂଶ । ସମାଜର ସମସ୍ତ ଦୁର୍ବଳ ପ୍ରାଣୀଙ୍କ ପ୍ରତି ହିଂସା ପ୍ରତିରୋପଣ ନ କରି ନିଜ ପାଇଁ ସିଦ୍ଧ ହୋଇଥିବା ପ୍ରୟୋଜନ ବସ୍ତୁର କିଛି ଅଂଶକୁ ଭାଗ କରି ନିଜେ ଉପଭୋଗ ବା ଖାଇବା ପୂର୍ବରୁ ସମାଜର ଦରିଦ୍ର ଓ ଅସହାୟ ପ୍ରାଣୀଙ୍କୁ ଅର୍ପଣ କରିବା ହେଉଛି ବଳି । ମାତ୍ର ବର୍ତ୍ତମାନ ସମାଜରେ ବଳି ନାମରେ ବିଭିନ୍ନ ପର୍ବ ପର୍ବାଣିରେ ପଶୁଙ୍କୁ ବଧ କରି ପ୍ରସାଦ ସ୍ୱରୂପ ସେମାନଙ୍କର ମାଂସକୁ ଭକ୍ଷଣ କରାଯାଉଛି ।

ବୈଦିକ ଯୁଗରେ ଯଜ୍ଞରେ ପଶୁବଳି ପ୍ରଥା ନ ଥିଲା । ପରବର୍ତ୍ତୀ କାଳରେ ଅଜ୍ଞାନତା ଯୋଗୁ ବିଭିନ୍ନ ପୁରାଣରେ ପଶୁବଳି ନାମରେ ମାଂସ ଭକ୍ଷଣ ଓ ସୋମରସ ପାନ ନାମରେ ମଦ୍ୟପାନ ଆଦି କୁସଂସ୍କାର ଅପମିଶ୍ରିତ ହେଲା । ସମୟ କ୍ରମେ ମଦିରା ପାନ ଓ ମାଂସ ଭକ୍ଷଣ ମନୁଷ୍ୟ ଜୀବନରେ ଦୈନନ୍ଦିନ ଅଙ୍ଗ ହୋଇଗଲା । ପୌରାଣିକ ପଣ୍ଡିତମାନେ ଗୋମେଧ, ଅଶ୍ୱମେଧ ଓ ଅଜମେଧ ଆଦି ଯଜ୍ଞଗୁଡିକରେ ଗାଈ, ଘୋଡ଼ା ଓ ଛେଳି ପ୍ରଭୃତି ପ୍ରାଣୀଙ୍କୁ ହତ୍ୟା କରି ଆହୁତି ଦେବା ପାଇଁ ପରାମର୍ଶ ଦେଲେ । ସଂସ୍କୃତରେ ମେଧୃ ଶବ୍ଦ ତିନୋଟି ଅର୍ଥ ପ୍ରତିପାଦନ କରିଥାଏ– ଯଥା ବିକାଶ, ପ୍ରଦର୍ଶନ ଓ ହିଂସା । ବ୍ରାହ୍ମଣ ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ, ରାଷ୍ଟ୍ରର ବିକାଶ ତଥା ପ୍ରଜାଙ୍କର ହିତ ପାଇଁ ଅନୁଷ୍ଠିତ ହେଉଥିବା ଯଜ୍ଞର ନାମ 'ଅଶ୍ୱମେଧ' ଯଜ୍ଞ । ଗୋ ଜାତିର କଲ୍ୟାଣ ପାଇଁ 'ଗୋମେଧ' ଯଜ୍ଞ ଓ ଅଗ୍ନିରେ ପୁଷ୍ଟିକର ବନସ୍ପତିର ବୀଜକୁ ଆହୁତି ପ୍ରଦାନ କରି ପରିବେଶକୁ ସୁସ୍ଥ ରଖିବା 'ଅଜମେଧ' ଯଜ୍ଞ ଅଟେ । ଅଶ୍ୱ, ଗୋ ଓ ଅଜର ଅର୍ଥ ଏଠାରେ ଘୋଡା, ଗାଈ ବା ଛେଳି ବଧ ନୁହେଁ।

ବେଦ ସର୍ବବ୍ୟାପକ ପରମାତ୍ମାକୁ ବିଭିନ୍ନ ନାମରେ ସମ୍ବୋଧନ କରିଥାଏ । ସମାଜରେ ଦେବଦେବୀଙ୍କୁ ବିଭିନ୍ନ ନାମରେ ପୂଜାର୍ଚ୍ଚନା କରାଯାଇଥାଏ । ସେହି ଦେବତାକୁ ଖୁସି କରିବା ପାଇଁ ତାଙ୍କ ଦ୍ୱାରା ସୃଷ୍ଟ ସନ୍ତାନଙ୍କୁ ହତ୍ୟାକରି ହିଂସ୍ରକ କାର୍ଯ୍ୟ କରିବା ଧର୍ମ ବିରୁଦ୍ଧ । ପତଞ୍ଜଳି ଯୋଗ ଦର୍ଶନରେ ଅହିଂସାକୁ ସାର୍ବଭୌମ୍ୟ ଓ ମହାବ୍ରତ ବୋଲି ଦର୍ଶାଯାଇଛି। ଅର୍ଥାତ୍ ପଶୁହତ୍ୟା ଦେଶ, କାଳ, ବାର, ସମୟ, ପର୍ବ, ଜାତି, ସ୍ଥଳ ଓ ତିଥି ଆଦି ସର୍ବଦା ବର୍ଜନୀୟ। ମନୁସ୍ମୃତିରେ କୁହାଯାଇଛି ଯେ, ଜୀବହତ୍ୟା ପାଇଁ ଆଦେଶ ଦେଉଥିବା, ଜୀବ ହତ୍ୟା କରୁଥିବା, ମାଂସ କାଟୁଥିବା, ମାଂସ ବାଣ୍ଟୁଥିବା, ମାଂସ ବିକୁଥିବା ତଥା ରୋଷେଇ ଓ ଭୋଜନ କରୁଥିବା ପ୍ରମୁଖ ବ୍ୟକ୍ତି ପଶୁହତ୍ୟା ଦୋଷରେ ଜଡିତ ହୁଅନ୍ତି।

ପବିତ୍ର ଦଶହରା ପର୍ବ ନଅଦିନ ଧରି ପାଳିତ ହୁଏ। ଏହାକୁ ନବରାତ୍ର କୁହାଯାଏ। ଶୁଦ୍ଧପୂତ ହୃଦୟରେ ଦୈହିକ ଓ ମାନସିକ ଶାନ୍ତି ପାଇଁ ଉପବାସ ଏବଂ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଏକାଗ୍ରତାର ସହିତ ଦୈବୀଶକ୍ତିକୁ ଆରାଧନା କରାଯାଇଥାଏ। ଏହାଦ୍ୱାରା ଶରୀରରେ ନୂତନ ଶକ୍ତି ପ୍ରବାହିତ ହୁଏ। ଶରୀର ନୀରୋଗ ହେବାସହ ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ମା' ଦୁର୍ଗାଙ୍କର ପୂଜା ମଣ୍ଡପରେ ମହିଷି ନାମକ ଏକ ଆଳସ୍ୟ ପରାୟଣ ପଶୁକୁ ମହିଷାସୁରର ବାହନ ରୂପରେ ପ୍ରଦର୍ଶନ କରାଯାଇଥାଏ। ଶକ୍ତି ଓ ପରାକ୍ରମର ପ୍ରତୀକ ସ୍ୱରୂପ ମା'ଦୁର୍ଗାଙ୍କର ବାହନ ସିଂହ ମହିଷାସୁରକୁ ବଦ୍ଧ କରିବାର ଦୃଶ୍ୟ ପରିଲକ୍ଷିତ ହୁଏ। କାମ, କ୍ରୋଧ, ଲୋଭ, ମୋହ ଓ ଆଳସ୍ୟ ଆଦି ତାମସିକ ଗୁଣଗୁଡିକର ତ୍ୟାଗ ତଥା ବ୍ରହ୍ମଚର୍ଯ୍ୟ ଶକ୍ତି ଦ୍ୱାରା ଏହା ସମ୍ଭବ ବୋଲି ଗୃହୀତ ହୋଇଥାଏ। ବିଶେଷ ଭାବରେ ପରସ୍ପର ବିରୋଧୀ ତତ୍ତ୍ୱ ଯଥା, ମୂଷିକ-ସର୍ପ, ସର୍ପ-ମୟୂର ଓ ସିଂହ-ବଳଦ ଯାହା ବିଭିନ୍ନ ଦେବତାଙ୍କର ବାହନ ବୋଲି କୁହାଯାଏ। ସମସ୍ତେ ଗୋଟିଏ ସ୍ଥଳରେ ସଦ୍‌ଭାବନାର ସହିତ ଅବସ୍ଥାନ କରିଥାଆନ୍ତି। ଦୁର୍ଗାପୂଜା ଅବସରରେ ଅବିରତ ନଅ ତାମସୀ ରାତ୍ରର ସାଧନାର ଅତିକ୍ରାନ୍ତ ପରେ ଯେଉଁ ଦିବସ ଆସେ ତାହା ବିଜୟା ଦଶମୀ ନାମରେ ପ୍ରସିଦ୍ଧ। ଅହିଂସା ଓ ଅସତ୍ୟ ଉପରେ ବିଜୟର ନାମ ବିଜୟା ଦଶମୀ।

ମନୁଷ୍ୟର ଭାବନାଶ ତା'ର କର୍ମକୁ ପ୍ରଭାବିତ କରେ। ମନୁଷ୍ୟ ସବୁ ପ୍ରାଣୀ ମଧ୍ୟରେ ଶ୍ରେଷ୍ଠ ବିବେଚିତ। ଅହିଂସା ମାନବର ପରମଧର୍ମ। ସବୁ ଧର୍ମରେ ଜୀବ ହତ୍ୟାକୁ ବିରୋଧ କରାଯାଉଛି। ଦୟା ଓ ବିନୟତା ମନୁଷ୍ୟର ଭୂଷଣ। କ୍ରୂରତା ମନୁଷ୍ୟକୁ ଜୀବହତ୍ୟା କରିବାକୁ ପ୍ରେରିତ କରିଥାଏ। ଏହା ମନୁଷ୍ୟର ଗୁଣ ନୁହେଁ ଅବଗୁଣ।

ମହାତ୍ମା ବୁଦ୍ଧ, ବର୍ଦ୍ଧମାନ, ମହାବୀର, ମହର୍ଷି ଦୟାନନ୍ଦ, ସନ୍ଥ କବିର, ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ତଥା ଅନେକ ମହାପୁରୁଷ ପଶୁବଳିର ବିରୋଧୀ । ଯେଉଁ ବ୍ୟକ୍ତିଠାରେ ଅହିଂସା, ଦୟା, କ୍ଷମା ଓ ପରୋପକାର ଭଳି ଭାବନା ଥାଏ ସେ ଅନ୍ୟ କୌଣସି ପ୍ରାଣୀକୁ ପୀଡା ଦେବାଭଳି ନିଷ୍ଠୁର କର୍ମକୁ ପ୍ରୋତ୍ସାହନ ଦିଏ ନାହିଁ। ତେଣୁ ସମସ୍ତ ମାନବ ସମାଜ ପବିତ୍ର ଦଶହରା ପର୍ବରେ ପଶୁବଳିକୁ ବିରୋଧ କରିବା ଏକାନ୍ତ ଆବଶ୍ୟକ।



–ଗୋପାଳ ଚନ୍ଦ୍ର ଦାଶ
Email: gcdash59@gmail.com

## ଏ ବର୍ଷ ପୂଜାରେ...





● ବର୍ଷରେ ଥରେ ମା' ଧରାପୃଷ୍ଠକୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ନିମନ୍ତେ ଅବତରଣ କରିଥାନ୍ତି। ତାଙ୍କ ଦର୍ଶନ ପାଇଁ ମନରେ ଅସୁମାରି ଉତ୍କଣ୍ଠା ଉଙ୍କିମାରେ, ଯାହାକୁ ଶବ୍ଦରେ ପ୍ରକାଶ କରିହେବ ନାହିଁ। କିନ୍ତୁ ଚଳିତବର୍ଷ ପ୍ରଥମ ଥର ମା' କଟକଣା ସହ ପୂଜା ପାଉଛନ୍ତି। ଯେହେତୁ ମହାମାରୀ କରୋନା ପାଇଁ ଏହି କଟକଣା ଜାରି ହୋଇଛି, ତେଣୁ ଆମେ ସମସ୍ତେ ନିର୍ଦ୍ଦେଶାବଳୀ ପାଳନ କରିବା ଉଚିତ। ମୁଁ ଘରେ ରହି ମା'ଙ୍କୁ ପୂଜାର୍ଚ୍ଚନା କରୁଛି।

– ବେବିରାଣୀ ସାହୁ, ଗୃହିଣୀ, ଭୁବନେଶ୍ୱର



● ପୂଜା ଆସିବା ପୂର୍ବରୁ ସପିଂ କରିଥାଏ। ଏଥର ମଧ୍ୟ ସପିଂ କରିଛି। କିନ୍ତୁ ନୂଆ ଡ୍ରେସ୍ ପିନ୍ଧି ବୁଲି ପାରିବି ନାହିଁ। ପୂଜାରେ ବାହାରେ ବୁଲିବା, ସାଙ୍ଗଙ୍କ ସହ ସ୍ୱତନ୍ତ୍ର ମୁହୂର୍ତ୍ତ କାଟିବାକୁ ପସନ୍ଦ କରେ। ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କୁ ଦର୍ଶନ କରିଥାଏ। ଆଉ ତା'ପରେ ମୀନା ବଜାରରେ ଦୋଳି ଖେଳିବା ସହିତ ଖାଇବାକୁ ଭଲଲାଗେ। ହେଲେ ଏଥର କିଛି ହୋଇପାରିଲା ନାହିଁ। କରୋନା ପାଇଁ ପୂଜା ମଜା ନଷ୍ଟ ହୋଇଗଲା।

– ଶର୍ମିଷ୍ଠା ପାତ୍ର, ଛାତ୍ରୀ, ଭୁବନେଶ୍ୱର



● ପ୍ରତିବର୍ଷ ଦଶହରା ଆସିଲେ ମନରେ ଆନନ୍ଦ ଖେଳିଯାଏ। କିନ୍ତୁ ଏଥର ପୂଜାରେ କାହାରି ଆନ୍ତରିକତା ଦେଖିବାକୁ ମିଳିନି। ପୂଜାର କିଛିଦିନ ପୂର୍ବରୁ ଛୁଟି ଓ ବୁଲିବାକୁ ଯିବାର ଯେଉଁ ଉତ୍କଣ୍ଠା ଥାଏ, ଆଉ ତା' ବି ନାହିଁ। ସାଙ୍ଗଙ୍କ ସହ ମିଶି ମଣ୍ଡପ ବୁଲିବାରେ ଯେଉଁ ମଜାଥାଏ, ତାହା ମଧ୍ୟ ହୋଇପାରିଲାନି। ତେବେ ଦୁର୍ଗତିନାଶିନୀ ମା' ଦୁର୍ଗା ଧରାବତରଣ କରି ମହିଷାସୁରକୁ ବଧ କଲା ପରି କରୋନାକୁ ମଧ୍ୟ ବିନାଶ କରନ୍ତୁ ବୋଲି ମୁଁ ମା'ଙ୍କ ନିକଟରେ ପ୍ରାର୍ଥନା କରୁଛି।

–ପ୍ରତୀକ କୁଅଁର, କଟକ



● ପୀଠ ହେଉ କି ମଣ୍ଡପ କେଉଁଠି ବି ମା'ଙ୍କ ଦର୍ଶନ ମିଳୁନି। ବ୍ୟାରିକେଡ କଡ଼ରେ ଛିଡ଼ା ହୋଇ ଦର୍ଶନ କରିବାକୁ ବି ଭୟ ଲାଗୁଛି। କେତେଜଣ ଶ୍ରଦ୍ଧାଳୁ ବିନା ମାସ୍କରେ ବ୍ୟାରିକେଡ ପାର୍ଶ୍ୱରେ ଅସାବଧାନତା ସହ ଦର୍ଶନ କରୁଛନ୍ତି। ସଂକ୍ରମଣ ଏବେବି ଥମି ନ ଥିବାବେଳେ ଆମେ ସମସ୍ତେ ସତର୍କତା ଅବଲମ୍ବନ କରି ପର୍ବର ଆନନ୍ଦ ନେବା ଜରୁରୀ। ତେଣୁ ଘରେ ରହି ମା'ଙ୍କୁ ପୂଜା କରିଛି। ମା'ଙ୍କ ନିକଟରେ ଏତିକି ଅଳି, ଏହି କରୋନାର କାଳ ଯଥାଶୀଘ୍ର ଚାଲିଯାଉ।

– ଭାନୁ ପ୍ରତାପ ରାଉତରାୟ, ଯାଜପୁର

# ଦୁର୍ଗା ପୂଜାରେ ନାଗା ଉପାସନା

ଭାରତବର୍ଷରେ ଶାରଦୀୟ ଦୁର୍ଗାପୂଜା ସମୟରେ ପୁରୀରେ ଏକ ସ୍ୱତନ୍ତ୍ର ପରମ୍ପରା ପାଳିତ ହୋଇଆସୁଅଛି। ଏହି ପରମ୍ପରାରେ ଦେବୀମାନଙ୍କୁ ଉପାସନା କରାଯିବା ସହିତ ନାଗାମାନଙ୍କୁ ମଧ୍ୟ ଉପାସନା କରାଯାଏ। ବିଭିନ୍ନ ସାହି ଆଖଡ଼ା ପକ୍ଷରୁ ସ୍ୱତନ୍ତ୍ର ଭାବେ ନାଗାଙ୍କ ପୂଜା କରାଯାଇଥାଏ। ସବୁଠୁ ଆଶ୍ଚର୍ଯ୍ୟ କଥା ନାଗା ପୁରୁଷ ହେଲେ ମଧ୍ୟ ବନଦୁର୍ଗା ମନ୍ତ୍ରରେ ଶକ୍ତିସ୍ୱରୂପ ମନେ କରି ପୂଜା କରାଯାଏ।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ନାଗା ଉପାସନା ୬୦୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ଏହାର ଐତିହ୍ୟ ଅବଗତ ହେବାକୁ ହେଲେ ଭାରତର ନାଗା ପରମ୍ପରା ଓ ଏହାର ପ୍ରବର୍ତ୍ତକଙ୍କ ଇତିହାସ ଜାଣିବାକୁ ପଡ଼େ। ଶ୍ରୀରାମାନନ୍ଦ ଆଚାର୍ଯ୍ୟ ନାଗା ପରମ୍ପରାର ପ୍ରବର୍ତ୍ତକ। ସେ ସମଗ୍ର ଭାରତରେ ୬ଟି (ଅଯୋଧ୍ୟା, ପୁରୀ, ଚିତ୍ରକୂଟ, ନାଶିକ, ବୃନ୍ଦାବନ ଓ ଉଜ୍ଜୟିନୀ) ସ୍ଥାନରେ ଆଖଡ଼ା ସୃଷ୍ଟି କରି ନାଗାମାନଙ୍କୁ ଭାରତୀୟ ସଂସ୍କୃତି, ଉପାସନା, ମନ୍ଦିର ଓ ଦେବତାଙ୍କର ସୁରକ୍ଷା ପାଇଁ ଶପଥ କରାଉଥିଲେ। ଏହି ୬ଟି ସ୍ଥାନରେ ଦିଗମ୍ବର ଆଖଡ଼ା ନାମରେ ସେ ମଠ ପ୍ରତିଷ୍ଠା କରିଥିଲେ। ଏହି ଦିଗମ୍ବର ଆଖଡ଼ା ମଠ ବଡ଼ଦାଣ୍ଡରେ ବଡ଼ ଆଖଡା ମଠ ରୂପେ ପରିଚିତ ଥିଲା। ପରବର୍ତ୍ତୀ କାଳରେ ପୁରୀରେ ୨୬ଟି ରାମାନନ୍ଦ ସମ୍ପ୍ରଦାୟର ଆଖଡ଼ା ଓ ମଠ ଗଢ଼ିଉଠିଥିଲା। ଏହି ମଠ ଓ ଆଖଡ଼ାର ନାଗାମାନେ ଏକାଠି ହେଲେ ତାଙ୍କୁ ଦିଗମ୍ବର ଅଣି ଆଖଡ଼ା କୁହାଯାଏ। ଅତୀତରେ ଶ୍ରୀମନ୍ଦିର ଉପରେ ୧୮ଥର ଆକ୍ରମଣ ହୋଇଥିଲା। ଏହି ସମୟରେ ନାଗା ସାଧୁମାନେ ଶ୍ରୀକ୍ଷେତ୍ରରେ ବହୁ ସଂଖ୍ୟାରେ ରହୁଥିଲେ। ମହାପ୍ରଭୁ ରଥଯାତ୍ରା ଏବଂ ଦୋଳଯାତ୍ରା ସମୟରେ ରତ୍ନସିଂହାସନ ଛାଡ଼ି ବାହାରକୁ ବିଜେ କରିଥାନ୍ତି। ସେତେବେଳେ ଏହି ନାଗା ସାଧୁମାନେ ହିଁ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରିଥାନ୍ତି। ସେହି ସମୟରେ ମୋଗଲ ସାମ୍ରାଜ୍ୟର ଶାସନ ଚାଲିଥିଲା। ନାଗା ସାଧୁମାନେ ସୁରକ୍ଷା ବଳୟ ସୃଷ୍ଟି କରି ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ ସୁରକ୍ଷା ଦେଉଥିଲେ। ନାଗାମାନେ ଗୋଟିଏ ସ୍ଥାନରେ ଏକାଠି ହେଲେ ତାଙ୍କର ସମାବେଶକୁ ଜମାତ କୁହାଯାଏ। ଏମାନେ ସମସ୍ତେ ରାମାନନ୍ଦ ସମ୍ପ୍ରଦାୟର ଅନୁଗାମୀ ହୋଇଥିବାରୁ ସେହି ସମ୍ପ୍ରଦାୟର ଚିତା ଓ ତିଳକ ଧାରଣ କରିଥାନ୍ତି। ଶ୍ରୀମନ୍ଦିର ଆକ୍ରମଣ ବେଳେ ମନ୍ଦିର ଚାରିପଟେ ଏହି ସମ୍ପ୍ରଦାୟର ଏକାଧିକ ମଠ (ବଡ଼ଆଖଡା, ଛାଉଣୀ, ପାପୁଡ଼ିଆ ପ୍ରଭୃତି) ରହିଥିଲା। ଏମାନେ ଜୀବନକୁ ବାଜି ଲଗାଇ ସେତେବେଳେ ମୋଗଲ ସୈନ୍ୟବାହିନୀକୁ ପ୍ରତିରୋଧ କରୁଥିଲେ।

ସ୍ମରଣଯୋଗ୍ୟ ଯେ, ସେତେବେଳେ ଗଜପତି ପୁରୀରେ ରହୁ ନ ଥାନ୍ତି। ଆଜିକାଲି ଭଳି ବିଜୁଳି ଆଲୋକ ମଧ୍ୟ ନ ଥିଲା। ତେଣୁ ରାତିରାତି ଦୁହୁଡ଼ି ଜାଳି ମନ୍ଦିର ଚାରିପଟେ ସୁରକ୍ଷା ବଳୟ ସୃଷ୍ଟି କରି ନାଗାସାଧୁ ଅନିଦ୍ରା ହୋଇ ଜଗୁଥିଲେ। ଇତିହାସରୁ ଜଣାଯାଏ ମୁସଲମାନ ଓ ମୋଗଲ ଆକ୍ରମଣକାରୀଙ୍କୁ ପ୍ରତିରୋଧ କରି ଅସଂଖ୍ୟ ନାଗାସାଧୁ ପ୍ରାଣ ଉତ୍ସର୍ଗ କରିଥିଲେ। ଆକ୍ରମଣ ଯୋଗୁ ଭାରତର ବହୁ ମନ୍ଦିର ଭାଙ୍ଗିଯାଇଥିବାବେଳେ ନାଗା ସାଧୁଙ୍କ ଯୋଗୁ ୮୦୦ ବର୍ଷ ଶ୍ରୀମନ୍ଦିର ଏବେବି ଦଣ୍ଡାୟମାନ ରହିଛି। ତେଣୁ ନାଗାସାଧୁଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଦେବାକୁ ଯାଇ ଗଜପତି ମହାରାଜା ଶ୍ରୀମନ୍ଦିର ଅଁଳା ବେଢ଼ାରେ ରାମାନନ୍ଦୀ ଚିତାର ଚିହ୍ନ ସେବେଠାରୁ ସ୍ଥାନିତ କରିଥିଲେ। ଏଥିସହ ଗଜପତିଙ୍କ ପୃଷ୍ଠପୋଷକତାରେ ଜାଗା ଆଖଡ଼ାଗୁଡ଼ିକରେ ନାଗା ସାଧୁଙ୍କ ତ୍ୟାଗର ସ୍ମୃତିସ୍ୱରୂପ ନାଗା ଉପାସନା ପ୍ରଚଳନ କରିଥିଲେ। ସେମାନଙ୍କୁ ଶକ୍ତିର ସ୍ୱରୂପ ରୂପେ ଶକ୍ତି ମନ୍ତ୍ରରେ ପୂଜା କରାଯାଇଆସୁଛି। ସେବେଠାରୁ ମଧ୍ୟ ଗଜପତି ମହାରାଜା ସମ୍ମାନ ସ୍ୱରୂପ ନାଗାର୍ଜୁନ ବେଶର ପ୍ରଚଳନ କରିଥିଲେ।



**୬୦୦ ବର୍ଷର ପରମ୍ପରା**

– ହେମନ୍ତ ନାୟକ, ପୁରୀ
ଫଟୋ: ଅନିଲ କୁମାର ସାହୁ



**ଦଶହରାର ସ୍ୱତନ୍ତ୍ର ଆକର୍ଷଣ**

## ସମ୍ପାତି ଚଢ଼େଇ

ପୁରୀ ଅଫିସ: ଶାରଦୀୟ ଦୁର୍ଗାପୂଜା ଅବସରରେ ଶ୍ରୀକ୍ଷେତ୍ରରେ ଏକ ଭିନ୍ନ ପରମ୍ପରା ଦେଖାଯାଏ। ଏଠାରେ ସଂସ୍କୃତ ରାମାୟଣର ଚରିତ୍ର (ଅଷ୍ଟବୀର)ଙ୍କୁ ସମ୍ପାତି ଚଢ଼େଇ ଉପରେ ବସାଯାଇ ଉପାସନା କରାଯାଏ। ଏହି ଅଷ୍ଟବୀର ହେଲେ ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ, ହନୁମାନ, ଜାମ୍ବବାନ, ସୁଶେଣ ଓ ଗନ୍ଧମାଦନ। ରାମାୟଣରେ ଘଟିଥିବା ଘଟଣାକୁ ଦୁର୍ଗାପୂଜାରେ ସାମିଲ କରି ଐତିହ୍ୟକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ଏହି ପରିକଳ୍ପନା। ପୁରୀ ସାତବଖରା ଜାଗା ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏହି ନିଆରା ପରମ୍ପରା ଦୁର୍ଗାପୂଜାର ଅନ୍ୟତମ ଆକର୍ଷଣ ସାଜିଛି। ସମ୍ପାତି ହେଉଛି ଜଟାୟୁର ଭାଇ ତଥା ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଙ୍କ ଭକ୍ତ। ଐତିହ୍ୟ ରହିଛି ଅଷ୍ଟବୀରଙ୍କୁ ସମ୍ପାତି ନିଜ ପିଠିରେ ବହନ କରି ଲଙ୍କାରେ ପହଞ୍ଚାଇ ଦେଇଥିଲା। ସେହି ସ୍ମୃତି ସ୍ୱରୂପ ଶ୍ରୀକ୍ଷେତ୍ରରେ ଏହି ସମ୍ପାତି ଉପାସନା ହୋଇଆସୁଛି। ସମ୍ପାତି ଉପରେ ଯେଉଁମାନେ ବସିଛନ୍ତି ସେମାନେ ରାମାୟଣର ଜଣେ ଜଣେ ବୀର ଓ କୁଶଳୀ ଚରିତ୍ର। ନଳ ଏବଂ ନୀଳ ହେଉଛନ୍ତି ସେତୁବନ୍ଧ ପ୍ରତିଷ୍ଠାର ମୁଖ୍ୟ କର୍ଣ୍ଣଧାର। ସେମାନଙ୍କୁ ରାମାୟଣରେ ସ୍ଥପତି ଭାବେ ଅଭିହିତ କରାଯାଇଛି। ଏଥିସହ ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଏମାନଙ୍କ ଘନିଷ୍ଠତା ମଧ୍ୟ ରହିଛି। ସେହି ବୀରଦ୍ୱର ପ୍ରତୀକମାନଙ୍କୁ ଶକ୍ତିମନ୍ତ୍ରରେ ଶାରଦୀୟ ପୂଜାରେ ଉପାସନା କରାଯାଉଛି।





ବଡଓଲଗ ଓ ସାନଓଲଗରେ ମା'ଙ୍କ ଆରାଧନା।

# ନିଆରା ପାର୍ବଣ

କାଶତଣ୍ଡୀ ଫୁଲର ପସରା ମେଲାଇ ଗାଁକୁ ଆସିଛି ପାର୍ବଣ। କରୋନା କଟକଣା ମଧ୍ୟରେ ଗାଁର ଆବାଳବୃଦ୍ଧବନିତା ମସ୍‌ଗୁଲ ହୋଇଉଠିଛନ୍ତି। ମା' ଦୁର୍ଗତିନାଶିନୀ ଗାଁର ପୂଜା ମେଢରେ ପଦାର୍ପଣ କରିସାରିଛନ୍ତି। ବିଲ୍ୱବରଣରୁ ଦଶହରା ପର୍ଯ୍ୟନ୍ତ ଗ୍ରାମବାସୀ ନିଜକୁ ଆଧ୍ୟାତ୍ମିକତାରେ ହଜେଇ ଦେଇଥାନ୍ତି। ପୁରୁଷ ପୁରୁଷ ଧରି ପାର୍ବଣର ପରମ୍ପରାକୁ ବଜାୟ ରଖିଥିବା ଏକ ଗାଁ ହେଉଛି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଓଲଗ ଜନପଦ, ଯେଉଁଠି ପାରମ୍ପରିକ ନିଆରା ଦୁର୍ଗାପୂଜା ସଂଗଠିତ ହୋଇଥାଏ।

ଏଠାରେ ବାସ କରୁଥିବା କ୍ଷତ୍ରିୟ ବଂଶର ଦୁଇ ଗୋଷ୍ଠୀ ନିଜ ଜନପଦକୁ ବଡଓଲଗ ଓ ସାନଓଲଗ ଭାବରେ ନାମିତ କରିଛନ୍ତି। ଏହି ଦୁଇ ଗ୍ରାମରେ ସ୍ୱତନ୍ତ୍ର ଶୈଳୀରେ ଦୁର୍ଗାପୂଜା ପାଳିତ ହୋଇଆସୁଛି। ବଡଓଲଗର ବଡଭାଇ ଗୋଷ୍ଠୀ (ମହାପାତ୍ର)ର ବଂଶଜମାନେ କଳସକୁ ମା' ଦୁର୍ଗାଙ୍କ ମୂର୍ତ୍ତି ମାନି ମଣ୍ଡପରେ ସ୍ଥାପନ କରି ପୂଜା କରୁଛନ୍ତି। ଏକ ପିତ୍ତଳ କଳସରେ ସ୍ୱର୍ଣ୍ଣ ଓ ରୌପ୍ୟ ଚକ୍ଷୁ, ନାସିକା, କର୍ଣ୍ଣ, ଅଧର ରୋପଣ କରି ସେମାନେ ମା'ଙ୍କୁ ଆରାଧନା କରୁଛନ୍ତି। ସେହିପରି ସାନଓଲଗର ସାନଭାଇ ଗୋଷ୍ଠୀ (ସୁନ୍ଦରରାୟ)ମହଣ ପତ୍ରକୁ ଦେବୀଦୁର୍ଗା ବୋଲି ମାନ୍ୟତା ଦେଇ ପୂଜା କରୁଛନ୍ତି। ସେମାନେ ଏହି ପତ୍ରରେ ରୌପ୍ୟ ଓ ସ୍ୱର୍ଣ୍ଣରେ ନିର୍ମିତ ଚକ୍ଷୁ, ଅଧର, ନାସିକା କର୍ଣ୍ଣ ଆଦି ରୋପଣ କରି ପୂଜାର୍ଚ୍ଚନା କରୁଥିଲେ। ତେବେ ୪ବର୍ଷ ହେଲା ଏଠାରେ ମା'ଙ୍କର ମୁଖମଣ୍ଡଳ ସହ ଶରୀରର ଏକ ଖୋଳପା ମହଣ ପତ୍ର ଉପରେ ରଖାଯାଇ ଆରାଧନା କରାଯାଉଛି।

ପବିତ୍ର ଷଷ୍ଠୀ ତିଥିଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ଉଭୟ ଜନପଦରେ ମା' ଦୁର୍ଗାଙ୍କୁ ଆବାହନ କରାଯାଇ ପୂଜାରମ୍ଭ କରାଯାଇଛି । ଦୁଇ ଜନପଦର ଜଣେ ଜଣେ ବ୍ୟକ୍ତି ପ୍ରଥମେ ପୁଣ୍ୟତୋୟା ବୈତରଣୀରେ ଘଟ ଉତ୍ତୋଳନ କରିଛନ୍ତି। ପୂଜା ମଣ୍ଡପରେ ପବିତ୍ର ଘଟକୁ ସ୍ଥାପନ କରାଯାଇଛି। ବିଧିପୂର୍ବକ ଏହି କ୍ଷତ୍ରୀୟ ବଂଶଜର ଦାୟାଦମାନେ ନିଜ ନିଜ ଘରେ ଥିବା ବାଡି, ଖଣ୍ଡା, ଧନୁ, ଶର, ଟେଣ୍ଟା ଆଦି ହତିଆରକୁ ପୂଜା ମଣ୍ଡପରେ ଅବସ୍ଥାପନ କରିଛନ୍ତି। ବିନା ଡାକବାଜି ଯନ୍ତ୍ରରେ ଚାଲିଛି ପୂଜା ବେଦୀରେ ପୁରୋହିତଙ୍କ ମନ୍ତ୍ର ପାଠ।

ଶନିବାର ପବିତ୍ର ମହାଷ୍ଟମୀରେ ପୂଜା ମଣ୍ଡପରେ ସକାଳଠାରୁ ରାତ୍ରର ଅନ୍ତିମ ପ୍ରହର ଯାଏ ଚଣ୍ଡିପାଠ ସହ ଘୃତାହୁତି ପ୍ରଦାନ କରାଯାଇଛି। ଗ୍ରାମର ସମସ୍ତ ପରିବାରର ସଦସ୍ୟମାନେ ଉପବାସ କରିଛନ୍ତି। ଏହିଦିନ ବଳି ସ୍ୱରୁପ ମା'ଙ୍କୁ କୁଷ୍ମାଣ୍ଡ ଅର୍ପଣ କରାଯାଇଛି। ପୂଜା ଶେଷରେ ପରିବାରର ସମସ୍ତ ବ୍ୟକ୍ତି ମା'ଙ୍କ ଚରଣାମୃତ ପାନ କରି ବ୍ରତ ଭଙ୍ଗ କରିଛନ୍ତି। ରବିବାର ମହାନବମୀରେ ମା' ଙ୍କର ସମସ୍ତ ପୂଜା ବିଧି ମୁତାବକ କରାଯିବ। ସୋମବାର ଦଶହରା । ଏହି ଦିନ ପୂର୍ବାହ୍ନରେ ମା'ଙ୍କୁ ଜଳରେ ବିସର୍ଜନ କରାଯିବ ବୋଲି ସ୍ଥିରିକୃତ ହୋଇଛି।

–ଦୀପ୍ତିରଞ୍ଜନ ନାୟକ, ଆରଡ଼ି

## ସଂକ୍ଷେପରେ

### ଆଉ ୨ କମ୍ପାନୀରୁ ପୁଞ୍ଜି ପ୍ରତ୍ୟାହାର କରିବେ ସରକାର

**ମୁମ୍ବାଇ,୨୪।୧୦ :** ସରକାର ଜେନେରାଲ ଇନ୍ସ୍ୟୁରାନ୍ସ କମ୍ପାନୀ(ଜିଆଇସି) ଏବଂ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ ଭଳି ୨ଟି କମ୍ପାନୀରୁ ୧୦% ପୁଞ୍ଜି ପ୍ରତ୍ୟାହାର କରିବାକୁ ଯୋଜନା ରଖିଛନ୍ତି। ଅଫର ଫର୍ ସେଲ୍ ଦ୍ୱାରା ଏହି ପ୍ରକ୍ରିୟା ସମ୍ପାଦନ ହେବ ବୋଲି ଜଣାପଡିଛି। ଜେନେରାଲ ଇନ୍ସ୍ୟୁରାନ୍ସ କର୍ପୋରେଶନର ପୁଞ୍ଜି ପ୍ରତ୍ୟାହାର ନେଇ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନାହିଁ। ୨୦୧୭ରେ ସରକାର ଏହି ୨ କମ୍ପାନୀରୁ ୧୫% ଅଂଶଧନ ପ୍ରତ୍ୟାହାର କରିଥିଲେ। ଜେନେରାଲ ଇନ୍ସ୍ୟୁରାନ୍ସ ଅଂଶଧନ ପ୍ରତ୍ୟାହାରରୁ ସରକାର ୧୧,୩୭୦ କୋଟି ଏବଂ ନ୍ୟୁ ଇଣ୍ଡିଆରୁ ୯୬୦୦ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ଇସ୍ୟୁ ପ୍ରାଇସ କ୍ଷେତ୍ରରେ ଉଭୟ କମ୍ପାନୀ ରିହାତି ହାରରେ ଟ୍ରେଡିଂ କରୁଥିବା ଜଣାପଡିଛି। ଜିଆଇସିର ବଜାର ପୁଞ୍ଜିକରଣ ୨୧,୩୩୩ କୋଟି ଟଙ୍କା ରହିଥିବା ବେଳେ ନ୍ୟୁ ଇଣ୍ଡିଆର ଶେୟାର ପ୍ରାଇସ ମୂଲ୍ୟ ୧୭,୦୦୦ କୋଟି ଟଙ୍କା ରହିଛି। ୧୦% ଅଂଶଧନ ଖସିବା ଦ୍ୱାରା ସରକାର ପ୍ରାୟ ୪ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛନ୍ତି।

### ନୋକିଆର ନୂଆ ୪ଜି ଫିଚର ଫୋନ୍

**ନୂଆଦିଲ୍ଲୀ,୨୪।୧୦:** ନୋକିଆ ବ୍ରାଣ୍ଡର ଫୋନ ବିକ୍ରି କରୁଥିବା କମ୍ପାନୀ ଏଚ୍ଏମ୍ଡି ଗ୍ଲୋବାଲ ପକ୍ଷରୁ ନୋକିଆର ୪ଜି ଫିଚର ଫୋନ ଶୁଭାରମ୍ଭ କରାଯାଇଛି। ବଜାରକୁ ନୋକିଆ ୧୨୫ ଏବଂ ନୋକିଆ ୨୨୫ ମଡେଲରେ ଗ୍ରାହକ ୪ଜି ସେବା ପାଇପାରିବେ। ଏଥିରେ ଭୋଲ୍ଟି ନେଟ୍ୱର୍କ ରହିଥିବା ବେଳେ ଗ୍ରାହକ ସୋସିଆଲ ମିଡିଆ ବ୍ରାଉଜ କରିବା ସୁବିଧା ପାଇବେ। ଏଥିରେ ଗେମ୍ ଖେଳିବାର ସୁବିଧା ମଧ ମିଳିବ। ନୋକିଆ ୨୨୫ରେ କ୍ୟାମେରା ସୁବିଧା ରହିଛି। ଏହାକୁ ଗ୍ଲସି ହାର୍ଡ କୋଟେଡ ଏବଂ ହାଇଏଣ୍ଡ ଫିନିସ ପ୍ରଦାନ କରାଯାଇଛି। ଉନ୍ନତ ବ୍ୟାଟେରି ବ୍ୟାକ୍ଅପ ସହ ଏଫ୍ଏମ୍ ରେଡିଓ ସୁବିଧା ରହିଛି।

# ଜିଏସ୍ଟି ବାର୍ଷିକ ରିଟର୍ନ ଅବଧି ବୃଦ୍ଧି

ନୂଆଦିଲ୍ଲୀ,୨୪।୧୦



ଆର୍ଥିକ ବର୍ଷ ୨୦୧୮-୧୯ର ସାମଗ୍ରୀ ଓ ସେବା ଟିକସ(ଜିଏସ୍ଟି) ବାର୍ଷୀକ ରିଟର୍ନ ଫାଇଲିଂ କରିବା ଅବଧିକୁ କେନ୍ଦ୍ର ସରକାର ଡିସେମ୍ବର ୩୧ ଯାଏ ବଢାଇଛନ୍ତି। ବାର୍ଷିକ ରିଟର୍ନ ଏବଂ ଅଡିଟ ରିପୋର୍ଟ ଦାଖଲ କରିବା ସୀମାକୁ ଗତ ମାସରେ ସରକାର ଅକ୍ଟୋବର ୩୧ ଯାଏ ବଢାଇଥିଲେ। ରିଟର୍ନ ଦାଖଲ କରିବା ଅବଧିକୁ ବଢାଇବା ଲାଗି ବିଭିନ୍ନ କ୍ଷେତ୍ରର ପ୍ରତିନିଧି ସରକାରଙ୍କୁ ନିବେଦନ କରିଥିଲେ। ବିଭିନ୍ନ ପ୍ରସଙ୍ଗକୁ ବିଚାର କରିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ସୂଚନା ରହିଛି। କୋଭିଡ-୧୯ ଲକଡାଉନ ଯୋଗୁ ଘରୋଇ ବଜାର ପ୍ରଭାବିତ ହୋଇ ରହିଛି। ବର୍ତ୍ତମାନ ସାରା ଦେଶରେ ବାଣିଜ୍ୟ ସଂସ୍ଥାଗୁଡିକ ସ୍ୱାଭାବିକ ସ୍ଥିତିକୁ ଫେରି ପାରିନାହାନ୍ତି। ଏହାକୁ ଧ୍ୟାନରେ ରଖି ପୂର୍ବ ଥର ମଧ ରିଟର୍ନ ଫାଇଲିଂ ଅବଧି ବଢାଯାଇଥିଲା। ଏ କ୍ଷେତ୍ରରେ ଜିଏସ୍ଟି ପରିଷଦର ପ୍ରସ୍ତାବକୁ ମଧ ଧ୍ୟାନରେ ରଖାଯାଇଛି। ଜିଏସ୍ଟି ବ୍ୟବସ୍ଥାରେ ଜିଏସ୍ ଟିଆର୍-୯ ଫର୍ମ ବାର୍ଷିକ ରିଟର୍ନ ଲାଗି ବ୍ୟବହାର ହେଉଛି।

ନୂଆ ପଦକ୍ଷେପ ଅଡିଟର ଏବଂ ଲୋକଙ୍କୁ ଅନୁପାଳନରେ ସହାୟକ ହେବ ବୋଲି ସିବିଆଇସି ପକ୍ଷରୁ କୁହାଯାଇଛି। ସେହିଭଳି ଜିଏସ୍ଟି ୯ସି ଫର୍ମ ଅଡିଟ ହୋଇଥିବା ବାର୍ଷିକ ବିତ୍ତୀୟ ବିବରଣୀ ଜିଏସ୍ଟିଆର୍୯ର ଏକ ମିଶ୍ରଣ ସଂକ୍ରାନ୍ତ ଚିଠା। ଯେଉଁ ବ୍ୟକ୍ତି ବିଶେଷଙ୍କ ବାର୍ଷିକ କାରବାର ୨ କୋଟି ଟଙ୍କାରୁ ଅଧିକ ସେମାନଙ୍କ ଲାଗି ବାର୍ଷିକ ରିଟର୍ନ ପଇଠ କରିବା ବାଧ୍ୟତାମୂଳକ କରାଯାଇଛି। ସେହିଭଳି ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବାର୍ଷିକ କାରବାର ଉପରେ ଜିଏସ୍ଟି ପଞ୍ଜୀକରଣ କରିଥିବା ବ୍ୟକ୍ତି ବିଶେଷଙ୍କୁ କ୍ରୟ ଏବଂ ବିକ୍ରୟର ମିଶ୍ରିତ ରିପୋର୍ଟ ପଠାଇବାକୁ ନିୟମ ରହିଛି। ସୂଚନା ଯୋଗ୍ୟ, ପୂର୍ବରୁ ମଧ ସରକାର ଜିଏସ୍ଟି ରିଟର୍ନ ଅବଧିକୁ ବଢାଇଛନ୍ତି। କାରଣ କରୋନାର ପ୍ରଭାବ ଏବେ ଯାଏ ବଜାରରୁ ଯାଇନାହିଁ। ବଜାରରେ ଏକ ପ୍ରକାରର ଆଶଙ୍କା ଲାଗି ରହିଛି। ବିଭିନ୍ନ ଦେଶରେ ପୁଣି ଥରେ ଲକଡାଉନ କଟକଣା ଲାଗିଛି। କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣକୁ ନେଇ ବଜାରରେ ଆଶଙ୍କା ଲାଗି ରହିଛି। ପୂର୍ବରୁ ପ୍ରଭାବିତ ଥିବା ବଜାରରେ ସମ୍ପୂର୍ଣ୍ଣ ଭଲ ଅବସ୍ଥା ଆସି ନଥିବା ବେଳେ ଭାରତ ବର୍ତ୍ତମାନ କରୋନା ସଂକ୍ରମଣରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହାକୁ ବିଚାର କରି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି।

## କ୍ୟାନନ୍ ଇଣ୍ଡିଆର ପାର୍ବଣ ଅଫର

ନୂଆଦିଲ୍ଲୀ,୨୪।୧୦

Canon

କ୍ୟାନନ୍ ଇଣ୍ଡିଆ ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଫଟୋଗ୍ରାଫି ସଂସ୍କୃତିରେ ପ୍ରସାର କରିବା ଏବଂ ଫଟୋପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କମ୍ପାନୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। କମ୍ପାନୀ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। କ୍ୟାନନ୍ର ଫୁଲ୍ଫ୍ରେମ୍ କ୍ୟାମେରା ଉପରେ ୩ ବର୍ଷର ବର୍ଦ୍ଧିତ ୱାରେଣ୍ଟି ସୁବିଧା ରହିଛି। ଦୁର୍ଗାପୂଜା ଏବଂ ନବରାତ୍ରକୁ ଅଧିକ ଆନନ୍ଦର ସହ ପାଳନ କରିବା ଲାଗି ଆକର୍ଷଣୀୟ ଇଏମ୍ଆଇ ଏବଂ କ୍ୟାଶ୍ବ୍ୟାକ୍ ଅଫର ପ୍ରଦାନ କରୁଛି। ଗ୍ରାହକଙ୍କୁ ସୁବିଧା ପ୍ରଦାନ କରିବା ଲାଗି ବିଭିନ୍ନ ଅଫର ଡିଜାଇନ କରାଯାଇଥିବା କ୍ୟାନନ୍ ଇଣ୍ଡିଆର ସିଇଓ କାଜୁଟାଡା କୋବାୟାସି ସୂଚନା ଦେଇଛନ୍ତି। କ୍ୟାମେରା ବାଦ୍ ବଡି ପ୍ରିଣ୍ଟର ବର୍ଗରେ ଗ୍ରାହକ ଅଫର ଲାଭ କରିପାରିବେ। ଇଣ୍ଡିଆକା ପ୍ରିଣ୍ଟର ଅଭିଯାନ ଅନ୍ତର୍ଗତ ଏହି ସୁବିଧା ଉପଲବ୍ଧ ହେବ। ଏହାବାଦ କମ୍ପାନୀ ଅନ୍ୟ ବର୍ଗରେ ବିଭିନ୍ନ ଅଫର ପ୍ରଦାନ କରୁଥିବା ଜଣାପଡ଼ିଛି।

## ଟୟୋଟା-ବ୍ୟାଙ୍କ ଅଫ୍ ବରୋଦା ଚୁକ୍ତି

ଭୁବନେଶ୍ୱର,୨୪।୧୦

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଏହାର ଗ୍ରାହକ ଓ ଡିଲରମାନଙ୍କୁ ଫାଇନାନ୍ସ ସୁବିଧା ଯୋଗାଣ ପାଇଁ ବ୍ୟାଙ୍କ ଅଫ୍ ବରୋଦା ସହ ମିଳିତ ହୋଇଛି। କମ୍ପାନୀର ଏହି ଚୁକ୍ତି ଜରିଆରେ ଦେଶର ଛୋଟ ସହର ସମେତ ଅନ୍ୟ ପ୍ରମୁଖ ସହରର ଗ୍ରାହକମାନେ ମଧ ଫାଇନାନ୍ସ ସୁବିଧା ପାଇପାରିବେ। ଟୟୋଟାର ସମସ୍ତ ଯାନ ଉପରେ ଏହି ସୁବିଧା ଗ୍ରାହକମାନଙ୍କୁ ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାହକଙ୍କୁ ୯୦% ଫାଇନାନ୍ସ ସୁବିଧା ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପ୍ରଦାନ କରାଯିବ। ଏହାର ଦୀର୍ଘ ମିଆଦୀ ରିପେମେଣ୍ଟ ସମୟସୀମା ୮୪ ମାସ ରହିବ। ଗ୍ରାହକଙ୍କୁ ସୁହାଇଲା ଭଳି ସୁଧହାରରେ ଏହି ଫାଇନାନ୍ସ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମୁରଲୀ ରାମସ୍ୱାମୀ କହିଛନ୍ତି, ଭାରତର ଅଗ୍ରଣୀ ପାସେଞ୍ଜର ଯାନ କମ୍ପାନୀ ସହ ଆମର ବୁଝାମଣା ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ । ଏହାଦ୍ୱାରା ଅଟୋମୋବାଇଲ ଡିଲରଙ୍କ ସହିତ ଆମର ସମ୍ପର୍କ ବୃଦ୍ଧି ପାଇପାରିବ। ଦେଶର ବିଭିନ୍ନ ଶାଖାରେ ଆମେ ଏହି ସୁବିଧା ଉଭୟଙ୍କ ପାଇଁ ଉପଲବ୍ଧ କରାଇବୁ ବୋଲି ସେ ମତ ଦେଇଥିଲେ। ସେହିଭଳି ଟୟୋଟା କିର୍ଲୋସ୍କର ମୋଟର ପ୍ରା.ଲି.ର ସେଲ୍ସ ଆଣ୍ଡ ସର୍ଭିସର ବରିଷ୍ଠ ଉପସଭାପତି ନବୀନ ସୋନି କହିଛନ୍ତି, ଏହି ଚୁକ୍ତି ଫଳରେ ଆମେ ଗ୍ରାହକ ଓ ଡିଲରଙ୍କୁ ଚିନ୍ତାମୁକ୍ତ ଫାଇନାନ୍ସ ସୁବିଧା ସହଜରେ ଯୋଗାଇଦେବୁ।

## ୟୁରୋପକୁ ହୋଣ୍ଡାର ଏସ୍ପି-୧୨୫ ରପ୍ତାନି

ନୂଆଦିଲ୍ଲୀ,୨୪।୧୦



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ପ୍ରାଇଭେଟ ଲିମିଟେଡ୍ (ଏଚ୍ଏମ୍ଏସ୍ଆଇ) ପକ୍ଷରୁ ରପ୍ତାନି ବଜାରରେ ଏହାର ବ୍ୟବସାୟକୁ ସମ୍ପ୍ରସାରିତ କରିଛି। କମ୍ପାନୀ ପକ୍ଷରୁ ସିକେଡି ରୁଟ୍ ଜରିଆରେ ଏହି ମୋଟରସାଇକେଲର ରପ୍ତାନି ଆରମ୍ଭ କରାଯାଇଛି। ଏସ୍ପି-୧୨୫ ମୋଟର ସାଇକେଲର ୨୦୦୦ରୁ ଅଧିକ ସିକେଡି କିଟ୍ ଥିବା ଏକ କନ୍ସାଇଟମେଣ୍ଟକୁ ଅଗଷ୍ଟ ୨୦୨୦ ପର ଠାରୁ ୟୁରୋପକୁ ଡେସ୍ପାଚ କରାଯାଇଛି। ଏସ୍ପି ୧୨୫ ହେଉଛି ପ୍ରଥମ ବିଏସ୍-୬ ମୋଟର ସାଇକେଲ ଯାହାକୁ ହୋଣ୍ଡା ଗତବର୍ଷ ନଭେମ୍ବରରେ ଉନ୍ମୋଚନ କରିଥିଲା। ଏହି ମଡେଲରେ ୧୯ପ୍ରକାର ନୂଆ ପେଟେଣ୍ଟ ବ୍ୟବହାର କରାଯାଇଛି। ଏଥିରେ ସମ୍ପୂର୍ଣ୍ଣ ନୂଆ ୧୨୫ ସିସି ଏଚ୍ଇଟି ଇଞ୍ଜିନ ସହ ଇଏସ୍ପି ପ୍ରଯୁକ୍ତି ରହିଛି, ଯାହା ୧୬% ଅତିରିକ୍ତ ମାଇଲେଜ ପ୍ରଦାନ କରୁଛି। ସେଗୁଡିକ ହେଉଛି ଫୁଲ୍ ଡିଜିଟାଲ ମିଟର, ଡିଷ୍ଟାନ୍ସ ଟି ଏମ୍ପଟି, ହାରାହାରି ଇନ୍ଧନ ମିତବ୍ୟୟିତା, ବାସ୍ତବ ସମୟ ଇନ୍ଧନ ମିତବ୍ୟୟିତା, ଏଲ୍ଇଡି ଡିସି ଲ୍ୟାମ୍ପ, ଇଞ୍ଜିନ ଷ୍ଟାର୍ଟ-ଷ୍ଟପ ସ୍ୱିଚ, ଇଣ୍ଟିଗ୍ରେଟେଡ୍ ହେଡ୍ଲ୍ୟାମ୍ପ ବିମ୍-ପାସିଂ ସ୍ୱିଚ୍, ଇକୋ ଇଣ୍ଡିକେଟର ଓ ଗିୟର ପୋଜିସନ ଇଣ୍ଡିକେଟର ପ୍ରମୁଖ। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଏବଂ ସଭାପତି ଆତସୁସି ଓଗାତା କହିଛନ୍ତି, ବିଏସ୍ ୪ରୁ ବିଏସ୍ ୬ ପର୍ଯ୍ୟନ୍ତ ଆସିବା ହେଉଛି ଭାରତୀୟ ଅଟୋମୋବାଇଲ ଶିଳ୍ପ ପାଇଁ ଏକ ଆହ୍ୱାନପୂର୍ଣ୍ଣ ସମୟ।

## ପିଏନ୍ବି ପକ୍ଷରୁ 'ଡିଜିଟାଲ ଆପ୍ନାଏ' କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୪।୧୦

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍ବି) ପକ୍ଷରୁ ସାରା ଦେଶର ଏହାର ୧୦,୯୩୧ ଶାଖାରେ 'ଡିଜିଟାଲ ଆପ୍ନାଏ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ସଚେତନତା ସହ ଡିଜିଟାଲ ବ୍ୟାଙ୍କିଙ୍ଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବା ଜରିଆରେ ସବୁ ବର୍ଗର ଗ୍ରାହକ ବିଭିନ୍ନ ସୁବିଧା ସହଜରେ ପାଇପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ରୁପେ ଡେବିଟ କାର୍ଡ, ୟୁପିଆଇ ଏବଂ ଏଇପିଏସ୍ ଆକାଉଣ୍ଟଧାରୀଙ୍କୁ ସବୁ ପ୍ରକାର ବ୍ୟାଙ୍କିଙ୍ଗ୍ ସୁବିଧା ଏହା ଜରିଆରେ ମିଳିପାରିବ। ୭୫ତମ ସ୍ୱାଧୀନତା ଦିବସ ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସିଏଚ. ଏସ୍.ଏସ୍. ମଲିକାର୍ଜୁନ ରାଓ ଡିଜିଟାଲ ଆପ୍ନାଏ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ଫୋନ୍ ପେରେ କାର୍, ବାଇକ୍ ଇନ୍ସ୍ୟୁରାନ୍ସ ସୁବିଧା

ନୂଆଦିଲ୍ଲୀ,୨୪।୧୦

ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ ପ୍ଲାଟ୍ଫର୍ମ ଫୋନ ପେ ପକ୍ଷରୁ କାର୍ ଏବଂ ବାଇକ ବୀମା ସୁବିଧା ଯୋଗାଣ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କ କାର ଓ ବାଇକ ବୀମା ପ୍ରଡକ୍ଟ ଯୋଗାଣ ଦିଗରେ କମ୍ପାନୀ ନୂଆ କରି ପ୍ରବେଶ କରିଛି। କମ୍ପାନୀର ୨୩୦ ନିୟୁତରୁ ଊର୍ଦ୍ଧ୍ୱ ଉପଭୋକ୍ତା ବିନା କୌଣସି ପ୍ରତିବନ୍ଧକରେ ୨ ମିନିଟ ମଧ୍ୟରେ ନିଜ କାର ଏବଂ ବାଇକର ଇନ୍ସ୍ୟୁରାନ୍ସ କରାଇପାରିବେ। ଏହା କିଣିବା ଲାଗି ଗ୍ରାହକଙ୍କୁ କୌଣସି ଡକ୍ୟୁମେଣ୍ଟ ଅପ୍ଲୋଡ କରିବାର ଆବଶ୍ୟକତା ନାହିଁ। ଆପ୍ ମାଧ୍ୟମରେ ତତ୍କାଳ ନିଜର ବୀମା କାଗଜପତ୍ର ଲାଭ କରିପାରିବେ। ଏହି ପ୍ରଡକ୍ଟଗୁଡିକ ସୁଲଭ ମୂଲ୍ୟରେ ମିଳିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ରାଜ୍ୟ ଖବର

# ମାଟିରେ ମିଶିବ ଟାଙ୍ଗିରିଆ ପାହାଡ଼

ଖୋର୍ଦ୍ଧା ଅଫିସ,୨୪।୧୦



- ବେଆଇନ ପଥର ବ୍ଲାଷ୍ଟିଂ ବନ୍ଦ ଦାବି
- ଆନ୍ଦୋଳନ ଲାଗି ଗ୍ରାମବାସୀଙ୍କ ଚେତାବନୀ

ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ଅଞ୍ଚଳରେ ପଥର ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦୈନିକ ଶହ ଶହ ଟ୍ରକରେ ମାଙ୍କଡ଼ା ପଥର ଓ ମୋରମ ଏହି ଅଞ୍ଚଳରୁ ଚୋରାଚାଲାଣ କରାଯାଉଛି। ଜରିପୁଟ ମୌଜାରେ ଥିବା ଟାଙ୍ଗିରିଆ ପାହାଡ଼ରେ ବ୍ଲାଷ୍ଟିଂ ଯୋଗୁ ପାହାଡ ତଳି ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ବ୍ଲାଷ୍ଟିଂ ଜାରି ରହିଲେ କିଛିଦିନ ମଧ୍ୟରେ ପାହାଡ଼ ମାଟିରେ ମିଶିଯିବା ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କୁ ଭେଟି ପଥର ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।

ପ୍ରକାଶ ଯେ, ଟାଙ୍ଗୀ ତହସିଲ ଅଧୀନ ଜରିପୁଟ ମୌଜାରେ ରହିଥିବା ଟାଙ୍ଗିରିଆ ପାହାଡ଼ ସ୍ଥାନୀୟ ଗ୍ରାମଗୁଡ଼ିକର ଶୋଭାବର୍ଦ୍ଧନ କରିଥାଏ। ହେଲେ ପଥର ମାଫିଆଙ୍କ ଦ୍ୱାରା ବେଆଇନ ପଥର ବ୍ଲାଷ୍ଟିଂ ଯୋଗୁ ପାହାଡ଼ ସମ୍ପୂର୍ଣ୍ଣ ନଣ୍ଡା ହୋଇଗଲାଣି। ଏହି ବ୍ଲାଷ୍ଟିଂରେ ସ୍ଥାନୀୟ ବାସିନ୍ଦାଙ୍କ କୋଠା ଘର ଛାତ ଓ ଆଜବେଷ୍ଟସ ଫାଟିଆଁ କରିଛି। ଏହା ସହିତ ପଥର ଖଣ୍ଡ ଛିଟିକି ଲୋକଙ୍କ ମୁଣ୍ଡରେ ପଡ଼ିବାରୁ ଆହତ ହେଉଛନ୍ତି। ଅନ୍ୟପଟେ ବ୍ଲାଷ୍ଟିଂ ଯୋଗୁ ଧୂଳି ଓ ଧୂଆଁରେ ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଖୋର୍ଦ୍ଧା ତହସିଲ ଅଞ୍ଚଳରେ ଏସ୍ଟିଏଫ ପକ୍ଷରୁ ବାରମ୍ବାର ଖଣି ଉପରେ ଚଢ଼ାଉ ହେଉଥିବାରୁ ସେଠାରେ ପଥର ଖାଦାନ ବନ୍ଦ ରହିଥିବା ବେଳେ ଟାଙ୍ଗୀ ଅଞ୍ଚଳରେ ମାଫିଆଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି ବୋଲି କେତେଜଣ ସ୍ଥାନୀୟ ବାସିନ୍ଦା କହିଛନ୍ତି। ବେଆଇନ ବ୍ଲାଷ୍ଟିଂ ବନ୍ଦ ଲାଗି ବାରମ୍ବାର ଜିଲା ପ୍ରଶାସନ ନିକଟରେ ଦାବି ହେଉଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ। ବିରିବାଡ଼ିର ଗୋପୀନାଥ ପାଇକରାୟ ଏହି ବେଆଇନ ବ୍ଲାଷ୍ଟିଂକୁ ବନ୍ଦ ଲାଗି କୋର୍ଟର ଆଶ୍ରୟ ନେବା ସହ ପ୍ରଦୂଷଣ ବୋର୍ଡ ନିକଟରେ ମଧ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ, ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପୁରୀରୁ ୫୧ କରୋନା ଆକ୍ରାନ୍ତ ଚିହ୍ନଟ

ପୁରୀ ଅଫିସ,୨୪।୧୦

ପୁରୀ ଜିଲାର ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଥିଲେ ମଧ ମୃତ୍ୟୁରେ କିନ୍ତୁ ରୋକ୍ ଲାଗୁନି। ଫଳରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ଜିଲାରୁ ୮୨କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଶନିବାର ୫୧ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇବା ପରେ ଜିଲାର ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୨,୧୫୨ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୧,୪୪୩ ଜଣ ଆରୋଗ୍ୟ ଲାଭ କରିଥିବାବେଳେ ୬୨୬ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସେହିପରି ମହାମାରୀ କରୋନାରେ ଜିଲାରୁ ଏ ପର୍ଯ୍ୟନ୍ତ ୮୦ ଜଣଙ୍କ ଜୀବନ ଗଲାଣି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୧,୧୯,୭୯୨ କୋଭିଡ୍ ଟେଷ୍ଟ କରାଯାଇଛି। ସୁସ୍ଥ ହାର ରହିଛି ୯୪.୧୭ ପ୍ରତିଶତ। ତେବେ ଶନିବାର ଚିହ୍ନଟଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ୨୪ ଜଣ ଓ ବିଭିନ୍ନ ବ୍ଲକରୁ ୨୭ ଜଣ ଚିହ୍ନଟ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନହ ବିରି**
**ନୁହେଁରେ କାଳିଆ ତୋହ ଭଳି**
**ସୁନାଫୁଲ ବୋଲି ଗଭାରେ ଖୋସିଲି**
**ମୋ କପାଳକୁ ବଣମଲ୍ଲୀ।**

ପର ଲୋକଠାରୁ ମୂଲ୍ୟବାନ ଜିନିଷ ମାଗି ନେଇ ରଖିଲେ କେହି ବଡ଼ଲୋକ ହୋଇଯାଏନାହିଁ।କର୍ମରେ ନଥିଲେ କେହି ଦେଇ ଦେଲେ ଭାଗ୍ୟ ଖୋଲିଯାଏନି। ପରଠାରୁ ଆଣିଥିବା ଭଲ ଜିନିଷ ମଧ ଖରାପ ହୋଇଯାଏ, ତାହା କସ୍ମିନ କାଳେ ଭୋଗ୍ୟ ହୁଏନାହିଁ।ଯେଉଁ ଅବସ୍ଥା ଭାଗ୍ୟ ବିପର୍ଯ୍ୟୟ ଯୋଗୁ ଘଟେ, ତାର ପରିବର୍ତ୍ତନ କାହାରି ହାତରେ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ନିଲଜ ନାଉ**
**ଟେକିଟାକି ଦେଲେ ପିଢ଼ାକୁ ଯାଉ**
**ଚାଳଯାକ ମାଡ଼ିଥାଉ।**

ସାଧାରଣତଃ ଲାଉଡଙ୍କ କୁ ପିଢ଼ା ବା ଚାଳ ଉପରକୁ ଯେତେ ଟେକାଯାଏ ସେ ସେତେ ସତେଜ ହୋଇ ବଢିଥାଏ। ପରୋକ୍ଷରେ ଯେଉଁ ଲୋକର ମୁହଁରେ ଲାଜ ସରମ ନଥାଏ ତାକୁ ଟିକେ ଟେକଟେକି କରି କହିଦେଲେ ସେ ତାକୁ ସତମଣି ଫୁଲିଉଠୁଥିବାର ଲକ୍ଷ୍ୟ କରାଯାଇଥାଏ। ଅଲାଜୁକ ଶ୍ରେଣୀର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୩୪ ଗାଡ଼ି ଜବତ, ୫ ଗିରଫ

କଟକ ଅଫିସ,୨୪।୧୦



- ଗାଡ଼ି ଚୋରି ଗ୍ୟାଙ୍ଗ ଠାବ
- ରଙ୍ଗ ବଦଳାଇ ବିକ୍ରି କରୁଥିଲେ
- ଫେରାର ହେବାବେଳେ ଧରାପଡ଼ିଲେ

ଗାଡ଼ି ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ଜଗତ୍ପୁର ପୋଲିସ ଠାବ କରିଛି। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଟାଙ୍ଗୀ ଅଞ୍ଚଳର ଭକ୍ତଚରଣ ରାଉଳ, ମାହାଙ୍ଗା ଅଞ୍ଚଳର ରତିକାନ୍ତ ପ୍ରଧାନ, ଜଗବନ୍ଧୁ ରାଉତ, ଜଗତ୍ପୁରର ପ୍ରଶାନ୍ତ ସାମଲ ଓ ପୁରୀଘାଟ ଅଞ୍ଚଳର ପ୍ରତାପ ସେଠୀ। ଏମାନଙ୍କ ନିକଟରୁ ୩୪ଟି ଗାଡ଼ି ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୩୭୩/୨୦) ରୁଜୁ ହୋଇଛି। ଏ ସମ୍ପର୍କରେ ଜଗତ୍ପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି, ଅଭିଯୁକ୍ତମାନେ କଟକ, ଭୁବନେଶ୍ୱର, ଯାଜପୁର, ଖୋର୍ଦ୍ଧା, ମୟୂରଭଞ୍ଜ ଆଦି ଅଞ୍ଚଳରୁ ଗାଡ଼ି ଚୋରି କରନ୍ତି। କେନ୍ଦୁଝରରେ ଚୋରା ଗାଡ଼ିକୁ ଲୁଚାଇ ରଖାଯାଏ। ପରେ ଗାଡ଼ିର ରଙ୍ଗକୁ ବଦଳାଇ ଅଭିଯୁକ୍ତମାନେ ଖୁବ୍କମ୍ ଦରରେ ବିକ୍ରି କରିଥାନ୍ତି। ଜଗତ୍ପୁରର ସଦାନନ୍ଦ ସାହୁ ନାମକ ବ୍ୟକ୍ତି ଏ ସମ୍ପର୍କରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ଶନିବାର ଗୋଟିଏ ଟାଟା ଏସିଇ ଓ ଆକ୍ଟିଭା ଗାଡ଼ିକୁ ଅଭିଯୁକ୍ତମାନେ ଚୋରି କରିବା ପରେ ଫେରାର ହୋଇଯାଉଥିବାବେଳେ ପୋଲିସ ସେମାନଙ୍କୁ ଜଗତ୍ପୁର ବିରୂପା ବ୍ରିଜ ନିକଟରେ କାବୁ କରିଥିଲା। ଅଭିଯୁକ୍ତଙ୍କ ଠାରୁ ଖବର ନେଇ କେନ୍ଦୁଝରର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ପୋଲିସ ଚୋରା ଗାଡ଼ିକୁ ଜବତ କରିଛି ବୋଲି ଡିସିପି ସିଂ କହିଛନ୍ତି।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଚୌଦ୍ୱାର,୨୪।୧୦(ଡି.ଏନ୍.ଏ)

ନୂଆପାଟଣା ମଧୁସୁଦନ ସେତୁ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ଼ ଥାନା ଅଧୀନ ଜେନାପଦାର ପ୍ରସନ୍ନ ନାୟକ(୩୮)। ସୂଚନା ଅନୁଯାୟୀ, ପ୍ରସନ୍ନ ତାଙ୍କ ବାଇକ୍ରେ କଟକ ସିଡିଏରୁ ଘରକୁ ଫେରୁଥିବାବେଳେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଟିପିଏମ୍ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୫୦୪/୨୦)ରୁଜୁ ହୋଇଛି।

# ବିଜୟା ଦଶମୀରେ ରତ୍ନସିଂହାସନରେ ସୁନାବେଶ

ପୁରୀ ଅଫିସ,୨୪।୧୦

**ଦର୍ଶନ ପାଇପାରିବେ ନାହିଁ ଭକ୍ତ**

ପବିତ୍ର ବିଜୟା ଦଶମୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣ ବୀରବେଶ ଧାରଣ କରିବେ। ଏହିଦିନ ରତ୍ନସିଂହାସନରେ ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହେବ। କିନ୍ତୁ ଭକ୍ତମାନେ ଏହି ଦୁର୍ଲ୍ଲଭ ବେଶ ଦର୍ଶନରୁ ବଞ୍ଚିତ ହେବେ। ମହାମାରୀ କରୋନା ଏ ବର୍ଷ ଏହି ସୁଯୋଗ ଛଡ଼ାଇ ନେଇଛି। କରୋନା ପାଇଁ ଭକ୍ତଙ୍କ ଶ୍ରୀମନ୍ଦିର ପ୍ରବେଶ ବାରଣ ରହିଛି। ତେଣୁ ରତ୍ନସିଂହାସନରେ ସୁନାବେଶ ଦେଖିପାରିବେ ନାହିଁ ଶ୍ରଦ୍ଧାଳୁ। ଏସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦୁର୍ଗାପୂଜା ଅବସରରେ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ଓ ନବମୀରେ ବଳଭଦ୍ରଙ୍କ ହଳ ମୁଷଳ, ଦେବୀ ସୁଭଦ୍ରାଙ୍କ ତଡ଼ଗୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶଙ୍ଖ, ଚକ୍ର ପୂଜାରେ ବସିଥାଏ। ଦୁଷ୍ଟ ମହିଷାସୁରକୁ ବଧ କରିବା ପାଇଁ ତନିଠାକୁର ତାଙ୍କ ଆୟୁଧ ଦେବୀଙ୍କୁ ଅର୍ପଣ କରିଥାନ୍ତି ବୋଲି ଏହା ପ୍ରତିପାଦିତ କରିଥାଏ। ପୁନଶ୍ଚ ଦଶହରା ଦିନ ଦେବୀଙ୍କଠାରୁ ଏହି ଆୟୁଧ ଅଣାଯାଇ ଠାକୁରଙ୍କୁ ପରିଧାନ କରାଯାଏ। ବିଜୟା ଦଶମୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବୀରବେଶ ଧାରଣ କରି ଦଶହରା ପଦା (ଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖ)କୁ ବିଜେ କରିଥାନ୍ତି। ଅବକାଶ ନୀତି ପରେ ତିନିବାଡରେ ଚନ୍ଦନ ଲାଗି କରାଯାଏ। ନୂଆଲୁଗା ଲାଗିସାରିବା ପରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୁଏ। ଏହି ସୁନାବେଶରେ ଆୟୁଧମାନ ଲାଗି ହୋଇ ନ ଥାଏ। ବେଶ ବଢି ସକାଳ ଧୂପ ପରେ ଆୟୁଧମାନଙ୍କ ମହାସ୍ନାନ ବଢ଼ି ବରୁଣ ପୂଜା ହୁଏ। ତିନିଗୋଟି ରୁପା ଥାଳିରେ ଆୟୁଧମାନ ରଖାଯାଇ ଘଣ୍ଟ, ଛତା, କାହାଳୀ ସହ ତିନିଥର ମନ୍ଦିର ପରିକ୍ରମା କରାଇ ସିଂହାସନକୁ ବିଜେ କଲା ପରେ ତିନିବାଡ଼ରେ ଆୟୁଧ ଲାଗି ହୁଏ। ଦଶହରାରେ ପଦାକୁ ଯିବା ପାଇଁ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣ ବୀର ବେଶରେ ସଜ୍ଜିତ ହୋଇଥାନ୍ତି। ଠାକୁରମାନେ ବୀରତ୍ୱର ପ୍ରତୀକ ସ୍ୱରୂପ ବୀରବେଶ ଧାରଣ କରି ଦଶହରା ପଦାକୁ ଦୁର୍ଗାମାଧବଙ୍କ ସହିତ ଯାଇଥାନ୍ତି। ଦଶହରାରେ ଫେରିବା ପରେ ଦୁର୍ଗାମାଧବ ଉପାସନାର ପରିସମାପ୍ତି ହୋଇଥାଏ।

# ଅଛି ପୂଜା, ନାହିଁ ମଜା...



**ଏବେ ଚାଲିଛି ପାର୍ବଣର ସମୟ। ମା' ଦୁର୍ଗତିନାଶିନୀଙ୍କର ବି ହୋଇଛି ଧରାବତରଣ। ହେଲେ ଏଥର କରୋନା କଟକଣା ମଧ୍ୟରେ ଚାଲିଛି ମା'ଙ୍କ ପୂଜା ବିଧି। ଯେଉଁଥିପାଇଁ ନା ଅଛି ସେ ଆକର୍ଷଣୀୟ ମଣ୍ଡପ ସଜ୍ଜା ଭିତରେ ମା'ଙ୍କର ବଡ଼ ବଡ଼ ମୃଣ୍ମୟୀ ମୂର୍ତ୍ତି, ନା ଦେଖିବାକୁ ମିଳୁଛି ସେ ସୁଦୃଶ୍ୟ ଆକାଶଛୁଆଁ ତୋରଣ ସାଙ୍ଗକୁ ଆଖିଝଲସା ଆଲୋକମାଳା, ନା ସାଂସ୍କୃତିକ କାର୍ଯ୍ୟକ୍ରମରେ ସରଗରମ ହେଉଛି ମାହୋଲ...**

ଏଥର ଫିକା ଫିକା ଦଶହରା। ମଣ୍ଡପଗୁଡ଼ିକରେ ମା'ଙ୍କର ଯଥାବିଧି ପୂଜାର୍ଚ୍ଚନା ହେଉଥିଲେ ହେଁ କରୋନା କଟକଣା ମା'ଙ୍କ ଦର୍ଶନରୁ ବଞ୍ଚିତ କରିଛି ଭକ୍ତଙ୍କୁ। ଅନ୍‌ଲାଇନ୍‌ରେ ମା'ଙ୍କ ଦର୍ଶନର ସୁଯୋଗ ମିଳୁଥିଲେ ହେଁ ସେଥିରେ ପ୍ରତ୍ୟକ୍ଷ ଦର୍ଶନର ଆନନ୍ଦ ନାହିଁ। ମଣ୍ଡପରୁ ମଣ୍ଡପ ବୁଲିବା, ଭଳିକି ଭଳି ଆଲୋକ ସଜ୍ଜା ସାଙ୍ଗକୁ ସୁଉଚ୍ଚ ତୋରଣ ଦେଖିବା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୂର ମଜା ଉଠାଇବା, ରାବଣପୋଡ଼ିରେ ବିଭିନ୍ନ ପ୍ରକାର ଆତସବାଜି ଦେଖିବା ହେଉ କି ଭସାଣି ବେଳେ ଡିଜେ ମ୍ୟୁଜିକ୍ ତାଳେ ତାଳେ ନାଚିବା ଏଥର ସର୍ବସାଧାରଣଙ୍କ ପାଇଁ ପାଲଟିଛି ସ୍ୱପ୍ନ; ଯାହାକୁ ନେଇ ସଭିଙ୍କ ମନରେ ରହିଛି ଅବସୋସ। ଆସନ୍ତୁ ଜାଣିବା ଏଥର ଦଶହରାକୁ ନେଇ କ'ଣ ରହିଛି ଏମାନଙ୍କ ପ୍ରତିକ୍ରିୟା ...

**ମିସ୍ କରିବି ଭସାଣି ଡ୍ୟାନ୍ସ:** ଦଶହରା ତ ସମସ୍ତଙ୍କ ପାଇଁ ସ୍ପେଶାଲ। ହେଲେ ଏହି ସମୟ ଆସିଲେ ଆମ କଟକିଆଙ୍କ ଖୁସି କହିଲେ ନ ସରେ। ସୁନ୍ଦର ଆଲୋକ ସଜାରେ ଝଲସି ଉଠୁଥିବା ପୂରା ସହରରେ ବୁଲି ବୁଲି ପ୍ରତିଟି ପୂଜା ମଣ୍ଡପରେ ଶୋଭା ପାଉଥିବା ମା'ଙ୍କ ମୂର୍ତ୍ତି ଦର୍ଶନ ସହ ରାବଣପୋଡ଼ି ସମୟରେ ଭଳିକି ଭଳି ଆତସବାଜି ଦେଖିବାକୁ ବହୁତ ଭଲ ଲାଗେ। ବୁଲାବୁଲି ବେଳେ ବିଭିନ୍ନ ଫୁଡ୍ ଷ୍ଟଲ୍‌ରେ ଖାଇବା ଏବଂ ପାର୍ଶ୍ୱରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ସହ ମ୍ୟୁଜିକ୍ ତାଳେ ତାଳେ ନାଚିବାର ଖୁସି ଅଲଗା ପ୍ରକାର। ଲଗାତର ୩-୪ ଦିନ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ନାଚିଲେ ବି ନା ଥକେ ପାଦ ନା କମେ ଇଚ୍ଛା ବରଂ ଭସାଣିରେ ଡିଜେ ମ୍ୟୁଜିକ୍‌ରେ ନାଚିବାକୁ ଆହୁରି ବଢିଯାଏ ଜୋସ୍। ଏଥର କରୋନା ପାଇଁ ଏସବୁ ହୋଇପାରିବନି। ତେଣୁ ଏଥର ସବୁଠୁ ବେଶି ମିସ୍ କରିବି ଭସାଣି ଡ୍ୟାନ୍ସ।

**– ପୁଷ୍ପରାଜ୍ ଚୌଧୁରୀ**
*ମେକାନିକାଲ ଇଞ୍ଜିନିୟର*
*ମାଛୁଆ ବଜାର, କଟକ*

**କରୋନା ଛଡ଼ାଇ ନେଲା ପୂଜାର ମଜା:** ପାର୍ବଣର ସମୟ ଆସି ଯାଇଛି। ହେଲେ କରୋନା ଚଳିତବର୍ଷ ନା କେବଳ ମା' ମହିଷମର୍ଦ୍ଦିନୀଙ୍କ ଦର୍ଶନର ସୌଭାଗ୍ୟ ଛଡ଼ାଇ ନେଇଛି ବରଂ ମା'ଙ୍କ ମୂର୍ତ୍ତିରେ ରଙ୍ଗ ଦେବାଠୁ ଆରମ୍ଭ କରି ପୂଜା ମଣ୍ଡପଗୁଡ଼ିକର ସାଜସଜ୍ଜା କରିବାରୁ ବି ବଞ୍ଚିତ କରିଛି। କିଛି ବର୍ଷ ହେବ ଦଶହରା ସମୟରେ ରସୁଲଗଡ଼, ଅଶୋକ ନଗର, ୟୁନିଟ-୯, ଖୋର୍ଦ୍ଧା କାଇପଦର ଆଦି ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ପୂଜାରେ ରଙ୍ଗ ଦେବା ଏବଂ ମଣ୍ଡପର ଭିତର ଏବଂ ବାହାର ଡେକୋରେଶନ କାର୍ଯ୍ୟ କରିଆସୁଛି। ଏହାଦ୍ୱାରା ବର୍ଷକୁ ଥରେ ମା'ଙ୍କ ସେବାର ସୁଯୋଗ ମିଳୁଥିବାରୁ ମାନସିକ ଶାନ୍ତି ମିଳେ। ତା'ଛଡ଼ା ବେଶ୍ ଭଲ ରୋଜଗାର ମଧ୍ୟ ହୋଇଥାଏ। ଏଥର ଏସବୁ ନ ହୋଇପାରୁଥିବାରୁ ଦୁଃଖ ଲାଗୁଛି। ତେଣୁ ଆଗାମୀ ବର୍ଷକୁ ଏ ମହାମାରୀ ଦୂର ହୋଇଯାଉ ଏବଂ ଭକ୍ତମାନେ ମା'ଙ୍କ ଦର୍ଶନର ସୁଯୋଗ ପାଆନ୍ତୁ ଏତିକି କାମନା।

**– ମାନସ କୁମାର ମହାରଥି**
ଛାତ୍ର, ଧଉଳି କଲେଜ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟ



**ଦଶହରା ସମୟରେ ଘରେ ବୋର୍ ଲାଗୁଛି:** ସବୁ ପୂଜା ପର୍ବ ମଧ୍ୟରେ ଦଶହରାର ମଜା ସବୁଠୁ ଭିନ୍ନ। ପ୍ରତିବର୍ଷ ଏହି ସମୟକୁ ଚାତକ ଭଳି ଚାହିଁ ରହିଥାଏ। କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ବୁଲି ବୁଲି ମା'ଙ୍କ ମୂର୍ତ୍ତି ଦର୍ଶନ କରିବା, ଆକର୍ଷଣୀୟ ତୋରଣ ଦେଖିବା, ଫଟୋ ଉଠାଇବା ଆଦି ଖୁବ୍ ଖୁସି ଲାଗେ। ହେଲେ ଏସବୁ ସହିତ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଦାଣ୍ଡିଆ ନାଇଟ୍ସରେ ଭାଗ ନେଇ ସାଙ୍ଗମାନଙ୍କ ସହ ଡ୍ୟାନ୍ସ କରିବାର ଚାର୍ମ ନିଆରା। ଏଥିପାଇଁ ମୁଁ ପ୍ରତିବର୍ଷ ଦଶହରାର ପ୍ରାୟ ୧୫-୨୦ ଦିନ ପୂର୍ବରୁ ଲେହେଙ୍ଗା, ମ୍ୟାଚିଂ ଜୁଏଲେରୀ, ଡେକୋରେଟିଭ୍ ଦାଣ୍ଡିଆ ଷ୍ଟିକ୍ ଆଦି କିଣିଥାଏ। ହେଲେ ଏବର୍ଷ କରୋନା ମହାମାରୀ ଲାଗି ଏସବୁ ହୋଇପାରୁ ନ ଥିବାରୁ ବହୁତ ଦୁଃଖ ଲାଗୁଛି। ସତ କହିବାକୁ ଗଲେ ଦଶହରା ସମୟରେ ଘରେ ରହିବାକୁ ପଡୁଥିବାରୁ ଭାରି ବୋର୍ ବି ଲାଗୁଛି।

**–ଶାଶ୍ୱତୀ ମିଶ୍ର,** ଛାତ୍ରୀ, ଭୁବନେଶ୍ୱର


ଅନିଲ


ପୁଷ୍ପରାଜ୍


ଧୀରେନ୍ଦ୍ର


ମାନସ


ଶାଶ୍ୱତୀ

**ପୂଜା ତ ଅଛି ହେଲେ ସେ ମଜା ନାହିଁ:** ଦଶହରା ସମୟ ଆସିଲେ ଭାରି ଖୁସି ଲାଗେ। ଏ ସମୟରେ ମା'ଙ୍କ ଆଗମନରେ ଚତୁର୍ଦ୍ଦିଗ ଉତ୍ସବମୁଖରିତ ହୋଇଉଠେ। ତେବେ ଏ ସମୟଟି ମୋ ପାଇଁ ବେଶ୍ ଖାସ୍। କାରଣ ମା'ଙ୍କ ଦର୍ଶନ, ବୁଲା ବୁଲି ଆଦିର ମଜା ନେବା ସହ ନିଜେ ମଧ୍ୟ ଜଣେ ଡିଜେ ହିସାବରେ ବିଭିନ୍ନ ପ୍ରୋଗ୍ରାମ କରିଥାଏ। କଟକ ସହର ଏବଂ ଉପକଣ୍ଠ ଅଞ୍ଚଳରେ ଦଶହରା ସମୟରେ ବିଭିନ୍ନ ଷ୍ଟାଣ୍ଡିଂ ପ୍ରୋଗ୍ରାମ ଏବଂ ଭସାଣି ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରାୟ ୩ ମାସ ଆଗରୁ ଲକ୍ଷ ଲକ୍ଷ ଟଙ୍କା ଆଡ଼ଭାନ୍ସ ଦେଇଯାଆନ୍ତି । ବିଶେଷ କରି କେତେକ ସ୍ଥାନରେ ନବମୀ ଏବଂ ଦଶମୀରେ ବଙ୍ଗୀୟ ରୀତିନୀତି ଅନୁଯାୟୀ ହେଉଥିବା ସିନ୍ଦୂର ଖେଳ ହେଉ କିମ୍ବା ଦାଣ୍ଡିଆ ନାଇଟ୍ସରେ ଡିଜେ ପ୍ରୋଗ୍ରାମର ମଜା ନିଆରା। ହେଲେ କରୋନା ଲାଗି ସରାକର ସାମାଜିକ କାର୍ଯ୍ୟକ୍ରମ ଏବଂ ଦୁର୍ଗାପୂଜାକୁ ନିରାଡ଼ମ୍ବରରେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ଏବର୍ଷ ଦଶହରାରେ ପୂଜା ତ ଅଛି ହେଲେ ସେ ମଜା ନାହିଁ।

**–ଧୀରେନ୍ଦ୍ର ବେହେରା,** ଡିଜେ, କଟକ

**ଖାଁ ଖାଁ ଲାଗୁଛି ଚାରିଆଡ଼:** ଦଶହରା ସମୟରେ ମା'ଙ୍କ ଦର୍ଶନ ଲାଗି ମଣ୍ଡପରୁ ମଣ୍ଡପ ବୁଲାବୁଲି ଏବଂ କିଲା ପଡ଼ିଆରେ ଆୟୋଜିତ ରାବଣପୋଡ଼ିରେ ଆତସବାଜି ଦେଖିବା ସହ ଭସାଣି ସମୟରେ ଡ୍ୟାନ୍ସ କରିବାର ଚାର୍ମ ଅଲଗା। ତା'ଛଡା ନିଜେ ମଧ୍ୟ ମଣ୍ଡପଠାରୁ ଆରମ୍ଭ କରି ବଡ଼ ବଡ଼ ଗେଟ୍ ଏବଂ କଲ୍ଚରାଲ ପ୍ରୋଗ୍ରାମ ପେଣ୍ଡାଲ ପର୍ଯ୍ୟନ୍ତ ଲାଇଟ୍ ଏବଂ ଅନ୍ୟାନ୍ୟ ଡେକୋରେଶନ୍ କାମ କିଛି ବର୍ଷ ହେବ କରି ଆସୁଛି। ତେଣୁ ଏହି କାମରେ ୨ ମାସ ପୂର୍ବରୁ ଅର୍ଡ଼ର ଆସିବା ସହ ଧୀରେ ଧୀରେ କାମ ଆରମ୍ଭ ହୋଇ ପୂଜା ସରିବାର କିଛି ଦିନ ପର୍ଯ୍ୟନ୍ତ କାମ ଚାଲିଥାଏ। ତେଣୁ ଏହି ସମୟଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟବହୁଳ ଥିଲେ ସୁଦ୍ଧା ଖୁସି ଲାଗିଥାଏ। ହେଲେ ଏଥର କରୋନା ଦଶହରାର ଆନନ୍ଦ ନେବା ସହ ରୋଜଗାର ଉଭୟରୁ ବଞ୍ଚିତ କରିଛି। ଗତ ବର୍ଷକୁ ମନେପକାଇଲେ ବର୍ତ୍ତମାନ ଚାରିଆଡ଼େ ଏତେ ଖାଁ ଖାଁ ଲାଗୁଛି ଯେ, ଏହା ଦଶହରା ସମୟ ବୋଲି ବିଶ୍ୱାସ ହେଉନାହିଁ।

**–ଅନିଲ ପାତ୍ର**
ଡେକୋରେଟର୍, କଟକ

# ଅମ୍ବ୍ରେଲା ଫ୍ୟାଶନ



**ଆଜିର ଯୁବପିଢି ବେଶ୍ ଫ୍ୟାଶନ୍ ପ୍ରିୟ। ଆଉଟଫିଟ୍‌ରୁ ଆରମ୍ଭ କରି ଆସେସରିଜ୍ ପର୍ଯ୍ୟନ୍ତ ସବୁଥିରେ ସେମାନଙ୍କୁ ଲୋଡ଼ା ଭଳିକି ଭଳି ଫ୍ୟାଶନ୍। ଯେଉଁଥିରୁ ବାଦ୍ ପଡ଼ିନି ସେମାନଙ୍କର ଛତା ସିଲେକ୍ସନ। ଆଉ ସେମାନଙ୍କ ଡିମାଣ୍ଡକୁ ଆଖି ଆଗରେ ରଖି ମାର୍କେଟ୍‌ରେ ବି ମିଳୁଛି ବିଭିନ୍ନ ରଙ୍ଗ ଏବଂ ଡିଜାଇନ୍‌ର ଛତା....**

**ଫ୍ଲାୱାର ଅମ୍ବ୍ରେଲା:** ପୂର୍ବରୁ ଫ୍ଲାୱାର୍ ପ୍ରିଣ୍ଟ ଛତା ମାର୍କେଟ୍‌ରେ ଅନେକ ମିଳୁଥିଲା। ହେଲେ ବର୍ତ୍ତମାନ ଗ୍ରାହକଙ୍କ ପସନ୍ଦ ଏବଂ ଡିମାଣ୍ଡକୁ ଆଖି ଆଗରେ ରଖି ଛତା କମ୍ପାନୀଗୁଡ଼ିକ ବିଭିନ୍ନ ଫ୍ଲାୱାର୍ ଶେପ୍ ଛତା ମଧ୍ୟ ପ୍ରସ୍ତୁତ କରୁଛନ୍ତି, ଯାହା କି ଦେଖିବାକୁ ଖୁବ୍ ସୁନ୍ଦର ଏବଂ ଆକର୍ଷଣୀୟ। ଯୁବତୀମାନେ ବର୍ତ୍ତମାନ ଏହି ଛତା ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ହାର୍ଟ ଶେପ୍ ଅମ୍ବ୍ରେଲା:** ଏହି ଛତା ଦେଖିବାକୁ ଖୁବ୍ ସୁନ୍ଦର । ବିଶେଷ କରି ଯୁବତୀମାନେ ଏହାକୁ ସର୍ବାଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏହି ଛତାରେ ପିଙ୍କ୍, ରେଡ୍, ପର୍ପଲ, ଲାଇମ୍ ଗ୍ରୀନ୍, ବ୍ଲୁ କଲରର ଡିମାଣ୍ଡ ବେଶି।

**ସ୍କୋୟାର ଅମ୍ବ୍ରେଲା:** ଗୋଲ ପରିବର୍ତ୍ତେ ଚାରିକଣିଆ ଏହି ଛତାର ଲୁକ୍ ଖୁବ୍ ନିଆରା। ଯୁବତୀଙ୍କ ତୁଳନାରେ ଯୁବକମାନେ ଏହାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ଟ୍ରାନ୍ସପରେଣ୍ଟ ଛତା:** ବର୍ଷାରେ ଯିବା ବେଳେ ଓଦା ନ ହୋଇ ବର୍ଷାର ମଜା ନେବାକୁ ପସନ୍ଦ କରୁଥିବା ଯୁବପିଢି ଟ୍ରାନ୍ସପରେଣ୍ଟ ଛତା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତେବେ ଏହି ଛତାର ଡିମାଣ୍ଡ ମଧ୍ୟ ମାର୍କେଟ୍‌ରେ ବେଶି ରହିଛି।

**ବ୍ଲଣ୍ଟ ଏକ୍ସଏସ୍:** ଛତା ଯେତେ ସୁନ୍ଦର ହୋଇଥାଉନା କାହିଁକି କେବେ କେବେ ଏଥିରେ ଥିବା ମୁନିଆ ଅଗ୍ରଭାଗଗୁଡ଼ିକ ଯୋଗୁ ଆଘାତ ଲାଗିବାର ଆଶଙ୍କା ଥାଏ। ହେଲେ ବ୍ଲଣ୍ଟ ଏକ୍ସଏସ୍ ଛତାରେ ଏହି ମୁନିଆ ଅଗ୍ରଭାଗ ନ ଥିବାରୁ ଏହା ଦେଖିବାକୁ ଅପେକ୍ଷାକୃ ସୁନ୍ଦର ଲାଗିଥାଏ। ତା'ଛଡା ଭିଡରେ ବି ଏହାକୁ ଧରିଲେ କୌଣସି ଅଘଟଣ ଘଟିବାର ଆଶଙ୍କା ନ ଥାଏ। ଏହି ଛତା ଖୁବ୍ ମଜଭୁତ୍ ତେଣୁ ଅଧିକ ପବନରେ ହଠାତ୍ ଉଡିଯାଇ ନ ଥାଏ । ଏହା ଏରୋଡାଇନୋମିକ୍ ଡିଜାଇନ୍। ସବୁଠୁ ମଜାଦାର କଥା ହେଲା ହଜିଗଲେ ଏହାକୁ ଏକ ଆପ୍ ସାହାଯ୍ୟରେ ଖୋଜା ମଧ୍ୟ ଯାଇପାରେ।



**ସେଞ୍ଜ ଅରିଜନାଲ:** ଏହିଛତା କେବଳ ଜଣେ ହିଁ ବ୍ୟବହାର କରିପାରିବେ। ଏହାର ସ୍କୋପ୍ସ ଅନ୍ୟକୁ କ୍ଷତି ଯେପରି ନ ପହଞ୍ଚାଇବା ଭଳି ପ୍ରସ୍ତୁତ ହୋଇଛି। ଏହା ମୁଣ୍ଡ ପାଖରେ ଅଳ୍ପ ଗୋଲ ହୋଇ ପିଠି ଆଡକୁ ଲମ୍ବିଛି। ତେଣୁ ବର୍ଷା ପାଣି ଦେହରେ ପଡି ନ ଥାଏ। ଏଭଳି ଆକାର ଲାଗି ଏହି ଛତାର ଦାମ୍ ଅଧିକ ଏବଂ ଏହା ଅଧିକ ଆଇକ୍ୟାଚି ମଧ୍ୟ।

**ଡବଲ୍ ଅମ୍ବ୍ରେଲା:** ବର୍ଷାରେ ଗୋଟିଏ ଛତାରେ ଏକାଠି ବୁଲିବାର ମଜା ନେବାକୁ ଅନେକ ଯୁବପିଢି ଖୁବ୍ ଭଲପାନ୍ତି। ଆଉ ଏମିତିରେ ବିଭିନ୍ନ ଛତା କମ୍ପାନୀ ସ୍ପେଶାଲ ଡିଜାଇନ୍‌ର ଡବଲ୍ ଛତା ପ୍ରସ୍ତୁତ କରୁଛନ୍ତି। ଏ ଛତା ଗୋଲ ନ ହୋଇ ଏହାର ଉଭୟ ପାର୍ଶ୍ୱ ଅପେକ୍ଷାକୃତ ଅଧିକ ଲମ୍ବା ଥାଏ।

ଜାଣନ୍ତୁ ଦୁନିଆ

## ଦୁର୍ଗନ୍ଧଯୁକ୍ତ ଫୁଲ

**ଫୁଲ ଈଶ୍ୱରଙ୍କ ଅନୁପମ ସୃଷ୍ଟି, ଯାହାର ଭଳିକି ଭଳି ରଙ୍ଗିନ ରୂପ ଏବଂ ମନମୋହକ ସୁଗନ୍ଧ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ହେଲେ ଆପଣ ଜାଣିନ୍ତି କି ଏମିତି ବି କିଛି ଫୁଲ ରହିଛି, ଯାହାର ଗନ୍ଧ ଲାଗି ଏହାକୁ ତୋଳିବା କିମ୍ବା କୌଣସି କାର୍ଯ୍ୟରେ ଲଗାଇବା ତ ଦୂରର କଥା କେହି ଏହା ପାଖକୁ ଯିବାକୁ ବି ପସନ୍ଦ କରନ୍ତି ନାହିଁ। ଜାଣିବା ଏଭଳି କିଛି ଦୁର୍ଗନ୍ଧଯୁକ୍ତ ଫୁଲ ସମ୍ପର୍କରେ...**



**ଟାଇଟନ୍ ଅରମ୍:** ଏହା ପୃଥିବୀର ସବୁଠୁ ଦୁର୍ଗନ୍ଧଯୁକ୍ତ ଫୁଲ। ଏହି ଫୁଲ ଖୁବ୍ କମ୍ ଦିନ ଅର୍ଥାତ୍ ମାତ୍ର ୨ରୁ ୩ ଦିନ ପର୍ଯ୍ୟନ୍ତ ଫୁଟିଥାଏ ଏବଂ ପୁନର୍ବାର ଦେଖିବାକୁ ବର୍ଷେରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ। ଏହା ପୃଥିବୀର ସବୁଠୁ ବଡ଼ ଶାଖା ବିହୀନ ଫୁଲ ଗଛ। ଏହି ଫୁଲର ଉଚ୍ଚତା ପ୍ରାୟ ୩ ଫୁଟ ପର୍ଯ୍ୟନ୍ତ ହୋଇଥିବା ବେଳେ ଏହାର ରଙ୍ଗ ବାହାରୁ ଗାଢ ସବୁଜ ଏବଂ ଭିତର ପାର୍ଶ୍ୱ ଗାଢ ଲାଲ୍।

**ରାଫ୍ଲେସିଆ:** ଏହା ପୃଥିବୀର ସବୁଠୁ ବଡ଼ ଫୁଲ। ଯାହାର ଚେର କିମ୍ବା ଡାଳପତ୍ର ନ ଥିବା ବେଳେ ଏହା ଏକ ପରଜୀବୀ। ୫ଟି ପାଖୁଡ଼ା ବିଶିଷ୍ଟ ଏହି ଫୁଲର ବ୍ୟାସ ପ୍ରାୟ ଏକ ମିଟର ହୋଇଥିବା ବେଳେ ଏହାର ଓଜନ ୧୧ କେ.ଜି. ପର୍ଯ୍ୟନ୍ତ ହୋଇଥାଏ। ଏହି ଫୁଲ ରଙ୍ଗ ଲାଲ୍ ରଙ୍ଗର ଏବଂ ଏହା ଉପରେ ଧଳା ରଙ୍ଗର ଛିଟା ରହିଛି।



**ଡ୍ରାଗନ ଅରମ୍:** ଏହି ଫୁଲ ସାଧାରଣତଃ ପାହାଡ଼ିଆ ଏବଂ ପଥୁରିଆ ସ୍ଥାନରେ ବସନ୍ତ ଋତୁର ଶେଷ ଆଡ଼କୁ ଫୁଟୁଥିବାର ଦେଖିବାକୁ ମିଳିଥାଏ। ଏକ ମିଟର ଉଚ୍ଚତା ବିଶିଷ୍ଟ ଗଛରେ ପ୍ରାୟ ୮୦ ସେମି. ଲମ୍ବାର ମେରୁନ୍-ପର୍ପଲ ବା ଖଇରିଆ-ବାଇଗଣି ରଙ୍ଗର ଏହି ଫୁଲ ଫୁଟିଥାଏ। ଡ୍ରାଗନ୍ ଅରମ୍ ବ୍ୟତୀତ ଏହି ଫୁଲକୁ ବ୍ଲାକ୍ ଅରମ୍, ସ୍ନେକ୍ ଲିଲି, ଡ୍ରାଗନ୍‌ଓର୍ଟ, ଷ୍ଟିଙ୍କ୍ ଲିଲି, ଭୋଣ୍ଡୁ ଲିଲି ଆଦି ମଧ୍ୟ କୁହାଯାଇଥାଏ। ଏହି ଫୁଲ ଦେଖିବାକୁ ସୁନ୍ଦର ହୋଇଥିଲେ ହେଁ ଏଥିରୁ ବାହାରୁଥିବା ପଚା ମାଂସ ଭଳି ଗନ୍ଧ ଲାଗି ଏହା ପାଖକୁ କେହି ଯିବାକୁ ପସନ୍ଦ କରନ୍ତି ନାହିଁ।

**ବଲ୍‌ବୋଫାଇଲମ୍ ଫାଲିନୋପ୍ସିସ୍:** ଏହା ନ୍ୟୁ ଗିନି ଆଇସ୍‌ଲାଣ୍ଡରେ ଦେଖା ଦେଉଥିବା ପୃଥିବୀର ସବୁଠାରୁ ବଡ଼ ଏବଂ ଦୁର୍ଗନ୍ଧଯୁକ୍ତ ଅର୍କିଡ୍। ଗୋଲାପି-ଲାଲ୍ ରଙ୍ଗର ଏହି ଫୁଲର ଗନ୍ଧ ପଚି ଯାଇଥିବା ମାଂସ ଭଳି। ଏହା ବର୍ଷର ଯେକୌଣସି ସମୟରେ ଫୁଟିଥାଏ। ତେବେ ଏହି ଫୁଲ ଗଛର ପତ୍ରଗୁଡ଼ିକ ୪ଫୁଟ୍ ପର୍ଯ୍ୟନ୍ତ ଲମ୍ବା ହୋଇଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ଫ୍ରେଞ୍ଚ ଓପନ୍ ମେନ୍ସ ସିଙ୍ଗଲ୍‌ରେ ନିଜର ୧୩ତମ ବିଜୟ ହାସଲ କରିଥିବା ଖେଳାଳି ......... ?
୨– ସୂର୍ଯ୍ୟ ଏବଂ ପୃଥିବୀ ମଝିରେ ଜହ୍ନ ରହିଲେ......... ହୋଇଥାଏ ?
୩– ଏଲୋରାସ୍ଥିତ କୈଳାଶ ମନ୍ଦିର............. ରାଜା ନିର୍ମାଣ କରିଥିଲେ ?
୪– ଚଳିତବର୍ଷ ସାହିତ୍ୟରେ ନୋବେଲ ପୁରସ୍କାର......... ଙ୍କୁ ମିଳିଛି ?
୫– ଭାରତର............. ଠାରେ ଡୋଗରୀ ଭାଷା ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ରୁଦ୍ରମ୍
୨ ଏମ୍. ରାଜେଶ୍ୱର ରାଓ
୩ ଅକ୍ଟୋବର
୪ ବିଶାଖାପାଟନମ୍
୫ କୋଲକାତା

## ଉତ୍ତରଦାତା


ଅନିଲ କୁମାର ଦଳବେହେରା
ନୟାଗଡ଼


ଡଲି ପଣ୍ଡା
ବରଗଡ଼


ଦିଲିପ କୁମାର ପଣ୍ଡା
ଗଞ୍ଜାମ


ଜ୍ୟୋତିର୍ମୟୀ ତ୍ରିପାଠୀ
କେନ୍ଦ୍ରାପଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ୨୦୨୦ର ସବୁଠୁ ଧନୀ ବ୍ୟକ୍ତି


ଜେଫ୍ ବେଜସ୍

୧– ଜେଫ୍ ବେଜସ୍........ ଆମେରିକା
୨– ବର୍ନାର୍ଡ଼ ଆର୍ନଲ୍ଟ ଏବଂ ପରିବାର........ ଫ୍ରାନ୍ସ
୩– ବିଲ୍ ଗେଟ୍ସ........ ଆମେରିକା
୪– ମାର୍କ ଜୁକରବର୍ଗ........ ଆମେରିକା
୫– ଏଲନ୍ ମସ୍କ........ ଆମେରିକା
୬– ମୁକେଶ ଅମ୍ବାନୀ........ ଇଣ୍ଡିଆ
୭– ୱାରେନ୍ ବଫେଟ୍........ ଆମେରିକା
୮– ଲ୍ୟାରୀ ଏଲିଶନ୍........ ଆମେରିକା
୯– ଷ୍ଟିଭ୍ ବାଲମର୍........ ଆମେରିକା
୧୦– ଲ୍ୟାରୀ ପେଜ୍........ ଆମେରିକା

## ସଂକ୍ଷେପରେ

### ଦାଦନ ଶ୍ରମିକଙ୍କ ଆନ୍ଧ୍ରରେ ମୃତ୍ୟୁ

**ମାଲକାନଗିରି,୨୪।୧୦(ଡି.ଏନ୍.ଏ.):** କରୋନା ଯୋଗୁ ନିଜ ଗ୍ରାମକୁ ଫେରିଥିବା ପ୍ରବାସୀ ଶ୍ରମିକ ପ୍ରଶାସନ ପାଖରୁ କିମ୍ବା ଅନ୍ୟ କୌଣସି ସ୍ଥାନରୁ କାମ ନ ପାଇ ଏବେ ପୁଣି ସେମାନେ ଅନ୍ୟରାଜ୍ୟ ମୁହାଁ ହୋଇଛନ୍ତି। ଇତି ମଧ୍ୟରେ ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଗଲେଣି। ତେବେ ନିକଟରେ ଆନ୍ଧ୍ରକୁ ଦାଦନ ଖଟି ଯାଇଥିବା ଜଣେ ଯୁବକଙ୍କ ସେଠାରେ ମୃତ୍ୟୁ ହୋଇଛି। ସେ କାର୍ଯ୍ୟ କରୁଥିବା କମ୍ପାନୀ ତାଙ୍କ ମୃତଦେହ ଗ୍ରାମକୁ ପଠାଇବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ ଆମ୍ବୁଲାନ୍ସକୁ ଅଟକ ରଖିଛନ୍ତି। ଖବରରୁ ଜଣାପଡ଼ିଛି ମାଲକାନଗିରି ଜିଲା ସଦର ବ୍ଲକ ଭେଜାଗୁଡା ଗ୍ରାମର ରାମସିଂ ମାଡିଙ୍କ ପୁଅ ରାଜୁ (୧୮) ଦାଦନ ଖଟିବା ପାଇଁ ଆନ୍ଧ୍ରକୁ ଯାଇଥିଲେ। ସେ ପଶ୍ଚିମ ଗୋଦାବରୀ ଜିଲା ପାଲାକଲ୍ଲୁ ବ୍ଲକ କାବାବରମ ଗ୍ରାମରେ ଏକ ଚିଙ୍ଗୁଡି ଫାର୍ମରେ କାର୍ଯ୍ୟ କରୁଥିଲେ। ହଠାତ୍ ରାଜୁ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଭୀମବରମର ଇମ୍ପେରିଆଲ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶୁକ୍ରବାର ମୃତ୍ୟୁ ହୋଇଥିଲା। ଚିଙ୍ଗୁଡି ଫାର୍ମ ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ଶୁକ୍ରବାର ରାତିରେ ରାଜୁଙ୍କ ମୃତଦେହ ତାଙ୍କ ଗ୍ରାମକୁ ପଠାଇଥିଲେ। ବେଜାଗୁଡା ଗ୍ରାମରେ ତାଙ୍କ ମୃତଦେହ ପହଞ୍ଚିବା ପରେ ଗ୍ରାମବାସୀ ରାଜୁଙ୍କ ମୃତ୍ୟୁ ନେଇ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। କିପରି ତାଙ୍କର ମୃତ୍ୟୁ ହେଲା, କମ୍ପାନୀ କର୍ତ୍ତୃପକ୍ଷ ଏନେଇ କାହିଁକି ପରିବାର ଲୋକଙ୍କୁ ଜଣାଇଲେ ନାହିଁ। ତାଙ୍କ ମା'ବାପାଙ୍କୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରି ଗ୍ରାମବାସୀ ଆମ୍ବୁଲାନ୍ସକୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଖବର ପାଇ ଟାଉନଥାନା ଆଇଆଇସି ରାମକୃଷ୍ଣ ନାଗ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଛାଡିଦେବାକୁ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ସେ ସମ୍ପୃକ୍ତ ଚିଙ୍ଗୁଡି ଫାର୍ମ ମାଲିକଙ୍କୁ ଆନ୍ଧ୍ରରୁ ଗିରଫ କରି ଆଣିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆମ୍ବୁଲାନ୍ସ ଛାଡିଥିଲେ।

### ଶ୍ରୀମନ୍ଦିର ଖୋଲିବାକୁ ଦାବିକଲା ଜଗନ୍ନାଥ ସେନା

**ପୁରୀ ଅଫିସ,୨୪।୧୦:** ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲାଯାଉ। ଆସନ୍ତା ମାସରେ ମହାପ୍ରଭୁଙ୍କର ନାଗାର୍ଜୁନ ବେଶ ରହିଛି। ଶ୍ରଦ୍ଧାଳୁଙ୍କୁ ଏହି ଦୁର୍ଲଭ ବେଶ ଦର୍ଶନ ସୁଯୋଗ ମିଳୁ ବୋଲି ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଦର୍ଶନାର୍ଥୀଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବା ଦାବିରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଛି ସେନା। ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ସେନାର ସଦସ୍ୟମାନେ ସିଂହଦ୍ୱାର ସମ୍ମୁଖରେ ନାରାବାଜି ଦେବା ସହ କିଛି ସମୟ ଧାରଣାରେ ବସିଥିଲେ। ଆବାହକ ପଟ୍ଟନାୟକ କହିଛନ୍ତି, ନାଗାର୍ଜୁନ ବେଶ ଦର୍ଶନ ଲାଗି ବହୁ ସଂଖ୍ୟକ ଭକ୍ତ ଆସିବାକୁ ଥିବାରୁ ଏହାକୁ ନିୟନ୍ତ୍ରଣ କରିବାକୁ ସରକାର ଭୟ କରୁଛନ୍ତି। ତେଣୁ ଏଥିପାଇଁ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ଅନୁମତି ଦେଉ ନାହାନ୍ତି। ଯଦି ଭୟରେ ଏମିତି କରୁଛନ୍ତି ତେବେ ଆଗାମୀ କାର୍ତ୍ତିକ ମାସରେ ଭକ୍ତମାନେ କିପରି ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିପାରିବେ ଏବଂ ଅରୁଣ ସ୍ତମ୍ଭ ପାଖକୁ ଯାଇ ପତିତପାବନଙ୍କୁ ଭଲ ଭାବେ ଦର୍ଶନ କରିପାରିବେ ତାହାର ବ୍ୟବସ୍ଥା କରାଯାଉ। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅରୁଣ ସ୍ତମ୍ଭ ପର୍ଯ୍ୟନ୍ତ ଆସିଥିଲେ। ତେଣୁ ସାଧାରଣ ଭକ୍ତଙ୍କୁ ବି ଏହି ସୁଯୋଗ ମିଳିବା ଦରକାର ବୋଲି ପ୍ରିୟଦର୍ଶନ କହିଛନ୍ତି।

# ଖୁସି ଦେବ ଇକୋ କଟେଜ୍

**ଦିନେଶ ଦେହୁରୀ**
**ବନ୍ତଲା,୨୪।୧୦**


ପର୍ଯ୍ୟଟକଙ୍କ ପାଇଁ ମହାନଦୀ ଗଣ୍ଡରେ ପ୍ରସ୍ତୁତ ଥିବା ୬ଟି ବୋଟ୍।

- ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆରେ ନୂଆ ବ୍ୟବସ୍ଥା
- ସରକାରଙ୍କ ପକ୍ଷରୁ ଦେଢ଼ କୋଟି ଟଙ୍କା ମଞ୍ଜୁର
- ମହାନଦୀରେ ବୁଲିବା ପାଇଁ ୬ ବୋଟ୍ ପ୍ରସ୍ତୁତ
- ନଭେମ୍ବର ୧ରୁ ଖୋଲିବ ସବୁ ନେଚର କ୍ୟାମ୍ପ

ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ହେଉଛି ନୂଆ ବ୍ୟବସ୍ଥା। ପର୍ଯ୍ୟଟକଙ୍କ ପାଇଁ ପ୍ରସ୍ତୁତ କରାଯାଉଛି ଅତ୍ୟାଧୁନିକ ଇକୋ କଟେଜ୍। ଜିଲିଣ୍ଡା ରେଞ୍ଜ ବାଲିପୁଟ ମହାନଦୀପଠାରେ ଦେଢ଼ କୋଟି ଟଙ୍କା ବ୍ୟୟରେ ଏହି ୧୨ଟି ଶୀତତାପ ନିୟନ୍ତ୍ରିତ ଘର ନିର୍ମାଣ କରାଯାଉଛି। ନଭେମ୍ବର ୧ ରୁ ସାତକୋଶିଆର ସମସ୍ତ ନେଚର କ୍ୟାମ୍ପ ଖୋଲାଯାଉଥିବା ବେଳେ ପର୍ଯ୍ୟଟକମାନେ ଏହି ସ୍ୱତନ୍ତ୍ର ଇକୋ କଟେଜ୍‌ରେ ରହି ଭରପୂର ଆନନ୍ଦ ନେଇପାରିବେ ବୋଲି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ କୁହାଯାଇଛି।

ମହାମାରୀ କରୋନା କାରଣରୁ ଗତ ମାର୍ଚ୍ଚରୁ ସାତକୋଶିଆରେ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ଅକ୍ଟୋବର ୧ରୁ କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ କେବଳ ବାଘମୁଣ୍ଡା, ତରଭା ଓ ଛୁଟୁକେଇ ନେଚର କ୍ୟାମ୍ପ ପରିଚାଳନା ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ ଆଗାମୀ ନଭେମ୍ବର ୧ରୁ ଅଭୟାରଣ୍ୟର ସମସ୍ତ ନେଚର କ୍ୟାମ୍ପ ଖୋଲାଯିବ। ତେଣୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ କିପରି ସାତକୋଶିଆ ପ୍ରତି ଆକର୍ଷିତ କରାଯିବ ସେ ନେଇ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପର୍ଯ୍ୟଟକମାନେ ଅନ୍‌ଲାଇନ୍‌ରେ ଟିକେଟ୍ ବୁକିଂ କରିବା ସହ କୋଭିଡ୍ ଗାଇଡ୍‌ଲାଇନ୍ ମାନି ପମ୍ପାସର ତନଖି ଫାଟକ ଦେଇ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିପାରିବେ। ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟରେ ରହିଛି ବହୁ ଆକର୍ଷଣୀୟ ସ୍ଥାନ। ବିଶେଷକରି ସାତକୋଶିଆ ଗଣ୍ଡରେ ନୌବିହାର ବେଳେ ମହାନଦୀର ଉଭୟ ପାର୍ଶ୍ୱରେ ଥିବା ସବୁଜିମାଭରା ପାହାଡ଼, ବିଦେଶୀ ପକ୍ଷୀ, ଘଡ଼ିଆଳ ଓ ମଗର ଜାତୀୟ କୁମ୍ଭୀର ପର୍ଯ୍ୟଟକମାନେ ଦେଖିପାରିବେ। ରାତିରେ ନେଚର କ୍ୟାମ୍ପରେ ରହି ପ୍ରକୃତିକୁ ଅଧିକ ଉପଭୋଗ କରିପାରିବେ। ତେବେ ଚଳିତବର୍ଷର ସ୍ୱତନ୍ତ୍ର ଆକର୍ଷଣ ହେବ ମହାନଦୀ ପଠାରେ ନିର୍ମାଣ କରାଯାଉଥିବା ଅତ୍ୟାଧୁନିକ ଇକୋ କଟେଜ୍। ପ୍ରତି କଟେଜ୍‌ରେ ଦୁଇଟି ଦୀର୍ଘ ବେଡ୍, ସ୍ନାନ ଓ ଶୌଚ ସୁବିଧା ସହ ଗିଜର, ଡିସ୍‌ଟିଭି, ଡାଇନିଙ୍ଗ, ବାଲକୋନି, ପିଲାଙ୍କ ପାଇଁ ଦୋଳି ସୁବିଧା ରହିଛି। ସେହିପରି ଗାଇଡ୍ କିମ୍ବା ଡ୍ରାଇଭରଙ୍କ ରହଣି ଘର, ପାର୍କ, ରାତ୍ରିର ଫାୟାର କ୍ୟାମ୍ପ ଏବଂ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ମଧ୍ୟ ଅଛି। ଏ ସମ୍ପର୍କରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ପି. ରାମସ୍ୱାମୀ କହିଛନ୍ତି, ନଭେମ୍ବର ୧ ତାରିଖରୁ କୋଭିଡ୍ କଟକଣା ମଧ୍ୟରେ ଅଭୟାରଣ୍ୟ ଖୋଲାଯାଉଛି। ପର୍ଯ୍ୟଟକମାନେ ଅନ୍‌ଲାଇନରେ ବୁକିଂ କରିପାରିବେ। ମହାନଦୀ ପଠାରେ ନିର୍ମାଣ କରାଯାଉଥିବା ୧୨ଟି ଶୀତତାପ ନିୟନ୍ତ୍ରିତ ଇକୋ କଟେଜ୍‌ରେ ରହି ଏହାର ଆନନ୍ଦ ନେଇପାରିବେ। ସାତକୋଶିଆ ଗଣ୍ଡରେ ନୌବିହାର ପାଇଁ ୧୨ଟି ବୋଟ୍‌ର ବ୍ୟବସ୍ଥା ହେଉଛି। ବର୍ତ୍ତମାନ ସୁଦ୍ଧା ୬ଟି ବୋଟ୍ ସଂରକ୍ଷିତ ରଖାଯାଇଥିବା ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି।

# ପେସାଦାର ଅପରାଧୀଙ୍କୁ ହତ୍ୟା

**ଦିଗପହଣ୍ଡି,୨୪।୧୦(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ବନ୍ଥପଲ୍ଲୀ ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶନିବାର ଜଣେ ପେଶାଦାର ଅପରାଧୀଙ୍କୁ ଛୁରି ଭୁଷି ହତ୍ୟା କରାଯାଇଛି। ମୃତକ ହେଲେ ବନ୍ଥପଲ୍ଲୀର ବଚ୍ଚନ ସ୍ୱାଇଁ। ହତ୍ୟାରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ୨ ଭାଇଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ନଂ. ୨୫୦/୨୦ରେ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରୁ ପୋଲିସ ରକ୍ତଭିଜା ମାଟି ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁଙ୍କ ସହ ଆଇଆଇସି ବସନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରି ଫେରିଛନ୍ତି। ହତ୍ୟାକାରୀଙ୍କୁ ଚିହ୍ନଟ କରାଯାଇଛି। ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗାଁ ମଣ୍ଡପରେ ବଚ୍ଚନ ସକାଳେ ତାସ୍ ଖେଳୁଥିବା ବେଳେ ୪ଜଣ ଯୁବକ ଆସି ଠେଙ୍ଗାରେ ଆକ୍ରମଣ କରିଥିଲେ। ସେ ଦୌଡ଼ି ପଳାଇବା ବେଳେ ଗାଁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ପରେ ଜଣେ ଯୁବକ ବଚ୍ଚନଙ୍କ ପେଟକୁ ଏକାଧିକ ଥର ଛୁରି ଭୁଷି ଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବଚ୍ଚନଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ସମେତ ବିଭିନ୍ନ ଥାନାରେ ବଚ୍ଚନଙ୍କ ନାଁରେ ୨୦ରୁ ଊର୍ଦ୍ଧ୍ୱ ସଙ୍ଗୀନ ମାମଲା ରହିଥିବା ଆଇଆଇସି କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୪ରେ ଗାଁରେ ଦାଦାବଟି ଆଦାୟକୁ କେନ୍ଦ୍ରକରି ରାମ ପାଢ଼ୀଙ୍କୁ ହତ୍ୟା କରାଯାଇଥିଲା। ସେହି ମାମଲାରେ ବଚ୍ଚନଙ୍କ ଭାଇ ପ୍ରମୁଖ ସାକ୍ଷୀ ଥିଲେ। ସେ କୋର୍ଟରେ ସାକ୍ଷୀ ନ ଦେବାକୁ ଅଭିଯୁକ୍ତମାନେ ବଚ୍ଚନଙ୍କ ଉପରେ ଚାପ ପକାଉଥିଲେ। ଶୁକ୍ରବାର ରାତିରେ ସେମାନେ କୌଶଳ କରି ବଚ୍ଚନଙ୍କୁ ଗାଁରୁ ଏକ ଅଜଣା ସ୍ଥାନକୁ ଡକାଇ ପ୍ରଚୁର ମଦ ପିଆଇବାକୁ ଦେଇଥିବା ବଚ୍ଚନଙ୍କ ଭାଇ ପୋଲିସକୁ କହିଛନ୍ତି।

# ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ

**ଗଞ୍ଜାମ,୨୪।୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଶନିବାର ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏନେଇ ନଂ.୩୭୨/୨୦ରେ ମାମଲା ରୁଜୁ ହୋଇଥିବା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଛାତ୍ରୀ ଜଣକ ସନ୍ଧ୍ୟାରେ ଟ୍ୟୁଶନରୁ ଫେରୁଥିବାବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ନିଛାଟିଆ ରାସ୍ତାରେ ଅଟକାଇ ବଳାତ୍କାର ଉଦ୍ୟମ କରିଥିଲେ। ସେହି ବାଟ ଦେଇ ଯାଉଥିବା କେତେଜଣ ଲୋକ ଛାତ୍ରୀଙ୍କୁ ଉଦ୍ଧାର କରିବା ପରେ ଯୁବକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଛାତ୍ରୀ ଜଣକ ଘରେ ପହଞ୍ଚି ସବୁକଥା ପରିବାର ଲୋକଙ୍କ ଆଗରେ କହିବା ପରେ ରମ୍ଭା ଥାନାରେ ଏତଲା ଦେଇଥିଲେ। ଏନେଇ ଅଧିକ ତଦନ୍ତ ଚାଲିଥିବା ଆଇଆଇସି ସେଠୀ କହିଛନ୍ତି।

# ଜେଲରେ ପୁଞ୍ଜିଲାଲଙ୍କୁ ନିର୍ଯାତନା

**ବଲାଙ୍ଗୀର ଅଫିସ, ୨୪।୧୦**

- ମାଡ଼ ମରାଯିବା ସହ ମୁହଁରେ ପରିସ୍ରା କରାଯାଇଥିବା ଅଭିଯୋଗ
- କରୋନା ସଂକ୍ରମିତ କହି ଭେଟିବାକୁ ଦିଆଯାଉ ନାହିଁ
- ଏଡିଜେଙ୍କୁ ଜଣାଇଲେ ପୁଞ୍ଜିଲାଲଙ୍କ ଓକିଲ
- ଅଭିଯୋଗକୁ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଖଣ୍ଡନ


ପୁଞ୍ଜିଲାଲ ମେହେର।

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଗିରଫ ହୋଇ ବଲାଙ୍ଗୀର ଜେଲରେ ଥିବା ପୁଞ୍ଜିଲାଲ ମେହେରଙ୍କୁ ନିର୍ଯାତନା ଦିଆଯାଉଥିବା ତାଙ୍କ ଓକିଲ ଶନିବାର ପାଟଣାଗଡ଼ ଆଡିଶନାଲ ସେସନ୍ସ ଜଜ୍ (ଏଡିଜେ)ଙ୍କୁ ଲିଖିତଭାବେ ଜଣାଇଛନ୍ତି।

ଗତ ବୁଧବାର ଓ ଶୁକ୍ରବାର ଜେଲରେ ପୁଞ୍ଜିଲାଲଙ୍କୁ ମାଡ଼ ମରାଯିବା ସହ ତାଙ୍କ ମୁହଁରେ ପରିସ୍ରା କରାଯାଇଛି ବୋଲି ତାଙ୍କ ଓକିଲ ତୀର୍ଥ କୁମାର ସାହୁ କହିଛନ୍ତି। ପୁଞ୍ଜିଲାଲଙ୍କୁ ଭେଟିବାକୁ ଚାହିଁବାରୁ ତାଙ୍କୁ କରୋନା ସଂକ୍ରମିତ ଦର୍ଶାଇ ଭେଟିବାକୁ ଦିଆଯାଉନାହିଁ। ତାଙ୍କ ମହକିଲ ଯଦି କରୋନା ସଂକ୍ରମିତ ତେବେ ତାଙ୍କର କୌଣସି ଡକ୍ୟୁମେଣ୍ଟ ଦିଅନ୍ତୁ ବୋଲି ମାଗିଲେ ଜେଲ କର୍ତ୍ତୃପକ୍ଷ ଦେଉନାହାନ୍ତି। ପୁଞ୍ଜିଲାଲଙ୍କୁ ନିର୍ଯାତନା ଦିଆଯିବା ଘଟଣାକୁ ଲୁଚାଇବାକୁ କରୋନା ସଂକ୍ରମଣ କଥା କହି ତାଙ୍କୁ ଭେଟିବାକୁ ଦିଆଯାଉ ନାହିଁ ବୋଲି ଓକିଲ ସାହୁ କହିଛନ୍ତି। ଏହି ଘଟଣା ସମ୍ପର୍କରେ ପାଟଣାଗଡ଼ ଏଡିଜେଙ୍କୁ ଜଣାଇ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରାଯିବାକୁ ଅନୁରୋଧ କରିଥିବା ସେ ସୂଚନା ଦେଇଛନ୍ତି। ଏହା ସହିତ ଜେଲ ଭିତରର ସିସିଟିଭି ଫୁଟେଜ୍ ଦେବାକୁ ମଧ୍ୟ ଅନୁରୋଧ କରିଥିବା କହିଛନ୍ତି। ଏନେଇ ବଲାଙ୍ଗୀର ଜିଲା କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ଊର୍ମିଳା ମିଞ୍ଜ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜେଲ ଭିତରେ ନିର୍ଯାତନା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଦର୍ଶାଇ ପୁଞ୍ଜିଲାଲ କରୋନା ସଂକ୍ରମିତ ହୋଇନାହାନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ଏଥିରେ ପାଟଣାଗଡ କଲେଜ ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁଙ୍କ ନବବିବାହିତ ପୁଅ ସୌମ୍ୟଶେଖର ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ହୋଇଯାଇଥିଲା। ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ୨୦୧୮ ଏପ୍ରିଲ ୨୫ରେ ଭଇଁଷା କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। ଗତବର୍ଷ ଫେବୃୟାରୀ ୮ରେ ପାଟଣାଗଡ଼ ଉପକାରାଗାରରୁ ପୁଞ୍ଜିଲାଲଙ୍କୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ସେଦିନ ଠାରୁ ସେ ବଲାଙ୍ଗୀର ଜେଲରେ ଅଛନ୍ତି।

## ଭାଉଜଙ୍କୁ ବଳାତ୍କାର ଅଭିଯୋଗ, ଦିଅର ଗିରଫ

**ଶେରଗଡ,୨୪।୧୦(ଡି.ଏନ୍.ଏ.)**

ଭାଉଜଙ୍କୁ ବଳାତ୍କାର ଅଭିଯୋଗରେ ଦିଅରଙ୍କୁ ଗିରଫ କରି ଶେରଗଡ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆସିକା ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ସଦାନନ୍ଦ ମାହାନ୍ତି(୫୫)। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସଦାନନ୍ଦଙ୍କ ବଡଭାଇ ଦ୍ୱିତୀୟ ବିବାହ କରିଥିଲେ। ବିବାହର ବର୍ଷକ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିଦିନଠାରୁ ସଦାନନ୍ଦ ଭାଉଜଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖୁଥିଲେ। ପରିବାର ଲୋକଙ୍କ ଆଗରେ ଭାଉଜ ଅଭିଯୋଗ କଲେ ମଧ୍ୟ ସେମାନେ ଶୁଣୁ ନ ଥିଲେ। ଗତ ୧୯ ତାରିଖରେ ସଦାନନ୍ଦ ବଳାତ୍କାର କରିବାରୁ ସେ ନିରୁପାୟ ହୋଇ ଶେରଗଡ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କୁ ଭେଟି ଅଭିଯୋଗ କରିଥିଲେ। ନଂ.୧୨୬/୨୦ରେ ମାମଲା ରୁଜୁକରି ଶୁକ୍ରବାର ପୋଲିସ ସଦାନନ୍ଦଙ୍କୁ ଗିରଫ କରିବା ସହ ଡାକ୍ତରୀମାଇନା ପରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆସିକା ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି।

# ଦୁର୍ଗମ ଅଞ୍ଚଳକୁ ମିଳିଲା ବୋଟ୍


ନେରୁଡୁପାଲି ନଦୀଘାଟ ପାଇଁ ଆସିଥିବା ବୋଟ୍।

**ଚିତ୍ରକୋଣ୍ଡା,୨୪।୧୦(ଡି.ଏନ.ଏ.)**

**ଆନନ୍ଦ ମହିନ୍ଦ୍ରାଙ୍କ ପ୍ରତିଶ୍ରୁତି ପରେ ଚେତିଲା ପ୍ରଶାସନ**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ଦୁର୍ଗମ ଅଞ୍ଚଳରେ ରହିଛି ରାଲେଗଡା ପଞ୍ଚାୟତ। ଏହି ପଞ୍ଚାୟତର ନେରୁଡୁପାଲି, ସୁଆପାଲି ଓ କାଞ୍ଚରପେଟା ଗ୍ରାମବାସୀ ଜୀବନଜୀବିକା ପାଇଁ ଯେ କୌଣସି ସ୍ଥାନକୁ ଯିବାକୁ ହେଲେ ପ୍ରତିବନ୍ଧକ ସାଜୁଛି ନେରୁଡୁପାଲି ନଦୀ। ନଦୀପାର ପାଇଁ ବୋଟ୍ ନ ଥିବାରୁ ଅଙ୍ଗନୱାଡି କର୍ମୀ ହେମଲତା ଶିଶା ଓ ଅଙ୍ଗନୱାଡି କର୍ମୀ ପ୍ରମିଳା ଗେଲମେଲ ପିଠିରେ ଲାଉତୁମ୍ବା ବାନ୍ଧି ବିପଦସଙ୍କୁଳ ଅବସ୍ଥାରେ ପାର ହୋଇ ଗ୍ରାମବାସୀଙ୍କୁ ସେବା ଯୋଗାଇଥାନ୍ତି। ଗ୍ରାମବାସୀ ମଧ୍ୟ ନିଜର ଆବଶ୍ୟକ ବେଳେ ବହୁ କଷ୍ଟରେ ନଦୀପାର ହୋଇ ଯାତାୟାତ କରିଥାନ୍ତି। ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମହିନ୍ଦ୍ରା କମ୍ପାନୀର ମାଲିକ ଆନନ୍ଦ ମହିନ୍ଦ୍ରା ରାଲେଗଡା ପଞ୍ଚାୟତବାସୀଙ୍କୁ ଖୁବ୍ ଶୀଘ୍ର ବୋଟ୍ ଯୋଗାଇଦେବାକୁ ଘୋଷଣା କରିଥିଲେ। ଏହା ଜାଣିବା ପରେ ଜିଲା ଓ ବ୍ଲକ ପ୍ରଶାସନର ଚେତା ପଶିଛି। ତୁରନ୍ତ ଉକ୍ତ ପଞ୍ଚାୟତର ନଦୀଘାଟକୁ ବୋଟ୍ ଯୋଗାଇ ଦେବାକୁ ଜିଲାପାଳ ମନୀଷ ଅଗ୍ରୱାଲ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଶନିବାର ବ୍ଲକ ପ୍ରଶାସନ ନେରୁଡୁପାଲି ନଦୀ ଘାଟକୁ ଏକ ମୋଟର ବୋଟ୍ ଯୋଗାଇ ଦେଇଛି। ତେବେ ଏହି ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଏଟିଏମ୍ କାର୍ଡରେ ଲକ୍ଷାଧିକ ଟଙ୍କା ହଡ଼ପ: ୩ ଗିରଫ

**କୋଡ଼ିଙ୍ଗା,୨୪।୧୦(ଡି.ଏନ୍.ଏ.)**

ଏଟିଏମ୍ କାର୍ଡ ମାଧ୍ୟମରେ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ହଡ଼ପ ଘଟଣାରେ ନବରଙ୍ଗପୁର ଜିଲା କୋଡ଼ିଙ୍ଗା ପୋଲିସ ଶନିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବି.ଏମ୍. ସେମଳା ଗ୍ରାମର ମୁଖ୍ୟ ଅଭିଯୁକ୍ତ ଜୟଦାସ ହିଆଲ, ସହଯୋଗୀ ରମେଶ ହରିଜନ ଏବଂ ମଶା ହରିଜନ। ସେମାନଙ୍କ ନିକଟରୁ ୮୦ହଜାର ଟଙ୍କା, ୩ ମୋବାଇଲ ଏବଂ ୪ ଏଟିଏମ୍ କାର୍ଡ ଜବତ କରାଯାଇଛି। ସୂଚନା ଅନୁଯାୟୀ, ବି.ଏମ୍. ସେମଳା ଗ୍ରାମର ନିରଞ୍ଜନ ସେମଲିଙ୍କ ଗୋଟିଏ ବ୍ୟାଙ୍କ ଆକାଉଣ୍ଟର ୨ଟି କାର୍ଡ(ମାଷ୍ଟର୍ କାର୍ଡ/ଭିଜା କାର୍ଡ) ରହିଛି। ନିରଞ୍ଜନଙ୍କ ମାଷ୍ଟର କାର୍ଡଟି କୌଣସି ସ୍ଥାନରେ ପଡ଼ିଯାଇଥିବା କିମ୍ବା ଚୋରି ହୋଇଥିବା ସେ ଜାଣିପାରି ନ ଥିଲେ। ପରେ ଭିଜା କାର୍ଡ ଜରିଆରେ ଟଙ୍କା ଉଠାଇବା ସମୟରେ ତାଙ୍କ ଆକାଉଣ୍ଟରେ ୧ଲକ୍ଷ ୧୦ହଜାର ଟଙ୍କା ନ ଥିବା ସେ ଜାଣିବାକୁ ପାଇଥିଲେ। ତାଙ୍କ ମାଷ୍ଟର କାର୍ଡ ହଜିଥିବା ଜାଣିବା ପରେ ୨୨ ତାରିଖରେ କୋଡ଼ିଙ୍ଗା ଥାନାରେ ଏତଲା ଦେଇଥିଲେ। ଏ ନେଇ ୧୧୭/୨୦ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ଶନିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କୁ ମାଲକାନଗିରିରୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ଏଟିଏମ୍ କାର୍ଡ ବ୍ୟବହାରକରି କୋଡ଼ିଙ୍ଗା, କୋଷାଗୁମୁଡ଼ା, ନବରଙ୍ଗପୁର ଏବଂ ଜୟପୁରରୁ ପର୍ଯ୍ୟାୟକ୍ରମେ ଟଙ୍କା ଉଠାଇଥିବା କୋଡ଼ିଙ୍ଗା ଥାନାଧିକାରୀ ସରିତା ମହାପାତ୍ର ସୂଚନା ଦେଇଛନ୍ତି।


ପୋଲିସ ଅଭିଯୁକ୍ତମାନଙ୍କ ବିଷୟରେ ସୂଚନା ଦେଉଛି।

# ବିନା ଭକ୍ତରେ ସରିଲା ଛତର ଯାତ୍ରା

**ଭବାନୀପାଟଣା,୨୪।୧୦(ଡି.ଏନ.ଏ.)**


ମାଣିକେଶ୍ୱରୀଙ୍କ ଛତରକୁ ମନ୍ଦିର ଅଭିମୁଖେ ନିଆଯାଉଛି।

କଳାହାଣ୍ଡିର ଇଷ୍ଟଦେବୀ ମା'ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ଚଳିତବର୍ଷ ବିନା ଭକ୍ତରେ ଶେଷ ହୋଇଛି। କରୋନା କଟକଣାକୁ ଆଖିଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯାଇଥିଲା। ଫଳରେ କୌଣସି ଭକ୍ତ ଏହି ଯାତ୍ରାରେ ସାମିଲ ହୋଇପାରି ନ ଥିଲେ କି ବଳି ପକାଇ ପାରି ନ ଥିଲେ। ଯାହା ଛତରଯାତ୍ରା ପରମ୍ପରାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି।

ଶୁକ୍ରବାର ମହାଷ୍ଟମୀ ମଧ୍ୟରାତ୍ରିରେ ପାରମ୍ପରିକ ଓ ରୀତିନୀତି ଅନୁଯାୟୀ ମହାବଳି ପରେ ମାଣିକେଶ୍ୱରୀ ମନ୍ଦିର ଉତ୍ତରଦ୍ୱାର ନିକଟରେ ଅବସ୍ଥିତ ବୁଢ଼ାରଜା (ଭୈରବ)ଙ୍କ ସମ୍ମୁଖରେ ପୁଣି ପୋଢ଼ବଳି ଦିଆଯାଇଥିଲା। ପରେ ମାଣିକେଶ୍ୱରୀଙ୍କ ଚଳନ୍ତି ପ୍ରତିମା ଛତରକୁ ରାତ୍ରି ପ୍ରାୟ ୪ଟା ୧୫ମି. ସମୟରେ ଭବାନୀପାଟଣାର ପଶ୍ଚିମ ଦିଗରେ ଥିବା ଜେନାଖାଲ ପର୍ଯ୍ୟନ୍ତ ନିଆଯାଇଥିଲା। ଶନିବାର ଭୋରୁ ଜେନାଖାଲରୁ ମାଣିକେଶ୍ୱରୀ ମନ୍ଦିର ଅଭିମୁଖେ ଛତର ଯାତ୍ରା ଆରମ୍ଭ ହୋଇଥିଲା। ହେଲେ ସେହି ୪ କିମି ରାସ୍ତାରେ କୌଣସି ଭକ୍ତ ନ ଥିଲେ। କେବଳ ଶତାଧିକ ପୋଲିସଙ୍କ ସୁରକ୍ଷା ବଳୟ ଭିତରେ ଏହି ଯାତ୍ରା ଚାଲିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଦେବୀଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତ ଅପେକ୍ଷା କରିଥିଲେ। ଛତର ସମ୍ମୁଖରେ କେବଳ ରାଜ ଉଆସ ଦ୍ୱାରା ନିମନ୍ତ୍ରିତ ଘୁମୁରା ଦଳକୁ ଛାଡି ଦେଲେ ଅନ୍ୟ କୌଣସି ସାଂସ୍କୃତିକ ଦଳ ଭାଗନେଇ ପାରି ନ ଥିଲେ। ପୂର୍ବବର୍ଷ ପରି ଚଳିତ ବର୍ଷ ମା'ଙ୍କ ଛତରକୁ ପୂଜକ ମଧୁସୂଦନ ବେହେରା ବହନ କରିଥିଲେ। ଧବଳେଶ୍ୱର ବାହୁ ପାଟଖଣ୍ଡା ବହନ କରିଥିଲେ। ଜିଲାପାଳ ଗାଭିଲ ପରାଗ ହର୍ଷଦ, ଏସ୍‌ପି ବାତୁଲା ଗଙ୍ଗାଧର, ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ ସିଂ ଏବଂ ଅତିରିକ୍ତ ଏସ୍‌ପି ମଣି ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ସହିତ କିପରି ଛତର ଯାତ୍ରା ଶେଷ ହେବ ତାହା ତଦାରଖ କରିଥିଲେ। ଏଥିପାଇଁ ୧୦ ପ୍ଲାଟୁନ ଫୋର୍ସ ସମେତ ଜଣେ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୧୪ ଇନ୍ସପେକ୍ଟର, ୧୯ ସବ୍‌ଇନ୍ସପେକ୍ଟର, ୩୨ ଏଏସ୍‌ଆଇ, ୭୪ କନ୍‌ଷ୍ଟେବଲ, ୭୦ ହୋମଗାର୍ଡ ସମେତ ଏସ୍‌ଓଜି, ଡିଭିଏଫ୍ ଏବଂ ସିଆର୍‌ପିଏଫ୍ ଯବାନଙ୍କୁ ମୁତୟନ କରାଯାଇଥିଲା।

ଛତର ଯାତ୍ରା ପାଇଁ ଗତ ୨୩ ତାରିଖରୁ ଭବାନୀପାଟଣା ସହରରେ ୧୪୪ ଧାରା ଜାରି କରାଯିବା ସହିତ ସହରର ବିଭିନ୍ନ ରାସ୍ତାକୁ ସିଲ୍ କରାଯାଇଥିଲା। ୨୫ ତାରିଖରେ ମାଣିକେଶ୍ୱରୀଙ୍କ ଲାଖମରା ଓ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।



ଗୁରୁଗ୍ରାମରେ ଅନୁଷ୍ଠିତ ଏକ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟମୂର୍ତ୍ତି ଆଗରେ ଜଣେ ଭକ୍ତ ଶଙ୍ଖ ଫୁଙ୍କୁଛନ୍ତି।



ବିଜୟା ଦଶମୀରେ ରାବଣପୋଡ଼ି ନିମନ୍ତେ ନୂଆଦିଲ୍ଲୀ ଲୋଧିରୋଡ଼ଠାରେ ଦୃଷ୍ଟିହୀନ ସହାୟତା ସଂଗଠନ ପକ୍ଷରୁ ପ୍ରସ୍ତୁତ ରାବଣ ପୁତ୍ତଳିକା ବିକ୍ରି କରାଯାଉଛି।

3rd Birthday Wish



(Rishu)
Shaira Kuanar
Daughter of Sonali & Ranjan Kuanar
HAPPY BIRTH DAY RISHU
With best Compliments from:
Jeje, Jejemaa, Baba, Mama, Bada Baba, Bada Mama, Dada, Khudi, Kunu didi, Aja, Aee, Mamu, Main, Mimi, Jaga Bhai & Family Friends.
D-18711

ଜନ୍ମଦିନ ଶୁଭେଚ୍ଛା



ଶୁଭାଶିଷ ବିଶ୍ୱାଳ
ଜନ୍ମଦିନର ଶୁଭ ଅବସରରେ କି ଉପହାର ତୁମକୁ ଦେଇପାରିବି !!!! ଖାଲି ଏହାହିଁ ସ୍ୱୀକାର କରିନିଅ ବହୁତ ବହୁତ ପ୍ରେମ, ସ୍ନେହ ତୁମପାଇଁ।
ତୁମକୁ ଜନ୍ମଦିନର ବହୁତ ବହୁତ ଶୁଭକାମନା।
-:ଶୁଭେଚ୍ଛା ସହ:-
ବାପା- ଗନ୍ଧର୍ବ ବିଶ୍ୱାଳ
ମା'- ଲକ୍ଷ୍ମୀ ବିଶ୍ୱାଳ
ଧ-୧୮୭୨୮

## ଅପ୍‌ଲୋଡ୍ ହେଲା ନେପାଳର ପୁରୁଣା ମାନଚିତ୍ର



**ନୂଆଦିଲ୍ଲୀ, ୨୪।୧୦:** ନେପାଳର ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ବୁଦ୍ଧି ଶିଖିଛନ୍ତି। ଚାଇନା ସହିତ ବନ୍ଧୁତା କରିବା ତାଙ୍କୁ ମହଙ୍ଗା ପଡ଼ିଛି। ଭାରତୀୟ ର' ମୁଖ୍ୟ ସାମନ୍ତ କୁମାର ଗୋଏଲ୍‌ଙ୍କୁ ଭେଟିବା ପରେ ଓଲିଙ୍କ ସ୍ୱରରେ ପରିବର୍ତ୍ତନ ଆସିଛି। ଭାରତ ଓ ନେପାଳ ମଧ୍ୟରେ ଜାରି ରହିଥିବା ସୀମା ବିବାଦ ଏବେ ହଟିଯିବା ପରି ମନେ ହେଉଛି। ଓଲି ବିଜୟା ଦଶମୀ ଅବସରରେ ଅଭିନନ୍ଦନ ଜଣାଇଛନ୍ତି। ଏହା ସହିତ ସେ ନେପାଳର ପୁରୁଣା ମାନଚିତ୍ର ଅପଲୋଡ୍ କରିଛନ୍ତି। କିଛି ଦିନ ତଳେ ନେପାଳ ପକ୍ଷରୁ ନୂଆ ମାନଚିତ୍ର ଜାରି କରାଯାଇଥିଲା। ତେବେ ଓଲି ଏବେ ନିଜ ଟୁଇଟର ହ୍ୟାଣ୍ଡେଲରୁ ନେପାଳର ପୁରୁଣା ମାନଚିତ୍ର ଅପ୍‌ଲୋଡ୍ କରିଛନ୍ତି। ଏବେ ଓଲିଙ୍କ ଏଭଳି କାର୍ଯ୍ୟ ନେଇ ଚର୍ଚ୍ଚା ଜାରି ରହିଛି।

## ମିଲିଟାରି କ୍ୟାଣ୍ଟିନ୍‌ରେ ମିଳିବନି ଚାଇନା ସାମଗ୍ରୀ

**ନୂଆଦିଲ୍ଲୀ, ୨୪।୧୦:** ଏବେ ଆଉ ମିଲିଟାରି କ୍ୟାଣ୍ଟିନ୍‌ରେ ଚାଇନା ସାମଗ୍ରୀ ମିଳିବନି। ଏନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଦେଶରେ ଥିବା ୩ ହଜାର ୫୦୦ରୁ ଅଧିକ ମିଲିଟାରି କ୍ୟାଣ୍ଟିନ୍‌ରେ ଏହି ଆଇନ୍ ଲାଗୁ ହେବ। ଆତ୍ମନିର୍ଭର ଭାରତ ଯୋଜନା ଅନ୍ତର୍ଗତ ଚାଇନାର ସମସ୍ତ ସାମଗ୍ରୀ ସହିତ ସ୍କଚ୍ ଏବଂ ଅନ୍ୟ ବିଦେଶୀ ମଦ ଉପରେ କଟକଣା ଲଗାଯିବ। ମିଲିଟାରି କ୍ୟାଣ୍ଟିନ୍‌ରେ ୫ ହଜାରରୁ ଅଧିକ ପ୍ରକାର ସାମଗ୍ରୀ ଉପଲବ୍ଧ ହୋଇଥାଏ। ସେଥିମଧ୍ୟରୁ ୪୦୦ରୁ ଅଧିକ ସାମଗ୍ରୀ ବାହାର ଦେଶର। ସେଥିମଧ୍ୟରୁ ଅଧିକାଂଶ ଚାଇନାରୁ ଆସିଥାଏ। ଚାଇନାରୁ ଆସୁଥିବା ସାମଗ୍ରୀ ମଧ୍ୟରେ ଟଏଲେଟ୍ ବ୍ରଶ୍, ଡାଏପର, ରାଇସ୍ କୁକର, ଇଲେକ୍ଟ୍ରିକ୍ କେଟଲି, ସ୍ୟାଣ୍ଡୱିଚ୍ ଟୋଷ୍ଟର, ଭାକ୍ୟୁମ୍ କ୍ଲିନର, ସନ୍ ଗ୍ଲାସ୍, ମହିଳାଙ୍କ ହ୍ୟାଣ୍ଡ୍ ବ୍ୟାଗ୍, ଲାପ୍‌ଟପ୍ ଏବଂ ଡେସ୍କ୍ ଟପ୍ ଆଦି ରହିଛି। ମାତ୍ର ଏବେ ଏସବୁକୁ ସମସ୍ତ ମିଲିଟାରି କ୍ୟାଣ୍ଟିନ୍‌ରେ ଆଉ ମିଳିବ ନାହିଁ।

# ଏଲ୍‌ଏସିରେ ହେବ ୪୭ ଆଉଟ୍‌ପୋଷ୍ଟ

**ନୂଆଦିଲ୍ଲୀ, ୨୪।୧୦**

ଏଲ୍‌ଏସିକୁ ନେଇ ଭାରତ ଓ ଚାଇନା ମଧ୍ୟରେ ବିବାଦ ଥମିବାର ନାଁ ନେଉନାହିଁ। କୂଟନୈତିକ ଆଲୋଚନା ପରେ ଆଲୋଚନା ହେଉଥିଲେ ହେଁ କୌଣସି ସୁଫଳ ମିଳୁନି। ଏଭଳି ସ୍ଥିତିରେ ଦୁଇଦେଶ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ବିଶେଷକରି ଗଲ୍‌ୱାନରେ ଦୁଇଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଏବେକାର ସ୍ଥିତି ଜଟିଳ ରୂପ ଧାରଣ କରିଛି। ଉଭୟ ଦେଶ ସୀମାରେ ଅସ୍ତ୍ରଶସ୍ତ୍ର ଓ ସୈନ୍ୟ ଠୁଳ କରିବାରେ ଲାଗିଛନ୍ତି। ଭାରତ ମଧ୍ୟ ପ୍ରସ୍ତୁତିପର୍ବକୁ ଜୋର୍‌ଦାର କରିଛି। ସୀମାରେ ୪୭ ଆଉଟ୍ ପୋଷ୍ଟ ନିର୍ମାଣ ଲାଗି ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ସୀମାରେ କଡ଼ା ନଜର ରଖିବା ଲାଗି ଏହି ଆଉଟ୍‌ପୋଷ୍ଟର ଭୂମିକା ରହିବ।

ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଶନିବାର ଆଇଟିବିପିର ୫୯ତମ ରେଜିଂ ଡେ' ପରେଡ୍ ଅବସରରେ ଏଭଳି ଘୋଷଣା କରିଛନ୍ତି। ଆଇଟିବିପି ପକ୍ଷରୁ ଭାରତ-ଚାଇନା ୩,୪୮୮ କି.ମି. ସୀମାଞ୍ଚଳ ଉପରେ ନଜର ରଖାଯାଇଥାଏ। ଆଇଟିବିପିକୁ ଏଥିସହ ୨୮ ପ୍ରକାର ନୂଆ ଗାଡ଼ି ଯୋଗାଇ ଦିଆଯିବ ବୋଲି ସରକାର କହିଛନ୍ତି। ରେଡ୍ଡୀ ଅଭିଭାଷଣରେ କହିଥିଲେ ଯେ, ଆମେ ବସୁଧୈବକୁଟୁମ୍ବକମ୍‌ରେ ବିଶ୍ୱାସ କରୁ। ହେଲେ ନିଜକୁ ସଶକ୍ତ କରିବାରେ ଓ ବିଶ୍ୱଶାନ୍ତି ଲାଗି ମାର୍ଗ ପ୍ରସ୍ତୁତ କରିବାରେ କିଛି ଅସୁବିଧା ନାହିଁ। ସୀମାରେ ଆଇଟିବିପି ଯବାନଙ୍କ ମନୋବଳ ଦୃଢ଼ ରହିଥିବା ସେ ପ୍ରକାଶ କରିଥିଲେ। ଦେଶ ମାତୃକାର ସେବାରେ ସେମାନଙ୍କର ବଳିଷ୍ଠ ଭୂମିକା ରହିଆସିଛି। ସୀମା ଭିତ୍ତିଭୂମି ବିକାଶ ଉପରେ ସରକାର ଗୁରୁତ୍ୱ ଦେବା ସହ ବିସ୍ତାରବାଦୀ ଶକ୍ତିକୁ ରୋକିବା ଲାଗି ସମସ୍ତ ପ୍ରୟାସ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି।



## ଚାଇନା କରୁଥିଲା ମିଛ ଯୁଦ୍ଧାଭ୍ୟାସ

**ବେଜିଂ, ୨୪।୧୦**

ଏଲ୍‌ଏସିରେ ଯୁଦ୍ଧଭ୍ୟାସ କରୁଥିବାର ଭିଡ଼ିଓ ଚାଇନା ଟେଲିଭିଜନରେ ପ୍ରସାରିତ ହୋଇଥିଲା। ତେବେ ଏହା ମିଛ ବୋଲି ଏବେ ଜଣାପଡ଼ିଛି। ଚାଇନା ଚାଲାକି କରି କେବଳ ସୈନ୍ୟଙ୍କ ଫଟୋ ଉଠାଇ ଯୁଦ୍ଧାଭ୍ୟାସର ଭିଡ଼ିଓ ପ୍ରସ୍ତୁତ କରିଥିଲା। ଚାଇନାର ସରକାରୀ ଚ୍ୟାନେଲ ସିସିଟିଭି ପକ୍ଷରୁ କୁହାଯାଇଥିଲା ଯେ, ଚାଇନା ତିବ୍ବତରେ ୪୭୦୦ ମିଟର ଉଚ୍ଚରେ ଯୁଦ୍ଧାଭ୍ୟାସ କରିଛି। ମାତ୍ର ପ୍ରକୃତ ପକ୍ଷେ ଭାରତୀୟ ସେନା ଉପରେ ଚାପ ପକାଇବା ଲାଗି ଚାଇନା ଟିଭି ଚ୍ୟାନେଲ ଏଭଳି ଭିଡ଼ିଓ ପ୍ରସ୍ତୁତ କରିଥିବା କୁହାଯାଉଛି। ରାଇଫଲରେ ଥିବା ପେରିସ୍କୋପ୍ ଦ୍ୱାରା ସୈନ୍ୟ ଲକ୍ଷ୍ୟ କରିବା ଆବଶ୍ୟକ ରହିଥାଏ। ତେବେ ଫଟୋରେ ପେରିସ୍କୋପ୍ ରବର ତଳକୁ ମୋଡ଼ି ରହିଥିବା ଦେଖାଯାଉଛି।

# ଫଡ଼ନବିସ୍‌ଙ୍କୁ କରୋନା

**ମୁମ୍ବାଇ, ୨୪।୧୦**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାର ପ୍ରଚାର ମଙ୍ଗ ଧରିଥିବା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ କରୋନା ଆକ୍ରାନ୍ତ କରିଛି। ଏବେ ସେ ଆଇସୋଲେଶନରେ ଥିବା ଭାଜପା ପକ୍ଷରୁ ଟୁଇଟର ମାଧ୍ୟମରେ ଦର୍ଶାଯାଇଛି। ଫଡ଼ନବିସ୍ ମଧ୍ୟ ଟୁଇଟ୍ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସିତ ହେଉଥିବା କହିଛନ୍ତି। ଲକ୍‌ଡାଉନ୍ ପରଠାରୁ ନିରନ୍ତର କାର୍ଯ୍ୟ କରିଆସୁଥିବା ସେ ଦର୍ଶାଇଛନ୍ତି। ତାଙ୍କ ସଂସ୍ପର୍ଶରେ ଥିବା ଲୋକମାନଙ୍କୁ କରୋନା ପରୀକ୍ଷା କରାଇବା ସହ ଆଇସୋଲେଶନରେ ରହିବା ଲାଗି ଫଡ଼ନଭିସ୍ ପରାମର୍ଶ ଦେଇଛନ୍ତି।



ଦେବେନ୍ଦ୍ର ଫଡ଼ନବିସ

ପ୍ରକାଶଥାଉ କି, ପୂର୍ବରୁ ବିହାରର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି କରୋନାରେ ପଡ଼ିଥିଲେ। ବିହାର ବିଧାନସଭା ନିର୍ବାଚନ ୨୮ରୁ ଆରମ୍ଭ ହେଉଥିବାବେଳେ ଫଡ଼ନବିସ୍‌ଙ୍କ ଅସୁସ୍ଥତା ଭାଜପା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟିକରିଛି।



ବିହାରର ବାଙ୍କୀପୁରଠାରେ କଂଗ୍ରେସ ନେତା ଶତ୍ରୁଘ୍ନ ସିହ୍ନାଙ୍କ ପୁଅ ଲଭ୍ ସିହ୍ନା ମା'ଙ୍କ ସହ ପ୍ରଚାର ଚଳାଇଛନ୍ତି।

## ନିର୍ଯାତନାକୁ ବିରୋଧ କରିବାରୁ ନାବାଳିକାଙ୍କୁ ଗୁଳିକରି ହତ୍ୟା

**ଫିରୋଜାବାଦ, ୨୪।୧୦**

ନିର୍ଯାତନାକୁ ବିରୋଧ କରିବାରୁ ଉତ୍ତରପ୍ରଦେଶର ଫିରୋଜାବାଦରେ ଜଣେ ନାବାଳିକା (୧୬)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଦ୍ୱାଦଶ ଶ୍ରେଣୀରେ ପଢୁଥିବା ନାବାଳିକା ଇନ୍‌ଷ୍ଟିଚ୍ୟୁଟ୍‌ରୁ ଫେରିବାବେଳେ ୩ ଯୁବକ କମେଣ୍ଟ ମାରିବା ସହ ବିଭିନ୍ନ ପ୍ରକାର ନିର୍ଯାତନା ଦେଇଆସୁଥିଲେ ବୋଲି ଏସ୍‌ଏସ୍‌ପି ସଚିନ୍ଦ୍ର ପଟେଲ କହିଛନ୍ତି। ନାବାଳିକା ଜଣକ ସେମାନଙ୍କୁ ସମାଲୋଚନା କରିବାରୁ ଶୁକ୍ରବାର ଯୁବକମାନେ ତାଙ୍କ ଘରକୁ ଯାଇ ପ୍ରଥମେ ମାଡ଼ ମାରିଥିଲେ। ନାବାଳିକାଙ୍କ ବାପା-ମା' ଏଥିରେ ହସ୍ତକ୍ଷେପ କରିବାରୁ ସେମାନେ ଗୁଳିମାଡ଼ କରି ଫେରାର୍ ହୋଇଯାଇଥିଲେ। ନାବାଳିକାଙ୍କ ପ୍ରାଣବାୟୁ ସେଠାରେ ଉଡ଼ିଯାଇଥିଲା। ପରିବାରର ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ନାବାଳିକାଙ୍କ ମୃତଦେହ ପୋଷ୍ଟମର୍ଟମ ଲାଗି ପଠାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଅଭିଯାନ ଜାରି ରଖିଥିବା ପ୍ରକାଶ।

## କରୋନା ଯୋଗୁ ଦୁଶ୍ଚିନ୍ତାରେ ୩୧% କିଶୋର

**ନୂଆଦିଲ୍ଲୀ, ୨୪।୧୦**

ମହାମାରୀ କରୋନା ବିଶ୍ୱରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିବାବେଳେ ଭାରତରେ ମଧ୍ୟ ଏହାର ଭୟଙ୍କର ପ୍ରଭାବ ପରିଲକ୍ଷିତ ହୋଇଛି। ଗତ କିଛିମାସ ଧରି ଦେଶରେ ୩୧% କିଶୋର ଦୁଶ୍ଚିନ୍ତାରେ ରହିଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। କରୋନାର ଭୟଙ୍କର ପ୍ରଭାବ, ସଂକ୍ରମଣରୁ ମୃତ୍ୟୁ, ପରିବାରର ଆର୍ଥିକ ସ୍ଥିତିକୁ ନେଇ ସେମାନେ ଦୁଶ୍ଚିନ୍ତାରେ ଥିବା ଜଣାପଡ଼ିଛି। ଝାଡ଼ଖଣ୍ଡ, ଛତିଶଗଡ଼, ବିହାର, ଓଡ଼ିଶାରେ ୭,୩୦୦ କିଶୋରଙ୍କୁ ନେଇ ଏକ ଏନ୍‌ଜିଓ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଏଭଳି ତଥ୍ୟ ପଦାକୁ ଆସିଛି। ଏପ୍ରିଲରୁ ଦୁଇମାସ ଧରି କରୋନାକୁ ନେଇ କିଶୋରଙ୍କ ସ୍ଥିତି ଓ ମାନସିକତା ସମ୍ପର୍କରେ ପ୍ରଶ୍ନ ପଚରା ଯାଇଥିଲା। ୩୧% କିଶୋର ଭୟଙ୍କର ଦୁଶ୍ଚିନ୍ତାରେ ରହିଥିବା ପ୍ରକାଶ କରିଥିଲେ। ମାତ୍ର ୧୨% କିଶୋରି ଓ ୩୫% କିଶୋର ନିଜ ମୋବାଇଲ ଦ୍ୱାରା ଅନ୍‌ଲାଇନ୍ କ୍ଲାସ କରିବାରେ ସଫଳ ହୋଇଥିବା ଜଣାପଡ଼ିଛି। ୫୧% କିଶୋର ଉପଯୁକ୍ତ ବହି ପାଇବାରେ ବିଫଳ ହୋଇଥିବା ସର୍ଭେରେ ଜଣାପଡ଼ିଛି। ୩୯% କିଶୋରୀ ସେମାନଙ୍କ ଘରକାର୍ଯ୍ୟ କରିବାରେ ସମୟ ବିତାଇଛନ୍ତି। କିଶୋର କିଶୋରୀମାନେ କରୋନା ସମୟରେ ନାନା ଅସୁବିଧାର ସମ୍ମୁଖୀନ ହୋଇ ଦୁଶ୍ଚିନ୍ତାରେ ରହିଥିବା ସର୍ଭେ ରିପୋର୍ଟରେ ଦର୍ଶାଯାଇଛି।



## ୬ ରାଜ୍ୟରେ ମିଳିବ ମାଗଣା କରୋନା ଟିକା

**ନୂଆଦିଲ୍ଲୀ, ୨୪।୧୦:** ଭାରତର ୬ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା କରୋନା ଟିକା ଦିଆଯିବା ସମ୍ପର୍କରେ ଘୋଷଣା କରାଯାଇଛି। ସେସବୁ ରାଜ୍ୟ ମଧ୍ୟରେ ବିହାର, ମଧ୍ୟପ୍ରଦେଶ, ଆସାମ, ତେଲଙ୍ଗାନା, କର୍ଣ୍ଣାଟକ ଏବଂ ତାମିଲନାଡୁ ଆଦି ରାଜ୍ୟ ରହିଛି। ଟିକା ଏପର୍ଯ୍ୟନ୍ତ ମିଳି ନ ଥିବା ସତ୍ତ୍ୱେ ରାଜନୈତିକ ଫାଇଦା ପାଇଁ ଏସବୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ବିହାରରେ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଭାଜପା ପକ୍ଷରୁ ଜାରି ହୋଇଥିବା ଘୋଷଣା ପତ୍ରରେ ମାଗଣା କରୋନା ଟିକା ନେଇ ପ୍ରତିଶ୍ରୁତି ଦିଆଯାଇଛି। ମଧ୍ୟପ୍ରଦେଶରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଟିକା ପାଇଁ ଖର୍ଚ୍ଚ କରିବାକୁ ସକ୍ଷମ ନ ଥିବା ଲୋକଙ୍କୁ ମାଗଣାରେ ଏହା ଯୋଗାଇଦେବାକୁ ସୂଚନା ଦେଇସାରିଛନ୍ତି। ସେହିପରି ଆସାମର ସ୍ୱାସ୍ଥ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ରାଜ୍ୟରେ କରୋନା ଟିକା ମାଗଣାରେ ଯୋଗାଇଦେବାକୁ କହିଛନ୍ତି। ତେଲଙ୍ଗାନା ସ୍ୱାସ୍ଥ୍ୟମନ୍ତ୍ରୀ ଇଟେଲା ରାଜେନ୍ଦ୍ର ଗରିବ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ମାଗଣାରେ ଦେବାକୁ ଦେବା ଲାଗି କହିଛନ୍ତି। କର୍ଣ୍ଣାଟକ ଏବଂ ତାମିଲନାଡୁ ସରକାର ମଧ୍ୟ ରାଜ୍ୟରେ ମାଗଣା କରୋନା ଟିକା ଉପଲବ୍ଧ କରାଇବା ପାଇଁ ପ୍ରତିଶ୍ରୁତି ଦେଇସାରିଛନ୍ତି।

## ଆର୍‌ଜେଡି ଜାରି କଲା ଘୋଷଣାପତ୍ର

**ପାଟନା, ୨୪।୧୦**

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଛି। ଏନେଇ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ପକ୍ଷରୁ ଶନିବାର ଘୋଷଣାପତ୍ର ଜାରି କରାଯାଇଛି। ରାଜଧାନୀ ପାଟନାରେ ତେଜସ୍ୱୀ ଯାଦବ, ମନୋଜ ଝା'ଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ଘୋଷଣା ପତ୍ର ଜାରି କରାଯାଇଛି। ଘୋଷଣା ପତ୍ରରେ ୧୫ଟି ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ରୋଜଗାର, କୃଷି, ଉଦ୍ୟୋଗ ଏବଂ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ରାଜ୍ୟରେ ୧୦ ଲକ୍ଷ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଛି।

**୧୦ ଲକ୍ଷ ସ୍ଥାୟୀ ନିଯୁକ୍ତି, ଗାଁରେ ସିସିଟିଭି**

ଚାଷୀଙ୍କ ଋଣ ଛାଡ ସହିତ ସରକାରୀ ନିଯୁକ୍ତି କ୍ଷେତ୍ରରେ ୮୫ ପ୍ରତିଶତ ରାଜ୍ୟର ଯୁବବର୍ଗଙ୍କ ପାଇଁ ସଂରକ୍ଷଣ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ରାଜ୍ୟର ୨୨ ପ୍ରତିଶତ ଜିଡିପି ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରାଯିବ। ଗାଁକୁ ସ୍ମାର୍ଟ ଭାବେ ଗଠନ କରାଯିବା ଲାଗି ସିସିଟିଭି ଲଗାଯିବ। ଗରିବ ଏବଂ ବରିଷ୍ଠ ନାଗରିକଙ୍କ ମାସିକ ଭତ୍ତା ୪୦୦ ଟଙ୍କାରୁ ହଜାରେ ଟଙ୍କା ବୃଦ୍ଧି କରାଯିବ ବୋଲି ଘୋଷଣା ପତ୍ରରେ ଦର୍ଶାଯାଇଛି।




# ବାହା ହେଲେ ନେହା

**୨୬ରେ ରିସେପଶନ ପାର୍ଟି**

**ମୁମ୍ବାଇ:** ବଲିଉଡ୍‌ର ପ୍ଲେ-ବ୍ୟାକ୍ ସିଙ୍ଗର ସୁନ୍ଦରୀ ନେହା କକ୍କର ଶେଷରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଦିଲ୍ଲୀରେ ଥିବା ଏକ ଗୁରୁଦ୍ୱାରରେ ସେ ତାଙ୍କ ପ୍ରେମିକ ରୋହନପ୍ରୀତ୍ ସିଂହଙ୍କୁ ବିବାହ କରିଛନ୍ତି। ଶିଖ୍ ରୀତିନୀତିରେ ଏହି ବିବାହ ସମ୍ପନ୍ନ ହୋଇଛି। ଉଭୟଙ୍କ ଆନନ୍ଦ କରାଜ ବିଧି ଦିଲ୍ଲୀରେ କରାଯାଇଛି। ବିବାହ ବେଳେ ନେହା ଓ ରୋହନପ୍ରୀତ୍ ପିଙ୍କ୍ ଆଉଟ୍‌ଫିଟ୍‌ରେ ନଜର ଆସିଛନ୍ତି। ନେହା ଏଯାଏ ତାଙ୍କ ବାହାଘରର ଫଟୋ କିମ୍ବା ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିନାହାନ୍ତି। କିନ୍ତୁ ତାଙ୍କ ଫ୍ୟାନ୍‌ମାନେ ବାହାଘର ବେଳର ଦୃଶ୍ୟକୁ କ୍ୟାମେରାରେ କଏଦ୍ କରି ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଭିଡିଓରେ ଉଭୟ ବେଦୀ ଚାରିପଟେ ବୁଲୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓକୁ ଦେଖି ଇନ୍‌ଷ୍ଟାରେ ଫ୍ୟାନ୍‌ମାନେ ପସନ୍ଦ କରିବା ସହ ଦୁହିଁଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ମେହେନ୍ଦି ଉତ୍ସବରେ ନେହା ଓ ରୋହନ ସମାନ ରଙ୍ଗର ପୋଷାକ ପିନ୍ଧିଥିଲେ। ଏହାର ଫଟୋକୁ ନେହା ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ ମଧ୍ୟ କରିଥିଲେ। ଉଭୟଙ୍କ ହଳଦୀ ସେରିମନି ଅକ୍ଟୋବର ୨୩ରେ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୨୬ରେ ମୋହାଲିରେ ଉଭୟ ରିସେପଶନ ପାର୍ଟି ଦେବେ।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶ୍ରୀମତୀ ନଳିନୀପ୍ରଭା ସାମନ୍ତରାୟ
ଗ୍ରାମ: ଅନ୍ତେଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୨।୧୦।୧୯୪୦
ତିରୋଧାନ: ୧୬।୧୦।୨୦୨୦
ଆପଣ ଆମକୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟନିଷ୍ଠା ଓ ଦରିଦ୍ର ମାନଙ୍କୁ ସାହାଯ୍ୟ ଦେବା ଇତ୍ୟାଦି ମନୋବୃତ୍ତି ଲାଗି ଆପଣ ଚିରସ୍ମରଣୀୟ ହୋଇ ରହିବେ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଆପଣଙ୍କର ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ତଥା ଆତ୍ମୀୟସ୍ୱଜନବୃନ୍ଦ ଓ ରେଖା ପ୍ରଧାନ, ଲିଲି ଦାସ, ବିଜୟନୀ ସାମନ୍ତରାୟ ଓ ଟୁକୁବାବୁ।
ଧ-୧୮୬୯୮

ଶ୍ରଦ୍ଧାଞ୍ଜଳି



୰ଶ୍ରୀ ବୃନ୍ଦାବନ ବେହେରା
(ଭୀମଟାଙ୍ଗୀ ଦୁର୍ଗାପୂଜା ଲକ୍ଷ୍ମୀପୂଜା ସମିତିର ପ୍ରତିଷ୍ଠାତା ସଭ୍ୟ)
ସେ ବୟସ-୮୬ରେ ଇହଲୀଳା ସମ୍ବରଣ କଲେ। ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ସମିତି ତରଫରୁ ଶ୍ରୀଜଗନ୍ନାଥ ଓ ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ଶୋକସନ୍ତପ୍ତ ପରିବାରଙ୍କୁ ଶକ୍ତି ଓ ଶାନ୍ତି ପ୍ରଦାନ କରନ୍ତୁ।
ଧ-୨୭୨୮୬

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନବୀନ ଚନ୍ଦ୍ର ନାୟକ
ଓଏସ୍‌ଏପି ୩ ବାଟାଲିୟନ, କୋରାପୁଟ
ଅବସରପ୍ରାପ୍ତ ଭାରପ୍ରାପ୍ତ କମାଣ୍ଡେଣ୍ଟ (୧୯୯୭, ମାର୍ଚ୍ଚ)
ବର୍ତ୍ତମାନ ଠିକଣା- ପାଙ୍ଗିଡ଼ି, ବୁଗୁଡ଼ା
ପୈତୃକ ବାସସ୍ଥାନ- ଘୁ.ନୂଆଗାଁ, ଭଞ୍ଜନଗର
ଆବିର୍ଭାବ: ୦୨।୦୭।୧୯୩୯
ତିରୋଧାନ: ୦୧।୧୦।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁଅ: ସରୋଜ, ମନୋଜ, ଦୀପକ; ବୋହୂ: ଶର୍ମିଷ୍ଠା, ମଞ୍ଜିଲ, ଜୟା; ଝିଅ: ନନ୍ଦିନୀ, ଇତିଶ୍ରୀ, ଜ୍ୱାଇଁ: ସୁମନ୍ତ, ମନୋଜ; ନାତି ନାତୁଣୀ: ସୋନି, ଅଭି, ରାଜା, ରାଣୀ, ସ୍ନେହା, କାହ୍ନା, ବେବିଲି, କ୍ରିଶ୍ନୁ, ମେଘା, ଅନନ୍ୟା, ଆରିୟା, ପରିବାର ଓ ବନ୍ଧୁବର୍ଗ।
ଧ-୧୮୭୨୬

# କୋଲକାତାର ବୃହତ୍ ବିଜୟ

ଆବୁଧାବି,୨୪।୧୦(ପି.ଟି.)

ନୀତୀଶ ରାଣା ଓ ସୁନୀଲ ନାରିନଙ୍କ ଦମ୍ଦାର ବ୍ୟାଟିଂ ଓ ଲେଗ୍ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଚମତ୍କାର ପ୍ରଦର୍ଶନ ବଳରେ କୋଲକାତା ନାଇଟ ରାଇଡର୍ସ ଇନ୍‌ଫର୍ମ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଏକ ବୃହତ୍ ବିଜୟ ହାସଲ କରିଛି। ଶନିବାର ସ୍ଥାନୀୟ ଶେଖ ଜାଏଦ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୨ତମ ମ୍ୟାଚ୍‌ରେ କୋଲକାତା ୫୯ ରନରେ ଦିଲ୍ଲୀକୁ ହରାଇଛି। ଏଥିସହ କୋଲକାତା ଏପର୍ଯ୍ୟନ୍ତ ୧୧ଟି ମ୍ୟାଚ୍ ଖେଳି ୬ ବିଜୟ, ୫ ପରାଜୟ ସହ ୧୨

## ବରୁଣ ଚକ୍ରବର୍ତ୍ତୀଙ୍କୁ ୫ ଉଇକେଟ

ପଏଣ୍ଟ ହାସଲ କରି ତାଲିକାର ଚତୁର୍ଥ ସ୍ଥାନ ବଜାୟ ରଖିଛି। ଅନ୍ୟପଟେ ଦିଲ୍ଲୀ ପରାସ୍ତ ହୋଇଥିଲେ ମଧ୍ୟ ୧୧ ମ୍ୟାଚ୍ ଖେଳି ୭ ବିଜୟ, ୪ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ପୂର୍ବପରି ଦ୍ୱିତୀୟ ସ୍ଥାନରେ ରହିଛି। ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କୋଲକାତା ୬ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୯ ଉଇକେଟ ହରାଇ ୧୩୫ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ମାତ୍ର ୨୦ ରନ ବ୍ୟୟ କରି ମୂଲ୍ୟବାନ ୫ ଉଇକେଟ ହାସଲ କରିଥିବା କୋଲକାତା ବୋଲର ବରୁଣ ଚକ୍ରବର୍ତ୍ତୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୯୫ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଦିଲ୍ଲୀ ମାତ୍ର ୧୩ ରନରେ ଦୁଇ ଅଭିଜ୍ଞ ଓପନରଙ୍କୁ ହରାଇଥିଲା। ଇନ୍‌ଫର୍ମ ଶିଖର ଧାୱନ ୬ ଓ ଅଜିଙ୍କ୍ୟ ରାହାନେ ୬ ରନ ରନ କରି ପ୍ୟାଟ୍ କୁମିନ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ଅଧିନାୟକ ଶ୍ରେୟାସ ଆୟାର (୪୭ ରନ, ୩୮ ବଲ, ୫ ଚୌକା) ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ (୨୭ ରନ, ୩୩ ବଲ, ୨ ଚୌକା, ୧ ଛକା) ୫୫ ବଲରୁ ୬୩ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ଦୁହେଁ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଆଉଟ ହୋଇଥିଲେ। ସିମରନ ହେଟ୍‌ମେୟର ୧୦ ରନ କରି ଆଉଟ ହୋଇଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ୧୩ ବଲରୁ ୨ ଚୌକା ସହ ୧୪ ରନ କରି ଅପରାଜିତ ରହିଥିଲେ। ବାକି ୭ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଦିଲ୍ଲୀ ବ୍ୟାଟ୍ସମ୍ୟାନ ଚକ୍ରବର୍ତ୍ତୀଙ୍କ ବଲ୍‌ର ସାମ୍ନା କରିପାରି ନ ଥିଲେ। ବୋଲିଂରେ ଚକ୍ରବର୍ତ୍ତୀ ୫ ଉଇକେଟ ହାସଲ କରିଥିବା ବେଳେ ପ୍ୟାଟ୍ କୁମିନ୍ସ ୩ ଓ ଲୋକି ଫର୍ଗୁସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ଓପନର ଶୁବମନ ଗିଲ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୯ ରନ କରି ଗିଲ୍ ଅନରିଚ୍ ନୋର୍ଜଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ରାହୁଲ ତ୍ରିପାଠୀ ୧୩, ଦୀନେଶ କାର୍ତ୍ତିକ ୩ ରନ କରି ଯଥାକ୍ରମେ ନୋର୍ଜ ଓ କାଗିସୋ ରାବାଡ଼ାଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ଇଅନ ମୋର୍ଗାନ ୧୭ ରନ କରି ମାର୍କୁସ ଷ୍ଟୋଇନିସ୍‌ଙ୍କ ଶିକାର ହୋଇଥିଲେ। ତେବେ ଓପନିଂ କରିବାକୁ ଆସିଥିବା ନୀତୀଶ ରାଣା ନିଜର ଦମ୍ ଦେଖାଇଥିଲେ। ସେ ୫୩ ବଲରୁ ୧୩ ଚୌକା ଓ ୧ ଛକା ସହ ୮୧ ରନର ଦ୍ରୁତ ପାଳି ଖେଳିଥିଲେ। ତାଙ୍କୁ ସହଯୋଗ କରିଥିଲେ ନାରିନ। ନାରିନ ମାତ୍ର ୩୨ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୪ ଛକା ସହ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଚତୁର୍ଥ ଉଇକେଟରେ ରାଣା ଓ ନାରିନ୍ ୫୬ ବଲରୁ ୧୧୫ ରନକରି ଦଳକୁ ବଡ଼ ସ୍କୋର ପ୍ରଦାନ କରିଥିଲେ। ବୋଲିଂରେ ଦିଲ୍ଲୀ ପକ୍ଷରୁ ନୋର୍ଜ, ରାବାଡ଼ା ଓ ଷ୍ଟୋଇନିସ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ସୁଇପ୍ ଶଟ୍ ଖେଳୁଛନ୍ତି ନୀତୀଶ ରାଣା।

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୯୪/୬, (ରାଣା– ୮୧, ନାରିନ– ୬୪, ନୋର୍ଜ– ୨/୨୭, ରାବାଡ଼ା– ୨/୩୩, ଷ୍ଟୋଇନିସ– ୨/୪୧)।
ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୩୫/୯, (ଆୟାର– ୪୭, ପନ୍ତ– ୨୭, ଚକ୍ରବର୍ତ୍ତୀ– ୫/୨୦, କୁମିନ୍ସ– ୩/୧୭, ଫର୍ଗୁସନ– ୧/୩୦)।

# ହାଇଦ୍ରାବାଦ୍‌କୁ ହରାଇଲା ପଞ୍ଜାବ

ଦୁବାଇ,୨୪।୧୦(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୩ତମ ମ୍ୟାଚ୍‌ରେ ଶନିବାର କିଙ୍ଗ୍ସ ଏକାଦଶ ପଞ୍ଜାବ ୧୨ ରନରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ ପରି ପଞ୍ଜାବ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ସୁବିଧାଜନକ ସ୍ଥିତିରେ ଥାଇ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୧୯.୫ ଓଭରରେ ୧୧୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଅଧିନାୟକ ଡେଭିଡ୍ ୱାର୍ନର ୩୫, ଜନି ବେୟାରଷ୍ଟୋ ୧୯, ଅବଦୁଲ ସମାଦ ୭, ମନୀଷ ପାଣ୍ଡେ ୧୫, ବିଜୟ ଶଙ୍କର ୨୬, ଜାସନ ହୋଲ୍ଡର ୫ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ନିରାଶ କରିଥିଲେ। ବୋଲିଂରେ ଅର୍ଶଦୀପ ସିଂ ଓ କ୍ରିସ୍ ଜୋର୍ଡାନ ୩ଟି ଲେଖାଏ, ମହମ୍ମଦ ସାମି, ମୁରୁଗାନ ଅଶ୍ୱିନ ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବ ତରଫରୁ ପ୍ରଥମ ଉଇକେଟରେ ଅଧିନାୟକ ଲୋକେଶ ରାହୁଲ ଓ ମନଦୀପ ସିଂ ୩୦ ବଲରୁ ୩୭ ରନ ସଂଗ୍ରହ କରିଥିଲେ। ମନଦୀପ ୧୭ ରନକରି ଆଉଟ ହୋଇଥିଲେ। କ୍ରିସ୍ ଗେଲ ୨୦ ରନ କରି ଜାସନ ହୋଲ୍ଡରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ରାହୁଲ ୨୭ ରନକରି ଜମିଆସୁଥିବା ବେଳେ ରସିଦ ଖାନଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଗ୍ଲେନ୍ ମ୍ୟାକ୍ସୱେଲ ୧୩ ବଲରୁ ୧୨ ରନ କରି ଲଙ୍ଗ୍ ଅନ୍‌ରେ ୱାର୍ନରଙ୍କୁ କ୍ୟାଚ୍ ଦେଇ ସନ୍ଦୀପଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। କ୍ରିସ୍ ଜୋର୍ଡାନ ୭, ମୁରୁଗାନ ଅଶ୍ୱିନ ୪ ରନକରି ଆଉଟ ହୋଇଥିଲେ । ନିକୋଲାସ ପୁରନ ୨୮ ବଲରୁ ୨ ଚୌକା ସହ ୩୨ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ୍ ତରଫରୁ ସନ୍ଦୀପ, ହୋଲ୍ଡର ଓ ରସିଦ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ଉଇକେଟ ହାସଲ ପରେ ଉଲ୍ଲସିତ ରସିଦ୍ ଖାନ୍।

### ସଂକ୍ଷିପ୍ତ ସ୍କୋର

କିଙ୍ଗ୍ସ ଏକାଦଶ ପଞ୍ଜାବ ୨୦ ଓଭରରେ ୧୨୬/୭, (ପୁରନ– ୩୨*, ରାହୁଲ– ୨୭, ଗେଲ୍– ୨୦, ମନଦୀପ୍–୧୭, ମ୍ୟାକ୍ସୱେଲ– ୧୨, ସନ୍ଦୀପ– ୨/୨୯, ହୋଲ୍ଡର– ୨/୨୭, ରସିଦ– ୨/୧୪ )।
ସନରାଇଜର୍ସ ହାଇଦ୍ରାବାଦ୍ ୧୯.୫ ଓଭରରେ ୧୧୪ , (ୱାର୍ନର– ୩୫, ବେୟାରଷ୍ଟୋ– ୧୯, ପାଣ୍ଡେ– ୧୫, ଶଙ୍କର– ୨୬, ସାମି– ୧/୩୪, ମୁରୁଗାନ ଅଶ୍ୱିନ– ୧/୨୭, ବିଷ୍ଣୋଇ– ୧/୧୩, ଜୋର୍ଡାନ– ୩/୧୭, ଅର୍ଶଦୀପ–୩/୨୩ )।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୭ | ୩ | ୧୪ | +୧.୪୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୭ | ୪ | ୧୪ | +୦.୪୩୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୭ | ୩ | ୧୪ | +୦.୧୮୨ |
| ନାଇଟ ରାଇଡର୍ସ | ୧୧ | ୬ | ୫ | ୧୨ | –୦.୪୭୬ |
| କିଙ୍ଗ୍ସ ଇଲେଭେନ | ୧୧ | ୫ | ୬ | ୧୦ | –୦.୧୦୩ |
| ସନ୍‌ରାଇଜର୍ସ | ୧୧ | ୪ | ୭ | ୮ | +୦.୦୨୯ |
| ରାଜସ୍ଥାନ ରୟାଲ୍ସ | ୧୧ | ୪ | ୭ | ୮ | –୦.୬୨୦ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୧ | ୩ | ୮ | ୬ | –୦.୭୩୩ |

# ଚେନ୍ନାଇ-ବାଙ୍ଗାଲୋର ମୁକାବିଲା ଆଜି

**ଦୁବାଇ,୨୪।୧୦(ପି.ଟି.):** ରବିବାର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମୁହାଁମୁହିଁ ହେବେ। ଆଇପିଏଲ୍‌ର ଏହି ୪୪ତମ ମ୍ୟାଚ୍‌ରେ ଚେନ୍ନାଇ ପାଇଁ ଅପେକ୍ଷାକୃତ ଅଧିକ ସମସ୍ୟା ରହିଛି। ଏଥର ଆଇପିଏଲ୍ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ଏପର୍ଯ୍ୟନ୍ତ ୧୧ଟି ମ୍ୟାଚ୍ ଖେଳି ଚେନ୍ନାଇ ୩ ବିଜୟ ଓ ୮ ପରାଜୟ ସହ ୬ ପଏଣ୍ଟ ହାସଲ କରି ତାଲିକାର ନିମ୍ନତମ ସ୍ଥାନରେ ରହିଛି। ଚେନ୍ନାଇର ପ୍ଲେ- ଅଫ୍ ଆଶା ଏବେ ଆହୁରି କ୍ଷୀଣ ହୋଇଛି। ଚେନ୍ନାଇକୁ ଏବେ ବାକି ଥିବା ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହେବା ସହ ନେଟ୍ ରନ୍‌ରେଟ୍‌ରେ ଉନ୍ନତି ଆଣିବାକୁ ହେବ। ପୁଣି ଟୁର୍ନାମେଣ୍ଟର ବାକିଥିବା ମ୍ୟାଚ୍‌ଗୁଡ଼ିକର ଫଳାଫଳ ଚେନ୍ନାଇକୁ ସୁହାଇବା ଆବଶ୍ୟକ। ୩ଥର ଆଇପିଏଲ୍ ଟାଇଟଲ ହାସଲ କରିଥିବା ଚେନ୍ନାଇ ଏଥର ନିହାତି ମାମୁଲି ପ୍ରଦର୍ଶନ କରି ସଂଘର୍ଷ କରୁଛି। ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂରେ ଦଳ ଖରାପ ପ୍ରଦର୍ଶନ କରିଛି। ଏଥିପାଇଁ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ବେଶ୍ ସମାଲୋଚିତ ହୋଇଛନ୍ତି। ତେଣୁ ଚେନ୍ନାଇକୁ ସବୁ ବିଭାଗରେ ଭଲ ପ୍ରଦର୍ଶନ କରିବାକୁ ହେବ।

ଅପରପକ୍ଷରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ବାଙ୍ଗାଲୋର ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳି ୭ ବିଜୟ, ୩ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଟେବୁଲ ଟପ୍ପର ମୁମ୍ବାଇ ଓ ଦ୍ୱିତୀୟ ସ୍ଥାନରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ସମାନ ୧୪ ପଏଣ୍ଟ ପାଇଥିଲେ ମଧ୍ୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବାଙ୍ଗାଲୋର ଆଉ ୨ ପଏଣ୍ଟ ହାସଲ କରିବା ସହ ରନ୍ ରେଟ୍‌ରେ ଉନ୍ନତି ଆଣିବାକୁ ପ୍ରୟାସ କରିବ। ରାଜସ୍ଥାନ ଓ କୋଲକାତାକୁ ହରାଇ ବାଙ୍ଗାଲୋର ତା'ର ଆତ୍ମବିଶ୍ୱାସକୁ ଆହୁରି ଦୃଢ କରିଛି। ବୋଲିଂ ଓ ବ୍ୟାଟିଂରେ ବାଙ୍ଗାଲୋର ତା'ର ଲୟ ଫେରିପାଇଛି। ଦଳରେ ଏକାଧିକ ତାରକା ତଥା ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ରହିଛନ୍ତି। ଚେନ୍ନାଇ ବିପକ୍ଷରେ ବାଙ୍ଗାଲୋର ଫେଭରାଇଟ୍ ମନେ ହେଉଛି।

### ଆଇପିଏଲ୍
(ରବିବାର ମ୍ୟାଚ୍)

ରୟାଲ ଚ୍ୟାଲେଞ୍ଜର୍ସ ବନାମ ସୁପରକିଙ୍ଗ୍ସ
**ସ୍ଥାନ:** ଦୁବାଇ, **ସମୟ:** ଅପରାହ୍ନ ୩ଟା ୩୦

ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦

**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

# କର ବା ମର ସ୍ଥିତିରେ ରାଜସ୍ଥାନ


ରୋହିତ ଶର୍ମା ଓ ଷ୍ଟିଭ୍ ସ୍ମିଥ୍।

**ଆବୁଧାବି,୨୪।୧୦(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୫ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ଶେଖ ଜାଏଦ ଷ୍ଟାଡିୟମରେ ରବିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ କର ବ ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ପ୍ଲେ- ଅଫ୍ ଆଶା ଉଜ୍ଜୀବିତ ରଖିବା ପାଇଁ ରାଜସ୍ଥାନକୁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇପଡ଼ିଛି।

ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ଅନୁପସ୍ଥିତି ସତ୍ତ୍ୱେ ମୁମ୍ବାଇ କିରନ ପୋଲାର୍ଡଙ୍କ ନେତୃତ୍ୱରେ ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗ୍ସକୁ ୧୦ ଉଇକେଟରେ ପରାସ୍ତ କରି ତା'ର ଅଭିଯାନକୁ ଆହୁରି ଦୃଢ଼ କରିଛି। ଅନ୍ୟପଟେ ରାଜସ୍ଥାନ ତା'ର ଗତ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍‌ଠାରୁ ପରାସ୍ତ ହୋଇଥିଲା। ମୁମ୍ବାଇ ୧୦ଟି ମ୍ୟାଚ୍ ଖେଳି ୭ ବିଜୟ, ୩ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ରାଜସ୍ଥାନ ୧୧ ମ୍ୟାଚ୍‌ରୁ ୪ ବିଜୟ, ୭ ପରାଜୟ ସହ ୮ ପଏଣ୍ଟ ହାସଲ କରି ସପ୍ତମ ସ୍ଥାନରେ ରହିଛି। ବୋଲିଂ ଓ ବ୍ୟାଟିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମୁମ୍ବାଇ ଜବରଦସ୍ତ ଫର୍ମରେ ରହିଛି। ଅନ୍ୟପଟେ ରାଜସ୍ଥାନ ସଂଘର୍ଷ କରୁଛି। ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଦଳର ବାରମ୍ବାର ପରିବର୍ତ୍ତନ କରୁଥିଲେ ମଧ୍ୟ ରାଜସ୍ଥାନ ସଫଳ ହୋଇପାରିନି। ଦଳରେ ବେନ୍ ଷ୍ଟୋକ୍ସ, ସଞ୍ଜୁ ସାମସନ, ଜୋଶ ବଟଲରଙ୍କ ପରି କ୍ୱାଲିଟି ବ୍ୟାଟ୍ସମ୍ୟାନ ଥିଲେ ମଧ୍ୟ ଦଳର ସମସ୍ୟାର ସମାଧାନ ହୋଇନାହିଁ। ଦଳଗତ ପ୍ରଦର୍ଶନରେ ରାଜସ୍ଥାନ ପଛୁଆ ରହିଛି। ଅଲରାଉଣ୍ଡର ରାହୁଲ ଟେୱାଟିଆ ବଲ ଓ ବ୍ୟାଟ୍‌ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଦଳକୁ ଜିତାଇପାରୁ ନାହାନ୍ତି। ବୋଲିଂରେ ରାଜସ୍ଥାନ ମଧ୍ୟ ସ୍ଥିରତା ଆଣିପାରିନାହିଁ। ତେବେ ଜୋଫ୍ରା ଆର୍ଚର ଭଲ ପ୍ରଦର୍ଶନ କରିଛନ୍ତି। ଶକ୍ତିଶାଳୀ ମୁମ୍ବାଇକୁ ହରାଇବାକୁ ହେଲେ ରାଜସ୍ଥାନକୁ ଅଲରାଉଣ୍ଡ ପ୍ରଦର୍ଶନ କରିବାକୁ ହେବ।

# କ୍ରିକେଟରୁ ତନ୍ମୟଙ୍କ ଅବସର


୨୦୦୮ ୧୯ ବର୍ଷରୁ କମ୍ ବିଶ୍ୱକପ ସହ ବିରାଟ କୋହଲି ଓ ତନ୍ମୟ ଶ୍ରୀବାସ୍ତବ (ଡାହାଣ)।

ମୁମ୍ବାଇ, ୨୪।୧୦ (ପି.ଟି.)

୧୯ ବର୍ଷରୁ କମ୍ ବିଶ୍ୱକପ୍ ୨୦୦୮ ବିଜୟୀ ଦଳର ଅନ୍ୟତମ ବ୍ୟାଟ୍ସମ୍ୟାନ ତନ୍ମୟ ଶ୍ରୀବାସ୍ତବ ଶନିବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୩୦ ବର୍ଷୀୟ ବାମହାତୀ ଖେଳାଳି କିନ୍ତୁ ତାଙ୍କ ଭବିଷ୍ୟତ ଯୋଜନା ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି। କାନପୁରରେ ଜନ୍ମଗ୍ରହଣ କରିଥିବା ତନ୍ମୟ କହିଛନ୍ତି ଜୁନିୟର କ୍ରିକେଟ, ରଣଜୀ ଟ୍ରଫି ସ୍ତରରେ ନିଜ ସାମର୍ଥ୍ୟ ଅନୁସାରେ ସେ ସବୁକିଛି ହାସଲ କରିପାରିଛନ୍ତି। ବିଶେଷ କରି ୨୦୦୮ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଦେଶକୁ କପ୍ ଆଣିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। କ୍ରିକେଟ କ୍ୟାରିୟରରେ ସହଯୋଗ ପାଇଁ ସେ ତାଙ୍କ କୋଚ୍, ଉତ୍ତରପ୍ରଦେଶ କ୍ରିକେଟ ପ୍ରଶାସନ, ପିତାମାତା ଓ ସ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତନ୍ମୟ ୯୦ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୧୦ ଶତକ ଓ ୨୭ ଅର୍ଦ୍ଧଶତକ ସହ ୪,୯୧୮ ରନ ସଂଗ୍ରହ କରିଥିଲେ। ହେଲେ ସେ ଜାତୀୟ ସିନିୟର ଦଳରେ ସ୍ଥାନ ପାଇ ପାରି ନ ଥିଲେ। ଘରୋଇ କ୍ରିକେଟରେ ସେ ଉତ୍ତର ପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିଲେ। ପରେ ସେ ଉତ୍ତରାଖଣ୍ଡର ଅଧିନାୟକ ଭାବେ ଦାୟିତ୍ୱ ତୁଲାଇଥିଲେ। ମାଲେସିଆରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ତନ୍ମୟ ଟୁର୍ନାମେଣ୍ଟର ଅଗ୍ରଣୀ ସ୍କୋରର ଥିଲେ। ସେ ୨୬୨ ରନ ସ୍କୋର କରିଥିଲେ। ଫାଇନାଲରେ ଭାରତୀୟ ଦଳକୁ ଜିତାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେ ଏଥିରେ ୪୩ ରନ ସ୍କୋର କରିଥିଲେ। ୨୦୦୮ରେ ୧୯ ବର୍ଷରୁ କମ୍ ଦଳର ଅଧିନାୟକ ଥିଲେ ବର୍ତ୍ତମାନର ଭାରତ ଅଧିନାୟକ ବିରାଟ କୋହଲି।

# ମହିଳା ଓ ପୁରୁଷ ଦଳ ଫାଇନାଲରେ

ଚେନ୍ନାଇ, ୨୪।୧୦ (ପି.ଟି.)

ଆର୍. ବୈଶାଳୀ ଓ ବି. ଅଧୀବନଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଟପ୍ ସିଡ୍ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଏସିଆନ ଅନ୍‌ଲାଇନ୍ ଟିମ୍ ଚେସ୍ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ସେମାନେ ଯଥାକ୍ରମେ ମଙ୍ଗୋଲିଆ ଓ କାଜାଖସ୍ତାନ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ମହିଳା ଦଳ ୩.୫–୦.୫ ଏବଂ ୪–୦ରେ

## ଏସିଆନ ଅନ୍‌ଲାଇନ୍ ଟିମ୍ ଚେସ୍

ବିଜୟ ଲାଭ କରିଥିବାବେଳେ ପୁରୁଷ ଦଳ ୨.୫–୧.୫ ଏବଂ ୩.୧ରେ ବିଜୟୀ ହୋଇଛି। ପୁରୁଷ ବିଭାଗରେ ବି. ଅଧିବନ ଟପ୍ ବୋର୍ଡର ଉଭୟ ମ୍ୟାଚ୍‌ରେ ରିନାତ ଜୁମାବାୟେଭଙ୍କୁ ପରାସ୍ତ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଅଧୀବନଙ୍କ ବିଜୟ ହାସଲ କରିଥିବାବେଳେ ନିହାଲ ସରିନ୍. ଏସ୍‌ପି ସେଥୁରମନ ଏବଂ କେ. ଶଶିକିରଣ ସେମାନଙ୍କ ଗେମ୍ ଡ୍ର' ରଖିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅଧିବନ, ସରିନ ଏବଂ ସେଥୁରମଣ ସେମାନଙ୍କ ଗେମ୍‌ରେ ବିଜୟ ହାସଲ କରିଥିବାବେଳେ ଡେନିସ ମାଖନେଭଙ୍କଠାରୁ ଶଶିକିରଣ ପରାଜିତ ହୋଇଯାଇଥିଲେ। ସୂର୍ଯ୍ୟ ଶେଖର ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ରବିବାର ଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ। ଗାଙ୍ଗୁଲି କିନ୍ତୁ ଶନିବାର ମ୍ୟାଚ ଖେଳି ନ ଥିଲେ। ମହିଳା ସେମିଫାଇନାଲରେ କିନ୍ତୁ ଭାରତ ଉଭୟ ମ୍ୟାଚରେ ସହଜ ବିଜୟ ହାସଲ



କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଟପ୍ ବୋର୍ଡରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଆର. ବୈଶାଳୀ ବାତଖୁୟାଗ ମଙ୍ଗୁଣ୍ଟୁଲ୍ ବିପକ୍ଷ ଉଭୟ ଗେମ୍ ଜିତିଥିଲେ। ପ୍ରଥମ ମ୍ୟାଚରେ ବୈଶାଳୀଙ୍କ ବ୍ୟତୀତ ପଦ୍ମିନୀ ରାଉତ ଓ ପି. ନନ୍ଧିଧା ସେମାନଙ୍କ ବିପକ୍ଷ ଗେମ୍‌ରେ ବିଜୟୀ ହୋଇଥିବାବେଳେ ଗୋମ୍ସ ତାଙ୍କ ଗେମ୍ ଡ୍ର ରଖିଥିଲେ। ଦ୍ୱିତୀୟ ମ୍ୟାଚରେ ବୈଶାଳି, ଭକ୍ତି କୁଲକର୍ଣ୍ଣୀ, ରାଉତ ଓ ନନ୍ଧିଧାଙ୍କ ବିଜୟ ଫଳରେ ଭାରତୀୟ ଦଳ ୪–୦ରେ ଜିତିଥିଲା।

# 'ପରଫର୍ମାନ୍ସ-ଗ୍ରେଡେଡ୍ ରେସ୍' ଆୟୋଜନ କରିବ ଏଚ୍‌ପିସି

ଭୁବନେଶ୍ୱର, ୨୪।୧୦

ଓଡ଼ିଶାର ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଫର ଆଥଲେଟ୍ ଏବେ ଏକ ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଉଦୀୟମାନ ଆଥଲେଟଙ୍କ ଉନ୍ନତି ପାଇଁ ଏଚ୍‌ପିସି ପରଫର୍ମାନ୍ସ-ଗ୍ରେଡେଡ୍ ରେସ୍‌ର ଆୟୋଜନ କରିବ। ରାଜ୍ୟ ସରକାର ଓ ରିଲାଏନ୍ସ ଫାଉଣ୍ଡେଶନ ମିଳିତ ସହଯୋଗରେ ପ୍ରତିଷ୍ଠା ହୋଇଥିବା ଏଚ୍‌ପିସି ଏହାଦ୍ୱାରା ଆଥଲେଟ୍‌ମାନଙ୍କ ପ୍ରଗତିକୁ ମଧ୍ୟ ଆକଳନ କରିପାରିବ। ୨୯ଜଣ ଉଦୀୟମାନ ଆଥଲେଟ୍ ଏଥିରେ ସାମିଲ ହେବେ। ଏଥିରେ ବୟସ ଓ ଜେଣ୍ଡରକୁ ନେଇ ଗ୍ରୁପ୍ ସୃଷ୍ଟି କରାଯିବନାହିଁ।

ଆୟୋଜିତ ହେବାକୁ ଥିବା ଏହି ରେସ୍ ତଥା ପ୍ରତିଯୋଗିତା ଏସ୍‌ପିସି ମୁଖ୍ୟ ଜେମ୍ସ ହିଲେରଙ୍କ ମାନସ ସନ୍ତାନ ବୋଲି କୁହାଯାଉଛି। ୧୩ରୁ ୧୭ ବର୍ଷ ମଧ୍ୟର ଆଥଲେଟମାନେ ଏହାଦ୍ୱାରା ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାର ଏକ ନିଆରା ଅଭିଜ୍ଞତା ହାସଲ କରିବେ ବୋଲି ହିଲେର କହିଛନ୍ତି। ଏହ ରେସ୍‌ରେ ନିଜର ଟାଇମିଂ ଦ୍ୱାରା ଆଥଲେଟମାନେ ନିଜକୁ ପୃଥକ ଭାବେ ଉପସ୍ଥାପନା କରିପାରିବେ ସେ କହିଛନ୍ତି।


ହାଇ ପରଫର୍ମାନ୍ସ ସେଣ୍ଟର।

## ଆଥଲେଟ୍‌ଙ୍କ ପ୍ରଗତି ଆକଳନ

ଏକ ଦୁର୍ବଳ ତଥା ନିମ୍ନମାନର ରେସ୍ ବିଜୟୀ ହେବା ଅପେକ୍ଷା ଏକ ଉଚ୍ଚକୋଟୀର ତଥା ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପଞ୍ଚମସ୍ଥାନରେ ରହିବା ଶ୍ରେୟସ୍କର ବୋଲି ବ୍ରିଟେନର ଏହି ପୂର୍ବତନ ଆଥଲେଟ କହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଜୈବ ସୁରକ୍ଷିତ ପରିବେଶରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ୩ ପର୍ଯ୍ୟାୟରେ ଆୟୋଜନ ହେବ। ସ୍ପ୍ରିଣ୍ଟ, ମିଡଲ ଓ ଲଙ୍ଗ ଡିଷ୍ଟାନ୍ସ ଦୌଡ଼ ସହ ହର୍ଡଲ୍ସ ରେସ୍ ମଧ୍ୟ ଆୟୋଜନ ହେବ।

ପ୍ରତିଯୋଗିତାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଅକ୍ଟୋବର ୨୮ ଓ ୩୧ ତାରିଖରେ ଆୟୋଜନ ହେବ। ଗ୍ରାଣ୍ଡ ଫାଇନାଲ ନଭେମ୍ବର ୮ ତାରିଖରେ ଖେଳାଯିବ। ପବନର ଗତି ସହିତ ଆମର ସ୍ପ୍ରିଣ୍ଟ ଇଭେଣ୍ଟଗୁଡ଼ିକ ଆୟୋଜନ ହେବ। ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆମେ ଇଭେଣ୍ଟଗୁଡ଼ିକୁ ଆୟୋଜନ କରିବୁ। ତେଣୁ ଭିନ୍ନଭିନ୍ନ ବୟସ ଓ ଲିଙ୍ଗର ଆଥଲେଟମାନେ ଗୋଟିଏ ରେସ୍‌ରେ ଅଂଶଗ୍ରହଣ କରିବା ସମ୍ଭବ ବୋଲି ସେ କହିଛନ୍ତି। ଏହି ଆଥଲେଟମାନେ ଓଡ଼ିଶାର ଓ ଏମାନେ ଭୁବନେଶ୍ୱରର ଷ୍ଟେଟ୍ ସ୍ପୋର୍ଟ୍ସ ହଷ୍ଟେଲରେ ରହୁଛନ୍ତି। ଏକାଡେମୀରେ ରହୁଥିବା ଆଥଲେଟମାନଙ୍କ ବୟସ ୧୬ କିମ୍ବା ତା'ଠାରୁ ଅଧିକ। ଏହି ଆଥଲେଟମାନେ ଏବେ ନିଜ ଇଭେଣ୍ଟରେ ଭଲ ପ୍ରଦର୍ଶନ କରୁଛନ୍ତି ଓ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଛନ୍ତି। କୌଣସି ଜାତୀୟସ୍ତରର ଇଭେଣ୍ଟରେ ମେଡାଲ ଜିତିବାଠାରୁ ଏହି ଆଥଲେଟମାନେ ଦୁଇବର୍ଷ ପଛରେ ରହିଛନ୍ତି। ଏଚ୍‌ପିସି ଏକାଡେମୀରେ ୬ଜଣ ଓଡ଼ିଆଙ୍କ ସମେତ ୯ଜଣ ଆଥଲେଟ ସାମିଲ ଅଛନ୍ତି ଓ ଏମାନେ କଳିଙ୍ଗ ଷ୍ଟାଡିୟମରେ ରହୁଛନ୍ତି। ଏହି ପ୍ରତିଯୋଗିତା ଦ୍ୱାରା ଆଥଲେଟଙ୍କ ପ୍ରଦର୍ଶନକୁ ଆକଳନ କରିହେବ ଓ ଏମାନେ ନିଶ୍ଚିତ ଭାବେ ଉନ୍ନତି କରିଥିବେ ବୋଲି ହିଲେର କହିଛନ୍ତି। ବ୍ରିଟେନରେ ପୂର୍ବରୁ ହିଲେର ଏପରି ଏକାଧିକ ଏକ୍ସପେରିମେଣ୍ଟ କରିଛନ୍ତି। କୋଭିଡ୍–୧୯ କାରଣରୁ ପ୍ରତିଯୋଗିତାଗୁଡ଼ିକୁ ଏଚ୍‌ପିସି ଏକାଡେମୀରେ ସୀମିତ ରଖାଯିବ। ତେବେ ଆସନ୍ତାବର୍ଷ ଏଚ୍‌ପିସି ବାହାରେ ଇଭେଣ୍ଟଗୁଡ଼ିକ ଆୟୋଜନ କରାଯିବ।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଲୁଇସ୍ ହାମିଲଟନଙ୍କୁ ପୋଲ୍ ପୋଜିଶନ

**ପୋର୍ଟିମାଓ, ୨୪।୧୦ (ଏପି):** ମର୍ସିଡିଜ୍ ଟିମ୍‌ମେଟ୍ ଭାଲଟେରି ବୋଟାସ୍‌ଙ୍କୁ ପଛରେ ପକାଇ ଲୁଇସ୍ ହାମିଲଟନ ପର୍ତ୍ତୁଗିଜ୍ ଫର୍ମୁଲା ୱାନ ଗ୍ରାଁ ପ୍ରି ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ୯୭ତମ ପୋଲ ପୋଜିଶନ। ରବିବାର ରେସ୍‌ରେ ଯଦି ସେ ବିଜୟ ହାସଲ କରନ୍ତି ତେବେ ଏହା ତାଙ୍କର ୯୨ତମ ଫର୍ମୁଲା ୱାନ୍ ଟାଇଟଲ ହେବ। ସେ କିମ୍ବଦନ୍ତୀ ମାଇକେଲ ସୁମାକରଙ୍କୁ ପଛରେ ପକାଇ ସର୍ବକାଳୀନ ରେକର୍ଡର ଅଧିକାରୀ ହେବେ। ଦୁଇ ସପ୍ତାହ ପୂର୍ବେ ଜର୍ମାନୀରେ ଅନୁଷ୍ଠିତ ଇଫେଲ ଗ୍ରାଁ ପ୍ରିରେ ବିଜୟ ହାସଲ ପରେ ହାମିଲଟନ ସୁମାକରଙ୍କ ଫର୍ମୁଲା ୱାନ୍ ରେକର୍ଡ ୯୧ର ସମକକ୍ଷ ହୋଇଥିଲେ। ଏଠାରେ ଶନିବାର ଅନୁଷ୍ଠିତ କ୍ୱାଲିଫାଇଙ୍ଗ ରେସ୍‌ରେ ସେ ବୋଟାସ୍‌ଙ୍କୁ .୧ ସେକେଣ୍ଡ ପଛରେ ପକାଇ ଦେଇଥିଲେ। ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ .୨୫ ସେକେଣ୍ଡ ପଛରେ ତୃତୀୟ ଏବଂ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଚତୁର୍ଥ ହୋଇଥିଲେ। ପୂର୍ବତନ ଫର୍ମୁଲା ୱାନ ଚାମ୍ପିୟନ କିମି ରାଇକୋନେନଙ୍କ ସମେତ ୫ ଡ୍ରାଇଭର କ୍ୟୁ-୧ରୁ ବାଦ୍ ପଡ଼ିଯାଇଥିଲେ।




## ସବୁ ଫର୍ମାଟ୍‌ରେ କୋହଲି ସମ୍ପୂର୍ଣ୍ଣ ଖେଳାଳି: ରୁଟ୍

**ଲଣ୍ଡନ,୨୪।୧୦(ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଇଂଲଣ୍ଡ ଟେଷ୍ଟ କ୍ୟାପ୍‌ଟେନ ଜୋ ରୁଟ୍। ୩ଟି ଯାକ ଫର୍ମାଟ୍‌ରେ କୋହଲି ଜଣେ ସମ୍ପୂର୍ଣ୍ଣ ଖେଳାଳି ବୋଲି ସେ କହିଛନ୍ତି। ତାଙ୍କ ପାଖରେ ସବୁ ପ୍ରକାର ବିକଳ୍ପ ରହିଛି। ସୀମିତ ଓଭର କ୍ରିକେଟରେ ସେ ଅସାଧାରଣ ପ୍ରଦର୍ଶନ କରୁଛନ୍ତି। ତେବେ ନିଜର ବୋଲର ଜୋଶ ବଟଲରଙ୍କୁ ମଧ୍ୟ ସୀମିତ ଓଭରରେ ଜଣେ ଉଚ୍ଚକୋଟୀର ବ୍ୟାଟ୍ସମ୍ୟାନ ବୋଲି ଅଭିହିତ କରିଛନ୍ତି। କୋହଲିଙ୍କ ସମେତ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ, ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ ଓ ରୁଟ୍ ବିଶ୍ୱ କ୍ରିକେଟରେ ଅଗ୍ରଣୀ ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ହେଉଛନ୍ତି। ତେବେ ୩ଟି ଫର୍ମାଟ୍ ଦୃଷ୍ଟିକୋଣରୁ ବିଚାର କଲେ କୋହଲି ଜଣେ ସ୍ୱୟଂ ସମ୍ପୂର୍ଣ୍ଣ ଖେଳାଳି। ସୀମିତ ଓଭର କ୍ରିକେଟରେ ତାଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ। ରନ ଚେଜ୍ କରିବାରେ କୋହଲି ସିଦ୍ଧହସ୍ତ। ଉଭୟ ପେସ୍ ଓ ସ୍ପିନ୍ ବୋଲିଂକୁ ସେ ଭଲ ଭାବେ ଖେଳିପାରନ୍ତି। ତାଙ୍କର ଦୁର୍ବଳତା ବାହାର କରିବା କଷ୍ଟକର ବୋଲି ରୁଟ୍ କହିଛନ୍ତି। ୨୦୧୪ରେ ଇଂଲଣ୍ଡ ଗସ୍ତରେ କୋହଲି ନିରାଶ କରିଥିଲେ। ତେବେ ୨୦୧୮ରେ ସେ ୩ଟି ଫର୍ମାଟ୍‌ରେ ୮୯୪ ରନ ସଂଗ୍ରହ କରିଥିଲେ। ବିଶ୍ୱର ସବୁ ସ୍ଥାନରେ ସେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଏକା ଦଳକୁ ସେ କାନ୍ଧରେ ବୋହିନେବାର କ୍ଷମତା ରଖୁଛନ୍ତି। ତେବେ କୋହଲିଙ୍କ ସହ ନିଜକୁ ତୁଳନା କରିବାକୁ ପସନ୍ଦ କରେନାହିଁ ବୋଲି ସେ କହିଛନ୍ତି।




